# ଏବ୍ରୀ, ସପ୍ତମ ଅଧ୍ୟାୟ ଭାଗ 2

ଆଶୀର୍ବାଦ କରନ୍ତୁ! ମୁଁ ଭାବୁଛି, ଆମ ପାଖରେ ପ୍ରଥମେ, ଏଠାରେ ଏକ ଛୋଟ ଶିଶୁ ଅଛି, ମୋ' ଭାଇ, ଡକ୍ ମୋତେ କିଛି ମିନିଟ୍ ପୂର୍ବରୁ କହିଥିଲେ, ଶରୀରରେ ଥିବା ଭାଇ, ଯାହାକି ଚାହୁଁଥିଲେ...ଉତ୍ସର୍ଗ କରିବା ନିମନ୍ତେ। ଏବଂ ବର୍ତ୍ତମାନ ଯଦି ସେହି ମାତାମାନେ ସେମାନଙ୍କର ସାନ ସାନ ଶିଶୁମାନଙ୍କୁ ପ୍ରସ୍ତୁତ ରଖିଛନ୍ତି ଯାହାକୁ ସେମାନେ ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି, ତାହାହେଲେ ଆମେମାନେ ବର୍ତ୍ତମାନ ଆନନ୍ଦ ସହକାରେ ଚାହୁଁ ଯେ ସେମାନେ ଆସନ୍ତୁ, ସେମାନଙ୍କର ଛୋଟ ଶିଶୁମାନଙ୍କୁ ନେଇକରି ଆସନ୍ତୁ।

239 ତେବେ, ଏବଂ ଅନେକ ଲୋକମାନେ, ସେମାନେ, ସେମାନେ ଯାହା କୁହନ୍ତି, ସେମାନଙ୍କୁ ବାପ୍ତିଜିତ କରିବା। ମେଥୋଡିଷ୍ଟ ମଣ୍ଡଳୀ କରେ, ଏବଂ ମୁଁ ବିଶ୍ୱାସ କରେ ଯେ ନାଜରିନ୍ ମଧ୍ୟ ତାହା କରେ। ମୁ ନିଶ୍ଚିତ ନୁହେଁ। ନା। ମୁଁ ଭାବୁଛି ତାହାହିଁ ସେହି ବିଷୟ ଥିଲା, ଶିଶୁ ବାପ୍ତିସ୍ମ, ଯାହାକୁ ନେଇ ସେମାନେ ପୃଥକ୍ ହୋଇଥିଲେ, ନାଜରିନ୍ ଏବଂ ସେହି ଫ୍ରି ମେଥୋଡିଷ୍ଟମାନେ। ମାତ୍ର, ଯାହା ବି ହେଉ, ସେମାନଙ୍କ ମଧ୍ୟରୁ କେତେକ, ସେମାନେ ଗୋଟିଏ ବିଷୟ ଏବଂ ଅନ୍ୟଟି କରନ୍ତି। ମାତ୍ର, ଏବଂ ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ଉପରେ ଅଳ୍ପ ପାଣି ଢାଳନ୍ତି। କେତେକେ ସେମାନଙ୍କ ଉପରେ ଛିଞ୍ଚଣ କରନ୍ତି। ଆଉ, ମାତ୍ର ଆମେ ସର୍ବଦା ବାଇବଲର ଅତି ନିକଟତର ରହିବାକୁ ଚେଷ୍ଟା କରୁ ଯେପରି ଭାବରେ ଆମେ ତାହା ଜାଣିଥାଉ। ତେବେ, ବାଇବଲରେ ଜଣେ ଶିଶୁର ଛିଞ୍ଚଣ କରିବାକୁ ନେଇ କୌଣସି ଶାସ୍ତ୍ର ନାହିଁ, କିଅବା କୌଣସି ବ୍ୟକ୍ତିର ଛିଞ୍ଚଣ ହେବା ବିଷୟରେ ମଧ୍ୟ ବାଇବଲରେ କୌଣସି ଶାସ୍ତ୍ର ନାହିଁ। ଏହା ଏକ ଶାସ୍ତ୍ରସଂଗତ ବିଷୟ ନୁହେଁ। ଏହା ତ କ୍ୟାଥୋଲିକ୍ ମଣ୍ଡଳୀର ଏକ ନୀତି ନିୟମ ଅଟେ।

240 କିନ୍ତୁ ସେମାନେ—କିନ୍ତୁ ସେମାନେ କରନ୍ତି, ଆଣିଥା'ନ୍ତି...ସେମାନେ ଛୋଟ ଶିଶୁମାନଙ୍କୁ ଯୀଶୁଙ୍କ ନିକଟକୁ ଆଣିଥିଲେ। ଏବଂ—ଏବଂ ଆମକୁ ତାହାଙ୍କୁ ପ୍ରତିନିଧିତ୍ୱ କରିବାକୁ ଅଛି। ଆମେ ସେହି ସମାନ କାର୍ଯ୍ୟ କରିବାକୁ ଚାହୁଁ ଯାହା ସେ କରିଥିଲେ। ସେ ସେମାନଙ୍କ ଉପରେ ନିଜର ହାତ ରଖିଥିଲେ ଓ—ଓ ସେମାନଙ୍କୁ ଆଶୀର୍ବାଦ କରି, କହିଥିଲେ, "ସାନ ସାନ ଶିଶୁମାନଙ୍କୁ ମୋ ପାଖକୁ ଆସିବାକୁ ଦିଅ, ଆଉ ସେମାନଙ୍କୁ ମନା କର ନାହିଁ, କାରଣ ସ୍ୱର୍ଗରାଜ୍ୟ ଏହିପରି ଶିଶୁମାନଙ୍କର ହିଁ ଅଟେ।" ଏବଂ ତାହାହିଁ ଅଟେ ଯାହା ଆମେ ଏଠାରେ ଆରାଧନାଳୟରେ କରିବା ଜାରି ରଖୁ, ଯେତେବେଳେ ଆମେ ପ୍ରକୃତ ବାଇବଲକୁ, ପବିତ୍ରୀକୃତ ଉପାୟରେ ଅବଲମ୍ବନ କରିବାକୁ ଚେଷ୍ଟା କରୁ, ସେହି ସର୍ବୋତ୍ତମ ଭାବରେ ଯେପରିକି ଆମେ ତାହା ଜାଣୁ।

241 ତେଣୁ ବର୍ତ୍ତମାନ, ଯଦି ସେହି ମାତା, କିମ୍ବା କୌଣସି ମାତାମାନେ ସେମାନଙ୍କର ସାନ

ଶିଶୁମାନଙ୍କୁ ଉତ୍ସର୍ଗ କରିବା ନିମନ୍ତେ ଆଣିଛନ୍ତି, ଯେତେବେଳେ ଭଉଣୀ ଗର୍ଟି ସେହି ଗୀତ *ସେମାନଙ୍କୁ ଭିତରକୁ ଆଣନ୍ତୁ,* ବଜାନ୍ତି, କାହିଁକି, ଆପଣ ସେମାନଙ୍କୁ ବେଦିକୁ ନେଇକି ଆସନ୍ତୁ। ଭାଇ ଏବଂ ମୁଁ ତଳକୁ ଓହ୍ଲାଇ ଆସିବୁ ଆଉ ସେହି ସାନ ଶିଶୁମାନଙ୍କୁ ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କରିବୁ। ଠିକ୍ ଅଛି।

ଭାଇ ନେୱିଲ୍...[ଟେପ୍‌ରେ ଖାଲି ସ୍ଥାନ—ଅନୁ।]

242 ଧନ୍ୟବାଦ, ଭଉଣୀ ଗର୍ଟି। ତାହା ବହୁତ ଭଲ ଅଟେ। କେତେ ଜଣ ସାନ ଶିଶୁମାନଙ୍କୁ ଭଲ ପାଆନ୍ତି? ଯଦି ଆପଣ ଭଲ ପାଆନ୍ତି ନାହିଁ, ତେବେ ଆପଣଙ୍କ ସହିତରେ କିଛି ଗୋଟାଏ ସମସ୍ୟା ଅଛି, କିଛି ଗୋଟାଏ ଭୁଲ୍ ଅଛି।

243 ତେବେ, ଆଜି ରାତିରେ, ବର୍ତ୍ତମାନ ବାକି ସେବାକୁ ଯିବା ହେତୁ। ଆମେ...ସେହି କାରଣ ଯେ ଆଜି ରାତିରେ ମୁଁ ପୁଣି ଓହ୍ଲାଇ ଆସିଲି। ସାଧାରଣତଃ ଏହି ଦିନଗୁଡ଼ିକରେ ଯେତେବେଳେ ଆମର ଆରୋଗ୍ୟ ସେବା ହୋଇଥାଏ, ମୁଁ କେବଳ ପ୍ରାୟଃ ଗୋଟିଏ ହିଁ ଦିନ ପାଇଥାଏ, କାରଣ ଏହା ମୋତେ ଏକ ଏପ୍ରକାର ଦୋହଲାଇ ଦେଇଥାଏ। ଆପଣ ତାହା କେବେ ଜାଣନ୍ତି ନାହିଁ। ଏବଂ ଏଠାରେ ଘରେ ଅନ୍ୟ ସ୍ଥାନ ତୁଳନାରେ ତାହା ଦୁଇଗୁଣ ଅଧିକ ଖରାପ ଅଟେ।

244 ଏବଂ ମୁଁ ଏପରି ଏକ ଭୁଲ୍ କରିଥିବା ଯୋଗୁଁ କ୍ଷମା ମାଗୁଥିଲି ଯେପରିକି ମୁଁ ଆଜି ସକାଳେ ଏହା ସହିତ କରିଥିଲି। ମାତ୍ର ପ୍ରଥମ ବିଷୟ ଯାହା ମୋତେ ବିରକ୍ତ କରିଥିଲା, ତାହା ସେତେବେଳେ ଥିଲା ଯେତେବେଳେ ବିଲି ମୋତେ କହିବାକୁ ଆସିଲା ଯେ ପ୍ରାର୍ଥନା କାର୍ଡ ଦେବା ପାଇଁ ସେ ପର୍ଯ୍ୟାପ୍ତ ଲୋକମାନଙ୍କୁ ପାଇପାରିଲା ନାହିଁ। ସେ କେବଳ ପ୍ରାୟଃ ବାର କିମ୍ବା ଚଉଦଟି ଦେଇପାରିଲା। ଏବଂ ତାହାର ଏକ ଥିଲା...କେହିହେଲେ ପ୍ରାର୍ଥନା କାର୍ଡ ଚାହୁଁ ନ ଥିଲେ। ମୁଁ ଅନୁମାନ କରୁଛି ଯେ ସବୁକିଛି ଠିକ ଥିଲା। ତେଣୁ ତେବେ, ତାହା ଦ୍ୱାରା, ମୁଁ କେବେ ବି ଭାବି ନ ଥିଲି...ଏବଂ ତାହାପରେ ଯେତେବେଳେ ମୁଁ ସେହି ପ୍ରାର୍ଥନା କାର୍ଡଗୁଡ଼ିକୁ ଡାକିବା ଆରମ୍ଭ କଲି, ମୁଁ ଭାବିଲି ଯେ ମୁଁ ସମସ୍ତ ଦଶଟା କିମ୍ବା ବାରଟିଯାକ ପାଇବି, କିଅବା ତାହା ଏଠାରେ ଯେତେ ବି ଥିଲା। ସେମାନଙ୍କୁ ଉପରକୁ ଡାକିଲି। ମୁଁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପହଞ୍ଚିଲି, କିଛି ଗୋଟାଏ, ଏବଂ ଏହା ଉତ୍ତର ଦେଲା ନାହିଁ। ଏବଂ ମୁଁ ଡାକିଲି। ଏହାର ଉତ୍ତର ଦେଲା ନାହିଁ। ଏବଂ ମୁଁ ତାହା ବିଷୟରେ କଦାପି ସେସମୟ ପର୍ଯ୍ୟନ୍ତ ଭାବି ନ ଥିଲି ଯେପର୍ଯ୍ୟନ୍ତ ଶ୍ରୀମତୀ ଉଡ୍ ମୋତେ ଡାକିଲେ ନାହିଁ। ସେ କହିଲେ, "ଭାଇ ବ୍ରାନହାମ୍, ବିଲି ସେହି କାର୍ଡଗୁଡିକୁ ନିଏ ଓ ସେଗୁଡିକୁ ଏକତ୍ର ମିଶାଇ ଦିଏ, ଏବଂ କେବଳ ସେଗୁଡିକୁ ଦେଇଥାଏ। ସେ ହୁଏତ ସେହି କ୍ରମାଙ୍କ ତିନି ରଖି ଥାଇପାରେ," (କଅଣ ଏହା ନୁହେଁ କି?) "ତାଙ୍କ ପକେଟରେ କ୍ରମାଙ୍କ ତିନି ଥାଇପାରେ।"

245 ନିଶ୍ଚିତରେ, ସେ ସାଧାରଣତଃ ସେହି ସମଗ୍ର ପଚାଶଟି ଦେଇଥାଏ। ଯେତେବେଳେ ସେ ସେଗୁଡିକୁ ଲୋକମାନଙ୍କ ଆଗରେ ଆଣେ, ସେତେବେଳେ ସେ ସେଗୁଡିକୁ ଏକାଠି ମିଶାଇ ଦିଏ। ତେଣୁ ସମସ୍ତେ...ଏହା ଏପରି ନୁହେଁ ଯେ, "ମୋତେ କ୍ରମାଙ୍କ ଏକ ଦିଅ।" କିମ୍ବା,

ଆମେ ହୁଏତ କ୍ରମାଙ୍କ ଏକରେ ଆରମ୍ଭ କରିପାରିବା ନାହିଁ । ଆମେ ହୁଏତ ପଚାଶରୁ ଆରମ୍ଭ କରିପାରିବା, ଆପଣ ଜାଣି ନାହାଁନ୍ତି, ଏବଂ ପଛକୁ ଆସିବା । ଆମେ ହୁଏତ ଆଠରୁ ଆରମ୍ଭ କରି ଆଗକୁ ଯାଇପାରିବା । ହୁଏତ କୋଡ଼ିଏରୁ ଆରମ୍ଭ କରି ଆଗକୁ ଯାଇପାରିବା । ଆମେ ଜାଣି ନାହୁଁ । ମାତ୍ର ସେ କେବଳ ସେଗୁଡିକୁ ଏକାଠି ମିଶାଇ ଦିଏ ଏବଂ ତାହା ଲୋକମାନଙ୍କୁ ଯେପରି ସେମାନେ ଚାହାଁନ୍ତି ଦେଇ ଦିଏ । ଏବଂ ମୁଁ, ଆଜି ସକାଳେ ଏହା ଚିନ୍ତା ନ କରି, ହୁଏତ ମୁଁ ଆହୁରି ଅଧିକ ଚାରି କିମ୍ୱା ପାଞ୍ଚଜଣଙ୍କୁ ଡାକି ପାରିଥାଆନ୍ତି, ଆଉ ସେମାନେ ସେଠାରେ ନ ଥାଆନ୍ତେ, କାରଣ ଏହା ହୁଏତ ସେଠାରେ କେଉଁଠାରେ କୋଡ଼ିଏ କିମ୍ୱା ତିରିଶିରେ ପହଞ୍ଚି ଯାଇପାରେ, ଆପଣ ଦେଖନ୍ତୁ । ଆଉ, ତାହାପରେ, ମାତ୍ର ପ୍ରଭୁ ଏହାକୁ କାର୍ଯ୍ୟକାରୀ କରିଥିଲେ, କିନ୍ତୁ ଏଥିରେ ତାହା ଉପରେ ସେହି—ସେହି ପ୍ରକୃତ ଚାପ କେବଳ ନ ଥିଲା, ଯେପରିକି ଏହା ଘରରୁ ଦୂରରେ ହୋଇଥାଏ । ମୁଁ ଏହାକୁ—ଏହାକୁ ପୁନର୍ବାର କଦାପି ଚେଷ୍ଟା କରି ନ ପାରେ ।

246 ମାତ୍ର, ଏଠାରେ କିଛି ସମୟ ପୂର୍ବରୁ, ମୁଁ ପ୍ରଭୁଙ୍କୁ ପଚାରିଥିଲି ଯେ ସେ ଆମକୁ ଏକ ଭଲ ସଭା ଦେବେ କି, ଯାହା ମୁଁ ପ୍ରତିଜ୍ଞା କରିଥିଲି ଯେ ମୁଁ—ମୁଁ ଆଉ ଅଧିକ ତାହାଙ୍କୁ ତାହା ପଚାରିବି ନାହିଁ, କାରଣ ଏହା ଏକ ଏପରି କଠିନ ବିଷୟ ଅଟେ । ଆଉ ଏହା ଶାସ୍ତ୍ରର ବିପରୀତ ଅଟେ । ବୁଝିଲେ? ଏବଂ ଯଦି ଆପଣ...ତାହା ହିଁ ଅଟେ ଯାହାକି ଏହାକୁ ମୋ ନିମନ୍ତେ କଷ୍ଟକର କରିଥାଏ । କାରଣ, ତାହା ଜାଣି, ଏହା ମୋତେ ଏକ—ଏକ ପରାଜୟ ସହିତ, ଆରମ୍ଭ କରିବାକୁ ଦେଇଥାଏ । ବୁଝିଲେ? ଆରମ୍ଭରୁ ହିଁ, ମୁଁ ପରାଜିତ ଅଟେ ।

247 ଯାହା ବି ହେଉ, ଆଜି ଅପରାହ୍ନରେ କେହି ଜଣେ କାହାରିକୁ ଫୋନ୍ କରିଥିଲେ । ଶ୍ରୀମତୀ ଉଡଙ୍କୁ କେହି ଜଣେ ଫୋନ୍‌ରେ ଡାକିଲେ । ଏବଂ କହିଲେ, ଯେ, "ଆଜି ସକାଳେ ମଣ୍ଡଳୀରୁ କାହାରିକୁ ଫୋନ୍‌ରେ ଡକାଯାଇଥିଲା, ଜଣେ ବ୍ୟକ୍ତି ବିଷୟରେ, ଯିଏକି ଅତ୍ୟଧିକ, ଅତ୍ୟଧିକ ଅସୁସ୍ଥ ଥିଲେ, ଯିଏ ଆଜି ଅପରାହ୍ନରେ ହିଁ ପରେ, ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ।" ଯେ ସେହି—ସେହି ଅସୁସ୍ଥ ଥିବା ବ୍ୟକ୍ତିଜଣକ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ।

248 ପୁଣି ଆଉ ଏକ କଥା, ଶ୍ରୀମତୀ ଉଡ଼ ମୋତେ କହିଥିଲେ ଯେ ମୁଁ ତାଙ୍କ ଭଉଣୀ, ବଡ ଭଉଣୀ ସହିତ କଥା ହୋଇଛି, ଯେ ମୁଁ ଅନ୍ୟ ଏକ ଦିନ ପ୍ରକୃତରେ ତାଙ୍କ ଘରେ ଥିଲି ଏବଂ କେଣ୍ଟକିରେ, ତାଙ୍କ ସହିତ ରାତ୍ରି ଭୋଜନ କରିଥିଲି, କିମ୍ୱା ତାଙ୍କ ସହିତ ଭୋଜନ କରିଥିଲି । ଏବଂ ସର୍ବଶକ୍ତିମାନ ପରମେଶ୍ୱର ଜାଣନ୍ତି ଯେ ମୁଁ ସେହି ମହିଳାଙ୍କୁ ଚିହ୍ନି ନ ଥିଲି । ବୁଝିଲେ? ତାହା ଠିକ୍ ଅଟେ । କେବଳ...ଦର୍ଶନଗୁଡିକ ସାର୍ବଭୌମ ଅଟେ । ଆମେ କଦାପି ଜାଣିନାହୁଁ ଯେ ସେମାନେ କିପରି ହେବାକୁ ଯାଉଛନ୍ତି କିଅବା କଅଣ ଘଟିବାକୁ ଯାଉଅଛି । ଏହା ତ ପରମେଶ୍ୱରଙ୍କ ଉପରେ, ଏବଂ କଅଣ—କଅଣ ଘଟେ ତାହା ଉପରେ ଉପରେ ନିର୍ଭର କରେ । ମାତ୍ର ସେମାନଙ୍କ ନିମନ୍ତେ ଅପେକ୍ଷା କରିବା, ସେଠାରେ ଅପେକ୍ଷା କରିବାରେ, ମୁଁ ଜାଣିଥିଲି ।

249 ଏବଂ ଅନ୍ୟ ଏକ ଦିନ ଯେତେବେଳେ ଏହି ସାନ ଝିଅଟି ଏଠାରେ ଥିଲା, ଯାହା ପାଖରେ

ହୃଦୟର ଗୁପ୍ତ ବିଷୟମାନ ଜାଣିବାର ବରଦାନ ରହିଥିଲା, ଯାହାକି ମୁଁ ଭାବୁଛି, ନ ଥିଲା… ଦେଖନ୍ତୁ, ଯଦି ପରମେଶ୍ୱର ତାହା ସମଗ୍ର ଜଗତକୁ ଦିଅନ୍ତି, ତେବେ ଏହା ଉତ୍ତମ ହେବ; ମାତ୍ର ଯଦି ଏହା, ଏହା ତାହାର ବିପରୀତ ଥିଲା ଯାହାକି ସେ ମୋତେ କିଛି ବର୍ଷ ପୂର୍ବେ, ଆପଣ ଦେଖନ୍ତୁ, ଏଠାରେ ରାସ୍ତା କଡ଼ରେ ଯାହା କହିଥିଲେ । ଏବଂ ଆମେ ସୁନିଶ୍ଚିତ ହେବାକୁ ଚାହୁଁଥିଲୁ ଯେ ତାହା ଠିକ୍ ଥିଲା, ଏବଂ ମଣ୍ଡଳୀକୁ, ଏଠାରେ ରହିଥିବାରୁ, ଏହାକୁ ଦେଖିବା ପାଇଁ ଦେଲୁ । ଆଉ ତେଣୁକରି ମୁଁ ସେହି ଶ୍ରୀମତୀ ସ୍ନାଇଡର୍ ଙ୍କୁ ଫୋନ୍‌ରେ ଡାକିଲି । ଭଉଣୀ ସ୍ନାଇଡର୍ । ସେ ଏଠାରେ କେଉଁଠାରେ ଅଛନ୍ତି । ସେ ଅଳ୍ପ ଟିକିଏ କିଛି କଠିନରେ ଶୁଣନ୍ତି । ଏବଂ ସେହି ସାନ ମହିଳାଟି ଏହାକୁ ଧୀରେ କହିଲେ, ଏବଂ କହିଲେ, "ଆପଣଙ୍କର ରିଉମାଟିଜିମ୍ ଅଛି," କିମ୍ବା ଗଣ୍ଠିବାତ ରୋଗ, ସେପରି କିଛି ଗୋଟାଏ କିଛି ।

250 ଯାହାକି, ମୁଁ ଜାଣିଥିଲି ଏହା ଏକ ଭଙ୍ଗା ନିତମ୍ବ ଥିଲା । ଆଉ ତେଣୁକରି, ଏବଂ ତାହାପରେ ପବିତ୍ରଆତ୍ମା ତାହାକୁ ଆଜି ସକାଳେ ନେଇକରି ଆସିଥିଲେ । ବୁଝିଲେ?

251 ତେବେ, ଏହା କଅଣ ଅଟେ, ଏହା ଏକ ଈଶ୍ୱରୀୟ ଉପହାର ଅଟେ, ଏବଂ ଏହା ତାହାର ସାର୍ବଭୌମତ୍ୱରେ କାର୍ଯ୍ୟ କରେ । ମାତ୍ର ଏଠାରେ ସହରରେ ଯାହା ଏହାକୁ ଅତ୍ୟନ୍ତ କଷ୍ଟକର କରିଦିଏ, ସତ କହିବାକୁ ଗଲେ, ମୁଁ—ମୁଁ ଏଥିରେ, ସବୁ ସମୟରେ, ଏଠାରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାରେ ଛନ୍ଦି ହୋଇଯାଏ । କିଅବା—କିଅବା…ମୁଁ ଯିବି, ଲୋକମାନଙ୍କୁ ଏହା କହିବି । ମୁଁ ଯିବି, କହିବି, "ବର୍ତ୍ତମାନ ପ୍ରଭୁ ଆପଣଙ୍କୁ ସୁସ୍ଥ କରିଛନ୍ତି । ଉଣେଇଶ ଶହ ବର୍ଷ ପୂର୍ବେ ଯେତେବେଳେ ଯୀଶୁ ଆପଣଙ୍କ ପାଇଁ ମରିଥିଲେ, ସେ ଆପଣଙ୍କୁ ସୁସ୍ଥ କରିଥିଲେ । ଠିକ ସେହିଠାରେ ହିଁ ଆପଣ ସୁସ୍ଥ ହୋଇଥିଲେ । ତେବେ, ଯେତେ ଦୂର ପରମେଶ୍ୱରଙ୍କ ବିଷୟରେ ସମ୍ବନ୍ଧିତ, ଯେତେ ଦୂର ଖ୍ରୀଷ୍ଟଙ୍କ ବିଷୟରେ ବିଷୟରେ ସମ୍ବନ୍ଧିତ, ଆପଣ ଉଣେଇଶ ଶହ ବର୍ଷ ପୂର୍ବେ, ସୁସ୍ଥ ହୋଇଥିଲେ । ଆପଣଙ୍କ ରୋଗ ଚାଲି ଯାଇଥିଲା । ଏହା କରିବା ପାଇଁ ଆପଣଙ୍କର ବିଶ୍ୱାସ ଆବଶ୍ୟକ କରେ ।"

252 ଏବଂ ତାହାପରେ ସେହି ବ୍ୟକ୍ତିଜଣକ ଏଆଡେ ସେଆଡେ ଯାଇପାରନ୍ତି ଓ ସୁସ୍ଥ ନ ହୋଇପାରନ୍ତି । ତାହାପରେ ସେହି ବ୍ୟକ୍ତିଜଣକ ଆସନ୍ତି, ଓ କୁହନ୍ତି, "ଭାଇ ବ୍ରାନହାମ୍ ମୋତେ କହିଥିଲେ ଯେ ମୁଁ ଭଲ ହୋଇଅଛି ।" ବୁଝିଲେ? ମୁଁ ଆପଣଙ୍କୁ ତାହା କହୁଅଛି ଯାହା ପରମେଶ୍ୱର ମୋତେ କହିଲେ ।

253 ବର୍ତ୍ତମାନ, ଯେତେବେଳେ ଏହା ସିଧାସଳଖ ଜଣେ ବ୍ୟକ୍ତିଙ୍କ ସହିତ କଥା ହୁଏ, ସିଧାସଳଖ ଭାବରେ, "ଏହା **ସଦାପ୍ରଭୁ ଏହି କଥା କୁହନ୍ତି ବାକ୍ୟ** ଅଟେ," ଏକ ନିର୍ଦ୍ଦିଷ୍ଟ ଘଟଣା ବିଷୟରେ ଯାହାକି ଘଟିବାକୁ ଯାଉଥାଏ । ତାହା ଆପଣଙ୍କୁ ଠିକ ସେଠାରେ ପ୍ରମାଣ କରିଦେବ ଯେ ଆପଣଙ୍କର ଆରୋଗ୍ୟତା ପୂର୍ବରୁ ସୁରକ୍ଷିତ କରାଯାଇଅଛି । ଆପଣଙ୍କର ବିଶ୍ୱାସ ଏହାକୁ ମୁଦ୍ରାଙ୍କିତ କରିଅଛି । ବୁଝିଲେ? ପ୍ରତିଜ୍ଞାଟି ଆପଣଙ୍କର ଅଟେ । ଏହା ମୋର ଶବ୍ଦ ନୁହେଁ । ଏହା ପରମେଶ୍ୱରଙ୍କ ବାକ୍ୟ, ଯେ ଆପଣ ସୁସ୍ଥ ହୋଇସାରିଛନ୍ତି । ବୁଝିଲେ? ମାତ୍ର ଆପଣ

କେବଳ...କୌଣସି ପ୍ରକାରେ ଅନ୍ୟ ଉପାୟରେ, ମୁଁ—ମୁଁ ଏଠାରେ ଜେଫର୍ସନ୍‌ଭିଲେରେ ଥିବା ଏହି ଲୋକମାନଙ୍କ ଭିତରେ, ଏହି ବିଷୟକୁ ନିମଜ୍ଜିତ କରାଇପାରୁ ନାହିଁ। ମୁଁ—ମୁଁ ଏହା ଘଟିବା ହେତୁ ସମ୍ଭବ କରାଇପାରୁ ନାହିଁ। ମୁଁ ଜାଣେ। ମୁଁ ତାହା ମଧ୍ୟ ଠିକ୍ ବୁଝାଇବାକୁ ଚେଷ୍ଟା କରିବି ଯେତିକି ମୁଁ ପାରିବି, ଏବଂ ଏହା ଠିକ୍—ଏହା ଠିକ୍ ଘଟିବ ନାହିଁ। ତାହା ଏତିକି ହିଁ ଅଟେ। ମୁଁ କୁହେ...

254 ଏଠାରେ, କିଛି ସମୟ ପୂର୍ବରୁ, ମୁଁ ଏକ ଘରକୁ, ଜଣେ ବ୍ୟକ୍ତିଙ୍କ ନିକଟକୁ ଯାଇଥିଲି, ଏବଂ ସେହି ବ୍ୟକ୍ତିଟି ମରୁଥିଲା। ସେମାନେ ମୋତେ ଡାକିଥିଲେ, "ଆସନ୍ତୁ, ତାଙ୍କ ପାଇଁ ପ୍ରାର୍ଥନା କରି ଦିଅନ୍ତୁ। ଡାକ୍ତର କହିଛି ଯେ ସେ ସକାଳ ପର୍ଯ୍ୟନ୍ତ ବଞ୍ଚିବ ନାହିଁ।"

255 ମୁଁ ଭିତରକୁ ଗଲି। ଆଉ ସେହି ଯୁବା ମୋତେ କହିଲା, "ଶ୍ରୀମାନ ବ୍ରାନହାମ୍, ମୁଁ ମରିବାକୁ ଚାହେଁ ନାହିଁ।" କାହିଁକି, ନିଶ୍ଚିତ ଭାବରେ ସେହି ଯୁବା ବ୍ୟକ୍ତି ତାହା ଚାହୁଁ ନ ଥିଲା। ସେଠାରେ ତାଙ୍କର ପରିବାରରେ ଦୁଇଟି ସନ୍ତାନ ଥିଲେ।

256 ତେବେ, ମୁଁ ଆଣ୍ଠୁମାଡି ତଳେ ବସି ପଡ଼ିଲି। ମୁଁ କହିଲି, "ତେବେ ଦେଖନ୍ତୁ, ତୁମ ଡାକ୍ତର କିଏ?" ସେ ମୋତେ କହିଲା। ମୁଁ କହିଲି, "ବର୍ତ୍ତମାନ, ଡାକ୍ତର ହୁଏତ ଆପଣଙ୍କୁ କହିଥିବେ ଯେ ଆପଣ—ଆପଣ ମରିବାକୁ ଯାଉଛନ୍ତି, ମାତ୍ର ପରମେଶ୍ୱର ଏପର୍ଯ୍ୟନ୍ତ କହି ନାହାଁନ୍ତି ଯେ ଆପଣ ମରିବାକୁ ଯାଉଛନ୍ତି।" ମୁଁ କହିଲି, "ବର୍ତ୍ତମାନ, ବାଇବଲ ଅନୁଯାୟୀ, ଆପଣ ସୁସ୍ଥ ହୋଇସାରିଛନ୍ତି, କାରଣ ଆପଣଙ୍କର ଆରୋଗ୍ୟତା ପାଇଁ ଯୀଶୁ ମରିଥିଲେ।"

257 ସେ କହିଲା, "କଅଣ ଆପଣ ବିଶ୍ୱାସ କରନ୍ତି ଯେ ମୁଁ ଭଲ ହୋଇଯିବି?"

258 ମୁଁ କହିଲି, "ମୁଁ ସମ୍ପୂର୍ଣ୍ଣ ଭାବେ ଏହାକୁ ବିଶ୍ୱାସ କରେ।"

259 ତେବେ, ଯଦି ମୁଁ ଜଣେ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଏ, ଏବଂ ତାହା ନିମନ୍ତେ ପ୍ରତ୍ୟୟ କରିବା ହେତୁ, ସେହି ପ୍ରକାରର ବିଶ୍ୱାସକୁ ବ୍ୟବହାର ନ କରେ; ଯଦି ମୁଁ ଯାଏ, "ଓଃ, ନା, ନା, ଯଦି ଡାକ୍ତର କହିଛନ୍ତି ଯେ ଆପଣ ମରିବାକୁ ଯାଉଛନ୍ତି, ତେବେ ଆପଣ ମରିବାକୁ ଯାଉଛନ୍ତି। ବର୍ତ୍ତମାନ ତାହା ଏହାକୁ ସମାଧାନ କରିଦିଏ।" ତେବେ, ରୋଗୀ ନିମନ୍ତେ ପ୍ରାର୍ଥନା କରିବାକୁ ଆସିଥିବା ସେହି ବ୍ୟକ୍ତି ପାଇଁ ଏହା କି ଏକ ବିଷୟ ହେବ ନାହିଁ କି? ମୁଁ ମୋ ପାଇଁ ପ୍ରାର୍ଥନା କରାଇବା ହେତୁ ସେହି ବ୍ୟକ୍ତିକୁ, ନିଜ ଘରେ ଚାହିଁବି ନାହିଁ। ମୁଁ ତ ଏପରି କୌଣସି ବ୍ୟକ୍ତିକୁ ଚାହିଁବି ଯିଏକି, ଯଦିଓ ସେ ଏହାକୁ ଦେଖି ସୁଦ୍ଧା ନ ଥିବେ, କିଅବା ନ ଥିବେ, ମାତ୍ର ସେ ବିଶ୍ୱାସକୁ ନେବେ ଏବଂ ମୋ ପାଇଁ ପ୍ରତିଜ୍ଞା ଉପରେ ଛିଡ଼ା ହେବେ। ତାହା ଠିକ୍ ଅଟେ। ଏବଂ ମୁଁ କହିଲି...ସେ...

260 ଆମେ ଗଲୁ ଏବଂ ପ୍ରାର୍ଥନା କଲୁ। ମୁଁ କହିଲି, "ତେବେ ସାହସ ଧରନ୍ତୁ।"

261 ସେ କହିଲା, "କଅଣ ଆପଣଙ୍କର ଅର୍ଥ ମୁଁ ଭଲ ହୋଇଯିବି?"

262 ମୁଁ କହିଲି, "କାହିଁକି, ନିଶ୍ଚିତରେ। ପରମେଶ୍ୱରଙ୍କ ବାକ୍ୟ କୁହେ ଯେ ଆପଣ ଭଲ ହୋଇଯିବେ। ଦେଖନ୍ତୁ, 'ଯଦି ଆପଣ ବିଶ୍ୱାସ କରିପାରିବେ, ସବୁ ବିଷୟ ସମ୍ଭବ।'"

263 ସେ କହିଲା, "ଠିକ ଅଛି, ମୁଁ ଏହାକୁ ବିଶ୍ୱାସ କରିବି।" ଆଉ ବାହାରକୁ ଯାଇ ନିଜ ପତ୍ନୀଙ୍କୁ କହିଲା ଯେ…

264 "ସେହି ବ୍ୟକ୍ତିଟି ମରୁଅଛି, କଅଣ ସେ ନୁହେଁ କି?"

265 "ହଁ ସେ ମରୁଅଛି।" ଏବଂ ତେଣୁ ପରଦିନ, ସେହି ବ୍ୟକ୍ତି ମରି ଗଲା, କିମ୍ବା ଏହାର ଦୁଇ ଦିନ ପରେ।

266 ତେବେ ଏହି ମହିଳା ଜଣକ ବାହାରକୁ ଯାଇ ପିଇବା ଆରମ୍ଭ କରିଦେଲେ ଓ ପ୍ରଭୃତି ବିଷୟସବୁ କଲେ। ଏବଂ ଦୀକନ୍‌ମାନଙ୍କ ମଧ୍ୟରୁ ଜଣେ, ମୁଁ ବିଶ୍ୱାସ କରେ ଯେ, ତାହା ଏହି ମଣ୍ଡଳୀର ଥିଲେ, ସେହି ମହିଳାଙ୍କ ନିକଟକୁ ଗଲେ ଓ ତାଙ୍କୁ ପଚାରିଲେ ଯଦି ସେ ଫେରି ମଣ୍ଡଳୀକୁ ପୁନର୍ବାର ଆସିବେ କି? ସେ କହିଲେ, "ମୁଁ କାହାରିକୁ ବିଶ୍ୱାସ କରିବି ନାହିଁ। ପ୍ରଚାରକ ବ୍ରାନହାମ୍ ଏଠାକୁ ଆସି ମୋ ସ୍ୱାମୀଙ୍କ ପାଇଁ ପ୍ରାର୍ଥନା କରିଥିଲେ, କହିଥିଲେ ଯେ ସେ ବଞ୍ଚିବାକୁ ଯାଉଛନ୍ତି, ଆଉ ଦୁଇ ତିନି ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେଣୁ, ମୁଁ ବିଶ୍ୱାସ କରିବି ନାହିଁ।" ବର୍ତ୍ତମାନ *ସେ* ମରୁଅଛନ୍ତି। ଠିକ୍ ଅଛି।

267 କିନ୍ତୁ, ଯାହା ବି ହେଉ, ଆପଣ ଦେଖନ୍ତୁ, ଏହା ତ କେବଳ ଦର୍ଶାଇବାକୁ ଯାଏ ଯେ ଆପଣ ଯାହା କହୁଛନ୍ତି ଲୋକମାନେ ତାକୁ ଧ୍ୟାନ ଦିଅନ୍ତି ନାହିଁ। ବୁଝିଲେ? ନିଶ୍ଚିତ ଭାବରେ। ଯଦି ମୁଁ ଜଣେ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କଲି, ଏବଂ ମୁଁ—ମୁଁ ସେମାନଙ୍କୁ କହିଲି ଯେ ସେମାନେ ବଞ୍ଚିବାକୁ ଯାଉଛନ୍ତି। ମୁଁ ବିଶ୍ୱାସ କରେ ଯେ ସେମାନେ ବଞ୍ଚିବାକୁ ଯାଉଛନ୍ତି। କିନ୍ତୁ, ଯାଏ ଆସେ ନାହିଁ, ଯଦି ମୋର ଶବ୍ଦ ସମ୍ପୂର୍ଣ୍ଣ ଭାବରେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ, ଏବଂ ଆପଣ ଏହାକୁ ଅବିଶ୍ୱାସ କରିବେ, ତାହାହେଲେ ଆପଣ ଯେକୌଣସି ପ୍ରକାରେ, ମରିବେ। ନିଶ୍ଚିତରେ। *ଏଠାରେ* **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଛି, ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଏହାକୁ ଗ୍ରହଣ କରନ୍ତି ଓ ମରିଯାଆନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନର୍କକୁ ଚାଲିଯାଆନ୍ତି, ଯେତେବେଳେକି, **ସଦାପ୍ରଭୁ ଏହି କଥା କୁହନ୍ତି**, "ଆପଣଙ୍କୁ ତାହା କରିବାର ଦରକାର ନାହିଁ।" କଅଣ ଏହା ଠିକ୍ ଅଟେ? ନିଶ୍ଚିତରେ। ବୁଝିଲେ? ଏହା ତାହା ଅଟେ ଯାହାକି…ଏହା ସବୁକିଛି ଆପଣଙ୍କର ବିଶ୍ୱାସ ଉପରେ ଆଧାରିତ।

268 ଭାଇ କଲିନ୍‌ସ, ମୁଁ ଭାବୁନାହିଁ ଯେ ସେ ଆଜି ରାତିରେ ଅଛନ୍ତି। ମାତ୍ର ଆଜି ସକାଳେ ତାଙ୍କ କଥା ଶୁଣି, ସେ ତାହା ଉପରେ ସବୁଠାରୁ ସାହସିକ ବକ୍ତବ୍ୟ ଦେଇଥିଲେ। ବୁଝିଲେ? ବୁଝିଲେ? ସେ ତାହା କରିଥିଲେ। ସେ କହିଥିଲେ, "ବର୍ତ୍ତମାନ, ସେହି ସମାନ ବିଶ୍ୱାସ ଯାହାକି ଆପଣଙ୍କର ଏଠାରେ ଅଛି, ଠିକ୍ ତାହାହିଁ ଆପଣଙ୍କର ସେଠାରେ ରହିବାକୁ ଯାଉଅଛି। କାରଣ, ଏହା ଆପଣଙ୍କର ବ୍ୟକ୍ତିଗତ ବିଶ୍ୱାସ ଅଟେ, ଆପଣଙ୍କର ନାମଧାରୀ ସଂସ୍ଥା ଉପରେ ନୁହେଁ, ମାତ୍ର

ଖ୍ରୀଷ୍ଟଙ୍କଠାରେ। ଆପଣଙ୍କୁ ସେହି ବିଶ୍ୱାସ ରଖିବାକୁ ଅଛି।" ତାହା ଅବିକଳ ଠିକ୍ ଅଟେ। ଅବଶ୍ୟ।

269 ଏବଂ ଈଶ୍ୱରୀୟ ଆରୋଗ୍ୟତା ଆପଣଙ୍କର ବିଶ୍ୱାସ ଉପରେ ଆଧାରିତ ଅଟେ। ମାତ୍ର ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ, **ସଦାପ୍ରଭୁ ଏହି କଥା କୁହନ୍ତି**, ଯେ ଯୀଶୁ ଯେତେବେଳେ କାଲବରୀରେ ମୃତ୍ୟୁବରଣ କରିଥିଲେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ହୋଇଥିଲେ, "ସେ ଆମର ଅପରାଧଗୁଡିକ ପାଇଁ ଘାତ କରାଗଲେ, ତାଙ୍କର କୋରଡା ମାଡ ଦ୍ୱାରା ଆମେ ସୁସ୍ଥ ହେଲୁ।" କଅଣ ତାହା ଠିକ୍? ଆମେ *ହୋଇଥିଲୁ*। ବାଇବଲ କୁହେ, "ତୁମେ ସୁସ୍ଥ କରାଗଲ।" ତେଣୁ ମୋ ଭିତରେ ଦୋଷ ଖୋଜନ୍ତୁ ନାହିଁ, ମୁଁ କେବଳ ବାକ୍ୟର ପ୍ରଚାରକ ଅଟେ। ଆପଣ ଯାଇ ପରମେଶ୍ୱରଙ୍କୁ କୁହନ୍ତୁ ଯେ ସେ କିଛି ଭୁଲ୍ କହିଥିଲେ, ଏବଂ ତାହାପରେ ପରମେଶ୍ୱର ଆପଣଙ୍କୁ କହିବେ ଯେ ଆପଣଙ୍କର ଦୁର୍ବଳତା କେଉଁଠାରେ ଅଛି। ବୁଝିଲେ? ତେଣୁ, ଏହା ଆପଣଙ୍କର ବିଶ୍ୱାସ ଅଟେ। ଯୀଶୁ କହିଲେ, "ଯଦି ଆପଣ ବିଶ୍ୱାସ କରିପାରିବେ। ଯଦି ଆପଣ ବିଶ୍ୱାସ କରିପାରିବେ।"

270 ତେବେ, ଯେତେବେଳେ ଆପଣ ଶୁଣନ୍ତି ଯେ ପବିତ୍ରଆତ୍ମା ଆପଣଙ୍କର ବିଶ୍ୱାସକୁ ସ୍ଥିର କରିଛନ୍ତି ଏବଂ ଏହାକୁ ଦୃଢ଼ କରିଛନ୍ତି, ଏବଂ କହିଛନ୍ତି, "**ସଦାପ୍ରଭୁ ଏହି କଥା କୁହନ୍ତି**, 'ଆସନ୍ତାକାଲି ଏହି *ନିର୍ଦ୍ଦିଷ୍ଟ* ସମୟରେ, ଆପଣର ଏକ *ନିର୍ଦ୍ଦିଷ୍ଟ* ବିଷୟ ହେବ। କିଛି *ନିର୍ଦ୍ଦିଷ୍ଟ* ବିଷୟ ଘଟିତ ହେବ। ଏହା ଏଠାରେ ଏକ *ନିର୍ଦ୍ଦିଷ୍ଟ* ଉପାୟରେ ହେବ, ଏବଂ ଆପଣ ଏଠାରେ ଏକ *ନିର୍ଦ୍ଦିଷ୍ଟ* ବିଷୟକୁ ସାକ୍ଷାତ କରିବେ। ତାହା ଆପଣଙ୍କ ପାଇଁ ଏକ ଚିହ୍ନ ହେବ।'" ତେବେ, ଆପଣ ତାହା ଲକ୍ଷ୍ୟ କରନ୍ତୁ। ତାହା ବର୍ତ୍ତମାନ ଠିକ ଏଠାରେ, ଏକ ସମାପ୍ତ କାର୍ଯ୍ୟ ଅଟେ।

271 ମାତ୍ର ଯେତେବେଳେ ଏହା ଈଶ୍ୱରୀୟ ଆରୋଗ୍ୟତା ବିଷୟରେ କହିବା ବେଳ ଆସେ, ମୋତେ ଈଶ୍ୱରୀୟ ଆରୋଗ୍ୟତାକୁ, ଠିକ ସେହି ପ୍ରକାରେ, ସେହି ସମାନ ଆଧାରରେ ରଖିବାକୁ ପଡିବ, ଯେପରିକି ପରିତ୍ରାଣ ଅଟେ। ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ଏଥିରେ ଯାଏ ଆସେ ନାହିଁ ଯେ ଆପଣ କଅଣ କରିଛନ୍ତି, ଯୀଶୁଙ୍କ ମୃତ୍ୟୁ ପରଠାରୁ ଆପଣ ଉଦ୍ଧାର ପାଇଛନ୍ତି, କାରଣ ସେ ଜଗତର ପାପକୁ ଦୂର କରିବା ପାଇଁ ମରିଥିଲେ। ମାତ୍ର ଏହା ଆପଣଙ୍କର କୌଣସି ମଙ୍ଗଳ କରିବ ନାହିଁ ଯେପର୍ଯ୍ୟନ୍ତକି ଆପଣ ବ୍ୟକ୍ତିଗତ ଭାବରେ ଏହାକୁ ଗ୍ରହଣ ନ କରନ୍ତି ଓ ଏହାକୁ ଅନୁଭବ ନ କରନ୍ତି। ମାତ୍ର ଯେତେ ଦୂର ଆପଣଙ୍କର ପାପ ବିଷୟରେ ଅଟେ, ତାହା କ୍ଷମା କରାଯାଇଅଛି। ତାହା ଠିକ୍ ଅଟେ। ସେ..."ହେଇ ଦେଖ ପରମେଶ୍ୱରଙ୍କ ମେଷଶାବକ ଯିଏକି ଜଗତର ପାପଗୁଡ଼ିକୁ ବୋହି ନେଇ ଯାଆନ୍ତି।" ବୁଝିଲେ? ଆପଣ ସେଠାରେ ଅଛନ୍ତି। ତେବେ ତାହା ମନେରଖନ୍ତୁ।

272 ବର୍ତ୍ତମାନ, ମୁଁ ଜାଣେ ଯେ ଶିକ୍ଷାଦାନରେ, ଶାସ୍ତ୍ରରେ, ଆମେ ଏକ ମିଶ୍ରିତ ମଣ୍ଡଳୀ ଅଟୁ। ଏବଂ ଅନେକ ଥର, ଏବ୍ରୀର ଏହି ପୁସ୍ତକରେ, ଯାହାକି ବରଂ ଏକ ଗଭୀର ପୁସ୍ତକ ଅଟେ... ମୋତେ ବର୍ତ୍ତମାନ କିଛି ସମୟ ପାଇଁ ଏହାକୁ ଛାଡିବାକୁ ପଡିବ। ମୁଁ ସେହି 7ମ ପର୍ବର ଅନ୍ତିମ

ଭାଗକୁ ଆଜି ରାତି ଶେଷ କରିବା ପାଇଁ ଚେଷ୍ଟା କରିବାକୁ ଯାଉଅଛି ।

273 ଏବଂ ବର୍ତ୍ତମାନ ଆପଣଙ୍କ ମନରେ ଅନେକ ପ୍ରଶ୍ନ ଅଛି, ଏଥିରେ ସନ୍ଦେହ ନାହିଁ । ଆପଣଙ୍କ ମଧ୍ୟରୁ ଅନେକଙ୍କର ପ୍ରଶ୍ନ ଅଛି, ଏବଂ ମୋହର, ମଧ୍ୟ ରହିଛି । ତେବେ, ପରବର୍ତ୍ତୀ ସମୟରେ, ପ୍ରଭୁଙ୍କର ଇଚ୍ଛା ହେଲେ, ଯେତେବେଳେ ମୁଁ ଭିତରକୁ ଆସିବି...

274 ମୁଁ ବର୍ତ୍ତମାନ ମିଚିଗାନ୍‌କୁ ଯାଉଅଛି । ଏବଂ ତାହାପରେ, ମିଚିଗାନ୍‌ଠାରୁ, ମୁଁ କଲୋରାଡୋକୁ ଯାଉଛି । ଏବଂ କଲୋରାଡୋଠାରୁ, ପଶ୍ଚିମ ତଟକୁ ଯିବି । ବର୍ତ୍ତମାନ—ବର୍ତ୍ତମାନ, ଯେତେବେଳେ ଆମେ ଭିତରକୁ ଯିବା, ପ୍ରଭୁଙ୍କର ଇଚ୍ଛା ହେଲେ...ତେବେ, ମୁଁ ଜାଣେ ନାହିଁ । ଯଦି ରବିବାର ଦିନ, ମୁଁ ଶିକାଗୋରେ ରହିବି ନାହିଁ, ହୋଇପାରେ ଯେ ମୁଁ ଆଗାମୀ ରବିବାର ରାତି ନିମନ୍ତେ ଏଠାକୁ ଫେରିପାରେ ।

275 ବର୍ତ୍ତମାନ ଆମେ ଏଠାରେ ଆମର ପାଳକଙ୍କୁ ପ୍ରାୟଃ ଛଅ ସପ୍ତାହ ପାଇଁ ପ୍ରଚାର ମଞ୍ଚରୁ ବାହାରକୁ ରଖୁଅଛୁ, ଏହିସବୁ ଏଗୁଡିକ—ଏଗୁଡ଼ିକ—ଏଗୁଡ଼ିକ ଦେଇ, ଏଠାରେ ଏହି ପୁସ୍ତକ ନିମନ୍ତେ । ବୁଝିଲେ? ତେବେ ଆମେ...ମୁଁ ତାହା କରିବାକୁ ପସନ୍ଦ କରେ ନାହିଁ । ଭାଇ ନେଭିଲ୍ ଜଣେ ପ୍ରିୟ, ମଧୁର, ଦୟାଳୁ ଭାଇ ଅଟନ୍ତି । ଏବଂ ମୁଁ ସୁନିଶ୍ଚିତ ଅଟେ ଯେ ଏହି ମଣ୍ଡଳୀ ଭାଇ ନେଭିଲଙ୍କୁ ପ୍ରେମ କରନ୍ତି ।

276 ସେ ଯାହା ବି ହେଉ, ଯେତେବେଳେ ମୁଁ କଥା କହୁଅଛି, କେହି ଜଣେ, ଏହି ଦେଶର ଚାରିଆଡେ କୌଣସି ସ୍ଥାନରେ, ଭାଇ ନେଭିଲଙ୍କୁ ଏହି ପ୍ରଚାର ମଞ୍ଚରୁ ବାହାର କରିବା ପାଇଁ, କୌଣସି କିଛି କାର୍ଡ ଲେଖିବାରେ ଦୋଷୀ ଅଟନ୍ତି । ଆପଣଙ୍କୁ ତାହା ମୋ ସହିତ ସମାଧାନ କରିବାକୁ ପଡିବ । ଉ-ହୁଁ । ତାହା ଠିକ୍ ଅଟେ । ଉ-ହୁଁ । ହଁ, ବାସ୍ତବରେ । ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣ...କହିଲେ ଯେ ଦୀ-...ଦୀକନ୍ ବୋର୍ଡ ବିଷୟରେ କିଛି ଗୋଟାଏ ଅଟେ । ସେହି ପାଳକ ସହିତ ଦୀକନ୍ ବୋର୍ଡର କିଛି ହେଲେ ସମ୍ବନ୍ଧ ନାହିଁ । ନା, ଆଜ୍ଞା । ମଣ୍ଡଳୀର, ସମ୍ପୂର୍ଣ୍ଣ ଭାବରେ, ସମସ୍ତ ଅଧିକାର ଅଛି । ଏହା ନୁହେଁ...ଏକ ଦୀକନ୍ ବୋର୍ଡ କେବଳ ଏଠାରେ ଏହି ମଣ୍ଡଳୀର ପୋଲିସ୍ ଅଟେ, କେବଳ ଶୃଙ୍ଖଳା ରକ୍ଷା କରିବା ପାଇଁ ଓ ପ୍ରଭୃତି ବିଷୟ ପାଇଁ । ମାତ୍ର ଯେତେବେଳେ ଏହା ନିୟମଗୁଡିକର କଥା ଆସେ, ସମଗ୍ର ମଣ୍ଡଳୀକୁ ଏପରି କହିବାକୁ ପଡିବ । ଏହି ମଣ୍ଡଳୀଟି ସ୍ଥାନୀୟ ମଣ୍ଡଳୀର ସାର୍ବଭୌମତ୍ୱ ଉପରେ ନିର୍ମିତ ଅଟେ । ଅତଏବ, ଏହି ପାଳକକୁ ବାହାର କରିବାରେ କିମ୍ବା ଅନ୍ୟ ଜଣକାକୁ ଭିତରକୁ ନେଇ ଆସିବାରେ, ମୋହର କିଛି କହିବାର ନାହିଁ । ମୁଁ ସମ୍ପତ୍ତିର ଅଧିକାରୀ ଅଟେ; ଏହା ମଣ୍ଡଳୀକୁ ଦିଆଯାଇଅଛି । ଆପଣ ସମସ୍ତେ ହେଉଛନ୍ତି ମଣ୍ଡଳୀ । ଆପଣ ଲୋକମାନେ ହିଁ ସେହି ଜଣକା ଅଟନ୍ତି ଯିଏକି ନିୟନ୍ତ୍ରଣ କରନ୍ତି । ଆପଣମାନେ ନିଜେ, ମଣ୍ଡଳୀ ଅଟନ୍ତି । ଏବଂ ମଣ୍ଡଳୀ, ପରମେଶ୍ୱରଙ୍କ ପବିତ୍ର ମଣ୍ଡଳୀ ହେଉଛି, ସେହି ମଣ୍ଡଳୀରେ ଥିବା ପବିତ୍ରଆତ୍ମାଙ୍କର ସାର୍ବଭୌମତ୍ୱ । ଏବଂ ଏକମାତ୍ର ବିଷୟ ଯାହା ମୁଁ କରେ ତାହା ହେଉଛି ସମ୍ପତ୍ତିର ଅଧିକାରୀ ହେବା, ଏହାକୁ ଏହି ମଣ୍ଡଳୀକୁ ଦେଇ ଦେବା, ଯେପରିକି ଏହାକୁ ଏକ ମଣ୍ଡଳୀ ପାଇଁ ଦେଇ ଦେବା, ଏବଂ ଏହା କର ମୁକ୍ତ ଅଟେ ।

ଏବଂ ମଣ୍ଡଳୀ ସେମାନଙ୍କର ନିଜର ପାଳକ ଚୟନ କରନ୍ତି । ମୋହର ସେଥିତରେ କିଛି କାମ ନାହିଁ । ଏବଂ କେବଳ ଏକମାତ୍ର ଉପାୟ ଯେ ଏହି ପାଳକ କେବେ ବି ଛାଡି ପାରିବେ, ତାହା ହେଉଛି ସେହି ପାଳକ ନିଜେ ଯିବାକୁ ସ୍ଥିର କରିବେ, କିମ୍ବା ମଣ୍ଡଳୀର ଅଧିକାଂଶ ମତଦାନକୁ ଏହା କହିବାକୁ ପଡିବ, "ପାଳକ ପରିବର୍ତ୍ତନ କରନ୍ତୁ ।" ତାହାହିଁ ହେଉଛି ଏକମାତ୍ର ଉପାୟ । କୌଣସି ଦୀକନ୍ ବୋର୍ଡ ଏହା କରିପାରିବେ ନାହିଁ । ଦୀକନ୍ ବୋର୍ଡ କେବଳ ମଣ୍ଡଳୀରେ ଶୃଙ୍ଖଳା ଏବଂ ବିଷୟଗୁଡିକୁ ବଜାୟ ରଖେ ।

277 ସେହି ଟ୍ରଷ୍ଟିମାନେ, ସେମାନଙ୍କର ଏହା ସହିତ କୌଣସି କାମ ନାହିଁ, କେବଳ ଗୀର୍ଜାଘରକୁ ମରାମତି କାର୍ଯ୍ୟ କରିବେ । ଏବଂ ସେମାନେ ତାହା ସେପର୍ଯ୍ୟନ୍ତ କରିପାରିବେ ନାହିଁ ଯେପର୍ଯ୍ୟନ୍ତକି ସେଠାରେ ଏକ...ସମଗ୍ର ଟ୍ରଷ୍ଟି ବୋର୍ଡ ମିଳିତ ହୁଅନ୍ତି ଓ କୁହନ୍ତି, "ଆମେ *ଏହା* ନିର୍ମାଣ କରିବୁ, କିମ୍ବା ଆମେ *ତାହା* କରିବୁ ।" ତାହାପରେ ସେମାନଙ୍କୁ କୋଷାଧ୍ୟକ୍ଷଙ୍କୁ ପଚାରିବାକୁ ପଡିବ ଯେ ତାହା କରିବା ପାଇଁ ସେମାନଙ୍କ ପାଖରେ ଅର୍ଥରାଶି ଅଛି କି? ହଁ, ଆଜ୍ଞା ।

278 ମାତ୍ର ଯଦି କୌଣସି ସଦସ୍ୟଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଅଛି, ଯଦି ଜଣେ ସଦସ୍ୟ ପରସ୍ପର ବିରୁଦ୍ଧରେ ଅଭିଯୋଗ କରନ୍ତି, କିଅବା କିଛି ଭୁଲ୍ ଥାଏ, ତେବେ ଆପଣଙ୍କୁ, ନିଜେ ସେହି ଭାଇ ପାଖକୁ ଯିବା ଉଚିତ୍, ଏବଂ ତାଙ୍କ ସହିତ କଥା ହେବା ଉଚିତ୍, ଆପଣ ଓ ସେ ଏକାକୀ । ତାହାପରେ ଯଦି ସେମାନେ ଏହାକୁ ଗ୍ରହଣ ନ କରନ୍ତି, ତେବେ ପରବର୍ତ୍ତୀ ଘଟଣା ଘଟେ, ଆପଣ ଦୀକନ୍ କିମ୍ବା ଆଉ କାହାରି ମଧ୍ୟରୁ ଜଣକାକୁ ନିଅନ୍ତୁ, ଏବଂ ତାହାଙ୍କ ସହିତ ସେହି ଭାଇ ପାଖକୁ ଯାଆନ୍ତୁ । ତାହାପରେ ଯଦି ସେ ଆପଣଙ୍କୁ ଗ୍ରହଣ ନ କରନ୍ତି, ତେବେ ଆପଣ ଆସି ଏହାକୁ ମଣ୍ଡଳୀକୁ କୁହନ୍ତୁ । ତାହାପରେ ଯଦି ମଣ୍ଡଳୀ...ତାହାପରେ ଯଦି ସେ ମଣ୍ଡଳୀକୁ ଗ୍ରହଣ ନ କରନ୍ତି, ତେବେ ବାଇବଲ କୁହେ, "ସେମାନଙ୍କୁ ଏକ ବିଜାତି ଓ କରଗ୍ରାହୀ ତୁଲ୍ୟ ଛାଡ଼ି ଦିଅନ୍ତୁ ।" ତାହା ଠିକ୍ ଅଟେ ।

279 ଏବଂ ଯେକୌଣସି ବ୍ୟକ୍ତି ଯିଏକି ଜଣେ ଦୋଷୀ ବ୍ୟକ୍ତିଙ୍କୁ ଜାଣନ୍ତି, ଆଉ ଆପଣ ସେମାନଙ୍କ ନିକଟକୁ ଯାଇ କଥାବାର୍ତ୍ତା କରନ୍ତି ନାହିଁ, ତେବେ ଆପଣ ସେହି ପରମେଶ୍ୱରଙ୍କ ମଣ୍ଡଳୀର ଅଂଶ ଅଟନ୍ତି ଯିଏକି ପାପ ନିମନ୍ତେ ଉତ୍ତର ଦେବାକୁ ଯାଉଛନ୍ତି । ତାହା ଠିକ୍ ଅଟେ ।

280 ଏବଂ ତେବେ ଯଦି କୌଣସି ବ୍ୟକ୍ତିଙ୍କର ଜଣେ—ଜଣେ ଦୀକନ୍ ବିରୁଦ୍ଧରେ, କିମ୍ବା ମଣ୍ଡଳୀରେ କୌଣସି ଦୀକନ୍ କିଅବା କାହାରି ବିରୁଦ୍ଧରେ ଅଭିଯୋଗ ଥାଏ, ଏହା ତିନି ଜଣଙ୍କୁ ଆବଶ୍ୟକ କରିଥାଏ । ତିନି ଜଣ ଲୋକେ ଆସି କହିବେ, ସାକ୍ଷୀ, ଦୁଇ ବା ତିନି ସାକ୍ଷୀଙ୍କ ମୁଖରେ । ଆସି ପାଳକଙ୍କୁ କୁହନ୍ତୁ ଯେ ଜଣେ ଦୀକନ୍‌ଙ୍କ ବିରୋଧରେ ଅଭିଯୋଗ ଅଛି । ତାହାପରେ ଯଦି ଜଣେ ଦୀକନ୍‌ଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଥାଏ, ତେବେ ସେହି ଦୀକନ୍ ଜଣେ—ଜଣେ ଧାର୍ମିକ ବ୍ୟକ୍ତି, ଜଣେ—ଜଣେ ସିଦ୍ଧ ବ୍ୟକ୍ତି ନୁହଁନ୍ତି । ତାହାଙ୍କୁ ନିଶ୍ଚିତ ଭାବରେ ଜଣେ ଦୀକନ୍‌ର କାର୍ଯ୍ୟାଳୟକୁ, ନିଖୁଣ ଭାବରେ, ଏବଂ ତାହାପରେ ନିର୍ଦ୍ଦୋଷ

ଭାବରେ ନିର୍ବାହ କରିବା ଉଚିତ୍। ଏବଂ ଯଦି ସେହି ମଣ୍ଡଳୀ ଜାଣିବାକୁ ପାଆନ୍ତି ଯେ ସେହି ଦୀକନ୍ ସେହି କାର୍ଯ୍ୟାଳୟକୁ ନିର୍ବାହ କରୁ ନାହାଁନ୍ତି, ସେ ତାଙ୍କ ସହିତ ତିନିଜଣକୁ ନିଅନ୍ତି ଏବଂ ପାଳକଙ୍କ ନିକଟକୁ ନେଇଯାଆନ୍ତି। ସେହି ଦୀକନ୍‌ଙ୍କୁ ରାତିରେ ଘରେ ରହିବାକୁ କୁହାଯାଏ। ଏବଂ ତାହାପରେ ପାଳକ...ଆସନ୍ତି ଏବଂ ମଣ୍ଡଳୀକୁ ଏକାଠି ନେଇକି ଆସନ୍ତି, ଅଭିଯୋଗ ଉପସ୍ଥାପନ କରନ୍ତି। ଏବଂ ଯଦି ମଣ୍ଡଳୀ ସେହି ଦୀକନ୍‌ଙ୍କ ସପକ୍ଷରେ ଜାରି ରଖିବା ପାଇଁ ମତଦାନ କରନ୍ତି, ସେହି ଦୀକନ୍ ଜାରି ରଖନ୍ତି। ଯଦି ସେ ଜା-...ସେହି ଦୀକନ୍‌ଙ୍କୁ ବରଖାସ୍ତ କରିବାକୁ ମତଦାନ କରନ୍ତି, ସେମାନେ ସେହି ରାତିରେ ଏକ ନୂତନ ଦୀକନ୍ ଚୟନ କରନ୍ତି। ବୁଝିଲେ?

281 ଅତଏବ, କୌଣସି ବ୍ୟକ୍ତିର ଏଥିରେ କିଛି କରିବାର ନାହିଁ। ଏହା ହେଉଛି ଲୋକମାନଙ୍କର ସଂଖ୍ୟାଗରିଷ୍ଠତା। ହଁ, ଆଜ୍ଞା। ଯଦି ତାଙ୍କ ସପକ୍ଷରେ କୋଡ଼ିଏ ମତ ଆସେ, ଏବଂ ତାଙ୍କ ବିପକ୍ଷରେ ଏକୋଇଶ ମତ ଆସେ, ସେ ଛାଡ଼ି ଚାଲିଯାଆନ୍ତି; କିଅବା, ବିପରୀତ ହୁଏ। ଦେଖନ୍ତୁ? ତାହା ହେଉଛି, ଏହା ସ୍ଥାନୀୟ ମଣ୍ଡଳୀର ସାର୍ବଭୌମତ୍ୱ ଏବଂ, ତେବେ, ପ୍ରତ୍ୟେକ ସଦସ୍ୟଙ୍କର ମଣ୍ଡଳୀର କାର୍ଯ୍ୟକଳାପରେ ଏକ କଥା-କହିବାର ଅଧିକାର ଅଛି। ଯେକୌଣସି ବିଷୟ ଚାଲିଥାଏ, ଭୁଲ ଥାଏ, ତେବେ ସେମାନେ ଠିକ୍ ଆସିପାରନ୍ତି, ଏବଂ କେବଳ ଗୋଟିଏ ମାତ୍ର ବିଷୟ ଯାହା ସେମାନଙ୍କୁ କରିବାକୁ ଅଛି ତାହା ହେଲା ପରମେଶ୍ୱରଙ୍କ ସମ୍ମୁଖରେ ଆସିବା ଯେ ସେମାନେ ସଂପୂର୍ଣ୍ଣ ଭାବରେ ଏହା ଦେଖନ୍ତି ଯେ କୌଣସି ବିଷୟ ଯେପରି ମଣ୍ଡଳୀର କାର୍ଯ୍ୟକଳାପରେ ବାଧା ଦିଏ ନାହିଁ।

282 ମାତ୍ର ପାଳକ ହେଉଛନ୍ତି ମଣ୍ଡଳୀର ସମ୍ପୂର୍ଣ୍ଣ ଏବଂ ସର୍ବାଙ୍ଗ ଅଧିକାର। ବାଇବଲରେ ତାହା ପାଠ କରନ୍ତୁ, ଦେଖନ୍ତୁ ଯଦି ତାହା ବାଇବଲ କ୍ରମ ନୁହେଁ କି। ତାହା ଅବିକଳ ଠିକ୍ ଅଟେ। ପ୍ରାଚୀନଙ୍କ ଉପରେ କେହି ବି ନୁହଁନ୍ତି। ଭାଇ ନେୱିଲ୍ ଏଠାରେ ଯାହା କରନ୍ତି ତାହା ସହିତ ମୋହର କିଛି କରିବାର ନାହିଁ। ତାହା ଆପଣଙ୍କର ଏବଂ ଭାଇ ନେୱିଲ୍ ଭିତର କଥା। ଯଦି ଭାଇ ନେୱିଲ୍ ଯିହୋବା ୱିଟନେସ୍ ସିଦ୍ଧାନ୍ତ ପ୍ରଚାର କରିବାକୁ ଚାହାଁନ୍ତି, ତାହାହେଲେ ଏହା ତାହାଙ୍କର ଏବଂ ଆପଣଙ୍କ ଭିତର କଥା। ବୁଝିଲେ? ଯଦି ସେ ଅନ୍ୟ କିଛି ପ୍ରଚାର କରିବାକୁ ଇଚ୍ଛା କରନ୍ତି ଯାହା ସେ ଚାହାଁନ୍ତି, ତେବେ ଏହା ତାହାଙ୍କର ଏବଂ ଆପଣଙ୍କ ଭିତର କଥା। ତାହାହିଁ ଏତିକି ଅଟେ। ଯଦି ସେଠାରେ ମଣ୍ଡଳୀ ତାହାଙ୍କୁ ସେଠାରେ, ତାହା ପ୍ରଚାର କରିବା ପାଇଁ ମତଦାନ କରନ୍ତି, ତାହାହେଲେ ଏହା ଠିକ ଅଛି। ଏହା ତାହାଙ୍କ ଉପରେ ନିର୍ଭର କରେ।

283 ଏକମାତ୍ର ବିଷୟ ଯାହା ମୁଁ କରେ, କେବଳ ସମ୍ପତ୍ତିର ଅଧିକାରୀ ଅଟେ। ଏବଂ ଯଦି ଅନ୍ୟ କୌଣସି ବିଷୟ ଆସେ, ଯଥା ଯେପରିକି ଏହା ପାଳକଙ୍କୁ ହଟାଇବା, ଏବଂ ସେମାନେ ଏହା ଉପରେ ଏକ ଜନମତ ଗ୍ରହଣ କରିବାକୁ ଚାହାଁନ୍ତି, ଆପଣ ଏହା କରିବା ନିମନ୍ତେ ଜଣେ ଦୀକନ୍‌ଙ୍କୁ ପଚାରି ପାରିବେ ନାହିଁ। ଆପଣଙ୍କୁ ଆସି ମୋତେ ପଚାରିବାକୁ ହେବ। ମୁଁ ତଳକୁ ଆସି, କହିବି, "ଯଦି ଆପଣ ପାଳକଙ୍କୁ ହଟାଇବା ଚାହୁଁଛନ୍ତି, ମୋତେ କୁହନ୍ତୁ କାହିଁକି। କଅଣ

ସେ କିଛି କରିଛନ୍ତି?"

284 "ହଁ। ଆମେ ତାଙ୍କୁ, ମଦ୍ୟପାନ କରିଥିବାର ଧରିଲୁ।" କିମ୍ବା, "ଆମେ ତାଙ୍କୁ *ଏହା* କରିଥିବାର ଧରିଲୁ, କିଅବା କିଛି ଗୋଟାଏ ଠିକ୍ ନ କରୁଥିବାର ଧରିଲୁ।"

285 "କଅଣ ଆପଣଙ୍କ ପାଖରେ ଏହାର ତିନୋଟି ସାକ୍ଷୀ ଅଛନ୍ତି କି?"

286 "ହଁ। ଆମ ପାଖରେ ଅଛନ୍ତି।"

287 ସେହି ସାକ୍ଷୀମାନଙ୍କୁ ପ୍ରଥମେ ପରୀକ୍ଷା କରାଯିବା ଆବଶ୍ୟକ। "ଜଣେ ପ୍ରାଚୀନଙ୍କ ବିରୁଦ୍ଧରେ ଯେପର୍ଯ୍ୟନ୍ତ ଦୁଇ କିମ୍ବା ତିନି ସାକ୍ଷୀ ନ ହୁଅନ୍ତି ଅଭିଯୋଗ ଗ୍ରହଣ କରନ୍ତୁ ନାହିଁ, ଏବଂ ଜଣେ ପ୍ରାଚୀନଙ୍କ ବିରୁଦ୍ଧରେ; ସେମାନେ ପ୍ରଥମେ ପରୀକ୍ଷା କରାଯାଆନ୍ତୁ।" ତାହାପରେ ଆପଣଙ୍କୁ ଏହାକୁ ଶପଥ କରିବାକୁ ହେବ, ଯେ ଆପଣ ତାହା ଦେଖିଛନ୍ତି; ଏବଂ ଏହା ଦେଖିଛନ୍ତି ବୋଲି ଆପଣଙ୍କୁ ତାହା ପ୍ରମାଣ କରିବାକୁ ହେବ।

288 ଏବଂ ତାହାପରେ, ଯଦି ଆପଣ ତାହା କଲେ, ତେବେ ସେହି ପାପକୁ ଖୋଲାଖୋଲି ଭାବେ ଭର୍ତ୍ସନା କରାଯାଏ, ଯେ, "ଏହା ଭୁଲ ଅଟେ।" ତାହାପରେ କୁହନ୍ତୁ, "ମଣ୍ଡଳୀ, କଅଣ ଆପଣ ନିଜର ପାଳକଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି କି?"

289 ଏବଂ ଯଦି ମଣ୍ଡଳୀ ମତଦାନ କରନ୍ତି, "ତାଙ୍କୁ କ୍ଷମା କରାଯାଉ, ଏବଂ ତାଙ୍କୁ ଏବେ ମଧ୍ୟ କାମ କରିବାକୁ ଦିଆଯାଉ," ଠିକ ଏହିପରି ଭାବରେ ହିଁ ତାହା ରହିବା ଉଚିତ୍। ବୁଝିଲେ? ତାହା, କଅଣ ତାହା ଯଥାଯଥ ନୁହେଁ କି? କଅଣ ଏକ ମଣ୍ଡଳୀ ଚଲାଇବା ପାଇଁ ଏହା ଉପଯୁକ୍ତ ନୁହେଁ କି? ତାହାହିଁ ଅଟେ ଯାହାକି ବାଇବଲ କୁହେ। ଆମର କୌଣସି ବିଶପ୍ ଏବଂ ପର୍ଯ୍ୟବେକ୍ଷକ, ଏବଂ ବୋର୍ଡ ଓ ପ୍ରଭୃତି ନାହାଁନ୍ତି, *ଏହାକୁ* ଭିତରକୁ ନିଆଯାଉ ଏବଂ ବହୁତ ଅଧିକାର ପାଇଥାଆନ୍ତି। ଏଠାରେ ପବିତ୍ରଆତ୍ମା ବ୍ୟତୀତ ଆଉ କାହାରିର ଅଧିକାର ନାହିଁ। ତାହା ଠିକ୍ ଅଟେ। ସେ ଚଳପ୍ରଚଳନ କରନ୍ତି। ଏବଂ ଆମେ ତାହାଙ୍କୁ ଲୋକମାନଙ୍କର ସଂଖ୍ୟାଗରିଷ୍ଠତା ଭାବେ ଗ୍ରହଣ କରୁ, ଯେପରି ଭାବରେ ଲୋକମାନେ ନିର୍ଣ୍ଣୟ ନିଅନ୍ତି।

290 ଏବଂ ତାହାପରେ ଯଦି ଗୋଟିଏ ପକ୍ଷ *ଏହା* କରିବାକୁ ଚାହାଁନ୍ତି, ଏବଂ ଅନ୍ୟ ପକ୍ଷ *ତାହା* କରିବାକୁ ଚାହାଁନ୍ତି, ଏବଂ ସେହି ପକ୍ଷ ଜିତିଯାଏ, ହାରିଯାଇଥିବା ପକ୍ଷ, ସେମାନେ ଏହା ବିଷୟରେ କଅଣ କରନ୍ତି? ଅବଶିଷ୍ଟ ସେମାନଙ୍କ ସହିତ ଠିକ୍ ଯୋଗ କରିଯାଆନ୍ତି, କୁହନ୍ତି, "ତେବେ, ଆମେ ଭୁଲ୍ କରିଥିଲୁ। ଆମେ ଠିକ୍ ଆଗକୁ ବଢିବା, କାରଣ ପବିତ୍ରଆତ୍ମା ହିଁ ସେହି ପସନ୍ଦ କରିଛନ୍ତି।" ବୁଝିଲେ? ତାହା ଅବିକଳ ଠିକ୍ ଅଟେ।

291 ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍‌ମାନଙ୍କ ପରି, ଯେପର୍ଯ୍ୟନ୍ତକି ଆମେ ଏକ ଗଣତନ୍ତ୍ର ଭାବରେ, ଆମେରିକୀୟ ଭାବରେ ଛିଡା ହୋଉ। ଯଦି ଡେମୋକ୍ରାଟମାନେ କ୍ଷମତାରେ ଆସନ୍ତି, ରିପବ୍ଲିକାନ୍‌ମାନଙ୍କୁ ଠିକ ସେମାନଙ୍କ ସହିତରେ ଆଗକୁ ବଢିବା ଉଚିତ୍; ରିପବ୍ଲିକାନ୍‌ମାନେ କ୍ଷମତାରେ ଥିଲେ, ଡେମୋକ୍ରାଟ ସେମାନଙ୍କ ସହିତରେ ଆଗକୁ ଯାଆନ୍ତି। ବୁଝିଲେ? ଅବିକଳ ତାହା ହିଁ ଅଟେ ଯାହାକି ଆମକୁ ଏକ ରାଷ୍ଟ୍ର ଭାବରେ ଗଢି ତୋଳେ।

ଯେତେବେଳେ ବି ଆମେ ତାହାକୁ ଭାଙ୍ଗୁ, ଆମେ ଆମର ଗଣତନ୍ତ୍ରକୁ ଭାଙ୍ଗିଥାଉ। ତାହା ଠିକ୍ ଅଟେ। ଡେମୋକ୍ରାଟମାନେ କୁହନ୍ତି, "ମୁଁ କିଛି କରିବାକୁ ଯାଉ ନାହିଁ; ରିପବ୍ଲିକାନ୍‌ମାନେ କ୍ଷମତାରେ ଥିଲେ।" ତେବେ ଆମେ ପଡ଼ିଯାଉ। ମୁଁ ଜଣେ କେଣ୍ଟକିଆନ୍ ଅଟେ: ଏକତ୍ର ଆମେ ଛିଡା ହେଉ, ଏବଂ ବିଭାଜିତ ଆମେ ପଡ଼ିଯାଉ।

292 ବର୍ତ୍ତମାନ, ଯଦି ମଣ୍ଡଳୀରେ ଏପରି କୌଣସି ଭୁଲ୍ ଥାଏ ଯାହା ବିଷୟରେକି ଆପଣ କେବେ ଜାଣନ୍ତି, କୌଣସି ବ୍ୟକ୍ତିବିଶେଷ କିମ୍ବା କୌଣସି ବ୍ୟକ୍ତି କିଅବା କିଛି ବିଷୟରେ, ତେବେ ଆପଣ କର୍ତ୍ତବ୍ୟନିଷ୍ଠ ଅଟନ୍ତି ଏବଂ ପରମେଶ୍ୱରଙ୍କ ସମ୍ମୁଖରେ ଉତ୍ତର ଦେବେ ଯଦି ଆପଣ ସେହି ବିଷୟକୁ ମୀମାଂସା ନ କରନ୍ତି; ଆପଣ, ସେହି ମଣ୍ଡଳୀ। ତେବେ, ମନେରଖନ୍ତୁ, ଏହା ମୋ କାନ୍ଧ ଉପରେ ନାହିଁ। ଏହା ଆପଣଙ୍କ ଉପରେ ଅଛି। ଏବଂ ମଣ୍ଡଳୀରେ କୌଣସି ଭୁଲ୍ ବିଷୟ ହୁଏ, ପରମେଶ୍ୱର ଆପଣଙ୍କୁ ଏହାର ଉତ୍ତରଦାୟୀ କରିବେ। ତାହା ଠିକ୍। ଏହିପରି ଭାବରେ ହିଁ ସେ ତାହାଙ୍କର ମଣ୍ଡଳୀକୁ ପରିଚାଳନା କରନ୍ତି। ଠିକ ଏହି ପ୍ରକାରେ ହିଁ ତାହା ବାଇବଲରେ ଅଛି। ତାହାହିଁ ବାଇବଲର କ୍ରମ ଅଟେ। ତାହାହିଁ ସ୍ଥାନୀୟ ମଣ୍ଡଳୀର ସାର୍ବଭୌମତ୍ୱ ଅଟେ। ପାଳକ ହେଉଛନ୍ତି ମସ୍ତକ। ତାହା ଠିକ୍ ଅଟେ। ଆମେନ୍।

293 ବର୍ତ୍ତମାନ, ଏଠାରେ ଏହି ଆଶୀଷିତ, ପୁରୁଣା ବାର୍ତ୍ତାକୁ ଆସିବା। ଆପଣ, ତେବେ ମୁଁ ଚାହେଁ ଯେ ଆପଣ ଏହା ଜାଣନ୍ତୁ। ଏହା ଟେପ୍ ରେକର୍ଡ ହେଉଅଛି, ମନେରଖନ୍ତୁ, ଏହି ବାର୍ତ୍ତା। ଏବଂ ମଣ୍ଡଳୀର ଟେପ୍ ରେକର୍ଡିଂ, ମଣ୍ଡଳୀର ଆଦେଶ ଏବଂ ନିୟମମାନ, ଏହା ଟେପ୍ ରେକର୍ଡିଂରେ ଅଛି। ତାହା ବାଇବଲ ଅନୁଯାୟୀ ଅଟେ। ଆମେ ଏହାକୁ ପରିଚାଳନା କରୁ ନାହିଁ; ମସ୍ତକରେ କେହି ନାହାଁନ୍ତି। ନା। ସମସ୍ତ, ଆମେ ସମସ୍ତେ ସମାନ ଅଟୁ। ମାତ୍ର, ଆମର ଜଣେ ନେତା ଅଛନ୍ତି, ସେ ହେଉଛନ୍ତି ପାଳକ, ଯେପର୍ଯ୍ୟନ୍ତକି ସେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି। ସତ ଅଟେ। ଠିକ୍ ଅଛି।

294 ବର୍ତ୍ତମାନ, ଏଠାରେ, ଅନେକ ପ୍ରଶ୍ନ ହେବାକୁ ଯାଉଅଛି। ତେଣୁ ପରବର୍ତ୍ତୀ ଥର ଯେତେବେଳେ ସେମାନେ ଦିଅନ୍ତି, ଏବଂ ଭାଇ ନେୱିଲ୍ ରେଡିଓରେ ଘୋଷଣା କରନ୍ତି ଯେ ମୁଁ ଏଠାରେ ରହିବାକୁ ଯାଉଅଛି, ଆପଣ ନିଜର ପ୍ରଶ୍ନକୁ ଲେଖନ୍ତୁ, ଯେପରିକି ଆପଣ ଓ ମୁଁ ଏହାକୁ ଏକାଠି ବାଦାନୁବାଦ କରିପାରିବା। କଅଣ ଆପଣ କରିବେ କି? ଠିକ୍ ଅଛି।

295 ମୁଁ ଜାଣେ ଯେ ମୁଁ ସାଧୁମାନଙ୍କ ଦୃଢ଼ତା ଉପରେ ଶିକ୍ଷା ଦେଇଅଛି। ମୁଁ ଯୀଶୁଙ୍କ ସର୍ବୋଚ୍ଚ ପରମେଶ୍ୱରତ୍ତ୍ୱ ଉପରେ ଶିକ୍ଷା ଦେଇଅଛି। ମୁଁ ବିଶ୍ୱାସୀମାନଙ୍କର ସୁରକ୍ଷା, ଏବଂ ପୂର୍ବନିରୂପଣ, ପୂର୍ବମନୋନୟନ ଏବଂ ସେହିପରି ଅନେକ ବିଷୟ ଉପରେ ଶିକ୍ଷା ଦେଇଅଛି। ଯାହା, ମୁଁ ଜାଣେ ଯେ, ମୋହର ମଣ୍ଡଳୀରେ ଅନେକେ ଆଇନ ଅନୁଗତକାରୀ ଅଛନ୍ତି, ଯାହାକି ସମ୍ପୂର୍ଣ୍ଣ ଠିକ୍ ଅଟେ। ଅବଶ୍ୟ। ମାତ୍ର, ବର୍ତ୍ତମାନ, ସେହି ବିଷୟଗୁଡିକ, ମୁଁ ମଧ୍ୟ, ଜଣେ ଆଇନ ଅନୁଗତକାରୀ ଅଟେ, ଏବଂ ମୁଁ ଜଣେ କାଲଭିନିଷ୍ଟ ଅଟେ। ମୁଁ କେବଳ ବାଇବଲକୁ ବିଶ୍ୱାସ କରେ। ତାହାହିଁ ସବୁ କିଛି ଅଟେ।

296 ତେବେ, ଯଦି ସେହି ପ୍ରଶ୍ନଗୁଡିକ ମଧ୍ୟରୁ, କେତେକ। ଏବଂ ମୁଁ ପ୍ରମାଣ, ସମ୍ବେଦନା, ଏବଂ ପ୍ରଭୃତି ବିଷୟରେ ଶିକ୍ଷା ଦେଇଛି, ଏବଂ ସେହି ସମସ୍ତ ବିଷୟଗୁଡିକ ସହିତ ଆପଣ ଅସହମତ ହୋଇ ଥାଇପାରନ୍ତି। ତେଣୁ ଏହି ରାତି ମଧ୍ୟରୁ ଗୋଟିଏ, ହୋଇପାରେ, ଆସନ୍ତୁ ଆମେ ଏହାକୁ କରୁ…

କଅଣ ଆପଣ ଏଠାକୁ ଫେରିବା ପାଇଁ ବହୁତ ତତ୍ପର କି? [ଭାଇ ନେୱିଲ୍ କୁହନ୍ତି, "ନା।"—ସମ୍ପା।]

ଆସନ୍ତୁ ଏହାକୁ ବୁଧବାର ରାତିରେ କରିବା, ଏହି ଆସନ୍ତା ବୁଧବାର ରାତିରେ, ତେବେ ମୁଁ—ମୁଁ ଭାବୁଛି ଯେ ମୁଁ—ମୁଁ ସେତେବେଳେ ତାହା ନେଇପାରେ। ବୁଧବାର ରାତିରେ ଆପଣଙ୍କର ପ୍ରଶ୍ନ ନେଇ ଆସନ୍ତୁ, ଏହାକୁ ମଞ୍ଚ ଉପରେ ରଖି ଦିଅନ୍ତୁ, ଏବଂ ବାଇବଲ ବିଷୟରେ ପ୍ରଶ୍ନ, ଠିକ୍ ଅଛି, ତାହା ବିଷୟରେ ଯାହାକି ବର୍ତ୍ତମାନ ମୁଁ ଶିକ୍ଷା ଦେଉଅଛି। ଏବଂ ବୁଧବାର ରାତି। ଏବଂ ତାହାପରେ ପରବର୍ତ୍ତୀ ରବିବାର ସୁଦ୍ଧା, ତେବେ, ମୁଁ ଭାବୁଛି ମୋତେ—ମୋତେ ଯେକୌଣସି ପ୍ରକାରେ, ଚିକାଗୋରେ ରହିବାକୁ ହେବ। ଆଉ ତାହାପରେ ମୁଁ ସେଠାରୁ ମିଚିଗାନ୍‌କୁ ଯାଉଅଛି। ପ୍ରଭୁ ଇଚ୍ଛା କଲେ, ମୁଁ ବୁଧବାର ରାତିରେ ଏଠାରେ ରହିବି, ସେହି ପ୍ରଶ୍ନର ସର୍ବୋତ୍ତମ ଭାବରେ ଉତ୍ତର ଦେବାକୁ ଚେଷ୍ଟା କରିବି ଯେତିକି ମୁଁ ପାରିବି। ଏବଂ ତେବେ ପ୍ରଭୁ ଦୟା କରନ୍ତୁ।

ତେବେ ଆସନ୍ତୁ କିଛି କ୍ଷଣ ପାଇଁ, ଆମର ମସ୍ତକକୁ ନତ କରିବା।

297 ବର୍ତ୍ତମାନ, ହେ ଆଶୀଷିତ ପ୍ରଭୁ, ଏହା ତୁମର ମହାନ ଅର୍ଥନୀତି ଅଟେ। ଏହା ତୁମର ମଣ୍ଡଳୀ ଅଟେ। ଏହା ତୁମେ ଅଟେ, ପ୍ରଭୁ, ଯିଏକି ଗମନାଗମନା କରୁଅଛ, ଆଉ ଆମେ ସେହିପରି ଭାବରେ ଚାଲିବାକୁ ଚାହୁଁ ଯେପରିକି ପରମେଶ୍ୱରଙ୍କ ଆତ୍ମା ଆମକୁ ଚଲାନ୍ତି। ଏବଂ ବର୍ତ୍ତମାନ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ଆଶୀର୍ବାଦ କରିବ। ଏବଂ ଯେତେବେଳେ ଆମେ ଏହି ବାର୍ତ୍ତାକୁ ପୁନରାବୃତ୍ତି କରୁ, ଏବଂ ଏହି ଗଭୀର ବିଷୟଗୁଡିକ ମଧ୍ୟକୁ ପ୍ରବେଶ କରୁ, ଆମେ ପ୍ରାର୍ଥନା କରୁଛୁ ଯେ ପବିତ୍ରଆତ୍ମା ଆମକୁ ତାହା ପ୍ରକାଶ କରିବେ ଯାହା ଆମର ପ୍ରୟୋଜନ ରହିଥାଏ। କାରଣ ଆମେ ଏହାକୁ ତାହାଙ୍କର ନାମରେ ମାଗୁଅଛୁ। ଆମେନ୍।

298 ବର୍ତ୍ତମାନ, ଓଃ, ମୁଁ…ଏବ୍ରୀର ଏହି ପୁସ୍ତକ, ମୁଁ ଏହାକୁ ଏକ ମହାନ ପୁସ୍ତକ ଭାବରେ ମୂଲ୍ୟାଙ୍କନ କରେ।

299 ଟିକିଏ ପରେ, ହୋଇପାରେ ଯେ ମୋତେ—ମୋତେ ଅଛି…ବିଦେଶଗସ୍ତରେ ଯିବାକୁ ଅଛି, ଯାହାକି, ଯଦି ପରମେଶ୍ୱର ଅନୁମତି ଦିଅନ୍ତି, ମୁଁ ଖୁବ୍ ଶୀଘ୍ର କରିବାକୁ ଯାଉଛି। ମୋତେ ଏକ ଦର୍ଶନ ଅନୁଯାୟୀ ଆଫ୍ରିକା ଯିବାକୁ ଅଛି। ମୁଁ ଭାବୁଛି ଯେପର୍ଯ୍ୟନ୍ତ ମୁଁ ଆଫ୍ରିକା ଯାଇ ସେହି ଦର୍ଶନକୁ ପୂରଣ ନ କରେ ସେପର୍ଯ୍ୟନ୍ତ ମୁଁ ମୋର ସଭାଗୁଡ଼ିକରେ ଅଧିକ ସଫଳତା ପାଇବି ନାହିଁ। ବର୍ତ୍ତମାନ, ତେବେ, ତାହା ସମ୍ଭବତଃ ଏହି ଆସୁଥିବା ବସନ୍ତରେ କେଉଁ ସମୟରେ ଗୋଟାଏ ହେବ।

300 କିନ୍ତୁ ସେହି ସମୟ ମଧ୍ୟରେ, ମୁଁ ଏବ୍ରୀ ପୁସ୍ତକରୁ ଆଉ ଏକ ପୁସ୍ତକକୁ ନେବାକୁ ଚାହିଁବି, ଯାହାକି, ଏବ୍ରୀ ତାହାର 11ଶ ପର୍ବ, ଏବଂ ସେହି 11ଶ ପର୍ବ ଉପରେ ପ୍ରାୟଃ ଏକ ସପ୍ତାହ ରହିବାକୁ ଚାହିଁବି, ଏବଂ ସେହି ବିଶେଷତାଗୁଡିକରୁ କିମ୍ବା ଚରିତ୍ରଗୁଡିକ ମଧ୍ୟରୁ ପ୍ରତ୍ୟେକକୁ ନେବାକୁ ଚାହିଁବି, ଏବଂ ସେମାନଙ୍କର ଚରିତ୍ରକୁ ଉଲ୍ଲେଖ କରିବାକୁ ଚାହିଁବି । ବୁଝିଲେ? "ବିଶ୍ୱାସ ଦ୍ୱାରା, ନୋହ," ତାହାପରେ ନୋହଙ୍କ ଜୀବନ ନେବି । "ବିଶ୍ୱାସ ଦ୍ୱାରା, ଅବ୍ରହାମ," ତାହାପରେ ଅବ୍ରହାମଙ୍କ ଜୀବନ ନେବି । "ବିଶ୍ୱାସ ଦ୍ୱାରା, ହେବଲ," ତାହାପରେ ହେବଲର ଜୀବନ ନେବି । ବୁଝିଲେ? ଏବଂ ଏହାକୁ ନେଇକରି ଆସିବି । କଅଣ ଆପଣ ତାହା ପସନ୍ଦ କରିବେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଓଃ, ତାହା ହେବ, ତାହାପରେ ଆମେ ସମଗ୍ର ବାଇବଲକୁ ନେବା । ଏବଂ ତାହାପରେ ଆମେ ତାହା ଚେଷ୍ଟା କରିବା ଯେ, ବୋଧହୁଏ, ଧରନ୍ତୁ, ଏକ ସପ୍ତାହ କିମ୍ବା, ଦଶ ଦିନର ସଭାମାନ, ଗୋଟିଏ ପରେ ଗୋଟିଏ ସଭା ଠିକ୍ କରିଚାଲିବା, ଏକ ଉଦ୍ଦୀପନା ସଦୃଶ, ଖ୍ରୀଷ୍ଟମାସ ଛୁଟିଦିନ ପାଖପାଖି କୌଣସି ସମୟରେ, କିମ୍ବା ସେପରି କିଛିରେ, ଯଦି ପ୍ରଭୁ ଇଚ୍ଛା କରନ୍ତି ।

301 ବର୍ତ୍ତମାନ, ଏବ୍ରୀ ପୁସ୍ତକର 7ମ ପର୍ବରେ, ଆମେ ଏହି ମହାନ ଚରିତ୍ରକୁ ସାକ୍ଷାତ କରୁ । ତାଙ୍କ ନାମ କଅଣ ମୋତେ କିଏ କହିପାରିବେ କି? [ମଣ୍ଡଳୀ କୁହନ୍ତି, "ମଲ୍‌କୀଷେଦକ ।"—ସମ୍ପା ।] ମଲ୍‌କୀଷେଦକ । ତେବେ, ଏହି ମଲ୍‌କୀଷେଦକ କିଏ ଥିଲେ? ସେ ପରାତ୍ପର ପରମେଶ୍ୱରଙ୍କର ଯାଜକ ଥିଲେ । ସେ ଶାଲେମର ରାଜା ଥିଲେ, ଯିଏକି ଯିରୁଶାଲମର ରାଜା ଥିଲେ । ତାଙ୍କର କୌଣସି ପିତା ନ ଥିଲେ, କିଅବା ତାଙ୍କର କୌଣସି ମାତା ନ ଥିଲେ । ତାଙ୍କର କୌଣସି ସମୟ ନ ଥିଲା ଯେ ସେ କେବେ ଜନ୍ମ ହୋଇଥିଲେ, କିଅବା ତାଙ୍କର କଦାପି ସମୟ ରହିବ ନାହିଁ ଯେ ସେ ମରିବେ । ତେବେ, ଆମେ ପାଉ ଯେ ତାହାଙ୍କୁ ଅନନ୍ତ ହେବା ଆବଶ୍ୟକ ।

302 ଆମେ ପାଉ ଯେ ସେହି ଶବ୍ଦ *ଚିରକାଳ* ର ଅର୍ଥ "ସମୟର ଏକ ଅନ୍ତରାଳ ।" କଅଣ ଆପଣଙ୍କର ତାହା ଏବେବି ମନେ ଅଛି କି? ସମୟର ଏକ ଅନ୍ତରାଳ, ଏହା ଚିରକାଳ ଏବଂ ଚିରକାଳ ନିମନ୍ତେ ଅଟେ । ଏବଂ ଅନେକ ଥର, ବାଇବଲରେ, *ଚିରକାଳ* କୁ "ସମୟର ଏକ—ଏକ ଅନ୍ତରାଳ" ରୂପେ ଉଲ୍ଲେଖ ଦିଆଯାଏ ।

303 ମାତ୍ର, ଅନନ୍ତତା, ଏବଂ ସେଠାରେ କେବଳ ଗୋଟିଏ ପ୍ରକାର ଅନନ୍ତ ଜୀବନ, ଆମେ ପାଉ । କଅଣ ଏହା ଠିକ୍ କି? ଏକାକୀ, ପରମେଶ୍ୱରଙ୍କଠାରେ ସେହି ଅନନ୍ତ ଜୀବନ ଅଛି । କଅଣ ଏହା ଠିକ୍ କି? କେବଳ ଗୋଟିଏ ପ୍ରକାର ଅନନ୍ତ ଜୀବନ ଅଛି । "ଅନନ୍ତ ଦଣ୍ଡ" ବୋଲି ସେପରି କୌଣସି ଏକ ଶବ୍ଦ ନାହିଁ । କାରଣ, ଯଦି ଆପଣଙ୍କୁ ଅନନ୍ତକାଳ ପାଇଁ ଦଣ୍ଡିତ ହେବାକୁ ଥାଏ, ତାହାହେଲେ ଆପଣଙ୍କୁ ଅନନ୍ତକାଳ ନିମନ୍ତେ ଦଣ୍ଡିତ ହେବା ପାଇଁ ଅନନ୍ତ ଜୀବନ ପାଇବାକୁ ଅଛି । ଆପଣଙ୍କୁ ଅନ-…ରହିବା ଆବଶ୍ୟକ । ଏବଂ ଯଦି ଆପଣ ଅନନ୍ତ ଜୀବନ ପାଇଛନ୍ତି, ଆପଣ ଦଣ୍ଡିତ ହୋଇପାରନ୍ତି ନାହିଁ, ଦେଖନ୍ତୁ, ଯଦି ଆପଣ ଅନନ୍ତ ପାଇଛନ୍ତି । "ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ

ଅନନ୍ତ ଜୀବନ ପାଇଅଛି ।” କଅଣ ଏହା ଠିକ୍ କି? ଅନନ୍ତ ଜୀବନ, କାରଣ ଆପଣ ବିଶ୍ୱାସ କରନ୍ତି । ଠିକ୍, ଯଦି ଆପଣ ଅନନ୍ତ ଜୀବନ ପାଇଛନ୍ତି, ଆପଣ ଦଣ୍ଡିତ ହୋଇପାରନ୍ତି ନାହିଁ, କାରଣ ଆପଣ *ଅନନ୍ତ* ଜୀବନ ପାଇଛନ୍ତି । ତେଣୁକରି, ତେବେ, ଯଦି ଆପଣ ଚିରକାଳ ଏବଂ ଚିରକାଳ ପାଇଁ ନର୍କରେ ଯନ୍ତ୍ରଣା ଭୋଗିବାକୁ ଯାଉଛନ୍ତି, ତାହାହେଲେ ଆପଣଙ୍କୁ ଅନନ୍ତ ଜୀବନ ପାଇବାକୁ ହେବ ।

304 ମାତ୍ର, ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ବାଇବଲ ଏକ ଆକ୍ଷରିକ ଜଳୁଥିବା ନର୍କ ବିଷୟରେ ଶିକ୍ଷା ଦିଏ । ବାଇବଲ ତାହା ଶିକ୍ଷା ଦିଏ ଯେ, ପାପ ଏବଂ ଦୁଷ୍ଟତା, ଚିରକାଳ ଓ ଚିରକାଳ ପାଇଁ ଦଣ୍ଡିତ ହେବ । ବର୍ତ୍ତମାନ, ତାହା ଅନନ୍ତତା ନୁହେଁ । ହୁଏତ ତାହା ଦଶ ବିଲିୟନ ବର୍ଷ ପାଇଁ ହୋଇଥିବ । ଏହା ଏକ ଶହ ବିଲିୟନ ବର୍ଷ ପାଇଁ ହୋଇପାରେ, ମାତ୍ର କୌଣସି ସମୟରେ ଏହାର ଏକ ସମାପ୍ତି ହେବାକୁ ଅଛି । କାରଣ, ପ୍ରତ୍ୟେକ ବିଷୟ ଯାହାରକି ଏକ ଆରମ୍ଭ ଥିଲା, ତାହାର ଏକ ଶେଷ ଅଛି । ଏହା ତ ସେହି ବିଷୟଗୁଡ଼ିକ ଅଟେ ଯାହାର ଏକ ଆରମ୍ଭ ନାହିଁ, ତାହାର କୌଣସି ଅନ୍ତ ନାହିଁ ।

305 କଅଣ ଆପଣଙ୍କର ବର୍ତ୍ତମାନ ସେହି ଶିକ୍ଷା ମନେ ଅଛି କି? ଆମେ କିପରି ଫେରିକି ଗଲୁ ଏବଂ ଜାଣିବାକୁ ପାଇଲୁ ଯେ ପ୍ରତ୍ୟେକ ବିଷୟ ଯାହାରକି ଏକ ଆରମ୍ଭ ଥିଲା ବିକୃତ ହୋଇଥିଲା, ଦେଖନ୍ତୁ, ମୁଖ୍ୟ ବିଷୟରୁ ଏକ ବିକୃତ ହୋଇଥିଲା । ଏବଂ, ଅବଶେଷରେ, ଏହା ଏକ ଅନନ୍ତକାଳକୁ ଫେରିଯାଏ । ଆଉ ତାହାପରେ ସମସ୍ତ ନର୍କ, ସମସ୍ତ ଯନ୍ତ୍ରଣା, ଏବଂ ଏହିପରି ସମସ୍ତ ସ୍ମୃତି, ଅନନ୍ତକାଳ ପାଇଁ ଲୋପ ପାଇଯିବ । ସମସ୍ତକିଛି ଯାହାର ଆରମ୍ଭ, ଶେଷ ହୁଏ ।

306 ଆଉ ଏହି ମଲ୍‌କୀଷେଦକ ଯୀଶୁ ନ ଥିଲେ, କାରଣ ସେ ପରମେଶ୍ୱର ଥିଲେ । ଏବଂ ଯୀଶୁ ଏବଂ ପରମେଶ୍ୱରଙ୍କୁ ଯାହା ଭିନ୍ନ କଲା, ତାହା ଏହା ଯେ, ଯୀଶୁ ସେହି ମନ୍ଦିର ଥିଲେ ଯେଉଁଥିରେ ପରମେଶ୍ୱର ବାସ କରୁଥିଲେ । ବୁଝିଲେ? ବର୍ତ୍ତମାନ, ମଲ୍‌କୀଷେଦକ । ଯୀଶୁଙ୍କର ଉଭୟ ପିତା ଏବଂ ମାତା ଥିଲେ । ଆଉ ଏହି ବ୍ୟକ୍ତିଙ୍କର କୌଣସି ପିତା କିମ୍ବା ମାତା କେବେ ହେଁ ନ ଥିଲେ । ଯୀଶୁଙ୍କର ଜୀବନର ଏକ ଆରମ୍ଭ ଥିଲା ଏବଂ ତାହାଙ୍କର ଜୀବନର ଏକ ଅନ୍ତ ବି ଥିଲା । ଏହି ବ୍ୟକ୍ତିଙ୍କର କୌଣସି ପିତା, କୌଣସି ମାତା ନ ଥିଲେ, ଦିନର କୌଣସି ଆରମ୍ଭ କିମ୍ବା ଜୀବନର ସମାପ୍ତି ନ ଥିଲା । ମାତ୍ର, ଏହା ସେହି ସ୍ୱୟଂ ସମାନ ବ୍ୟକ୍ତି ଥିଲେ । ତାହା ଥିଲା, ମଲ୍‌କୀଷେଦକ ଏବଂ ଯୀଶୁ ଏକ ହିଁ ଥିଲେ; ମାତ୍ର ଯୀଶୁ ସେହି ପାର୍ଥିବ ଶରୀର ଥିଲେ, ଯାହାକି ପାପରେ ଗଢା ହୋଇ ଜନ୍ମ ହୋଇଥିଲେ । ପରମେଶ୍ୱରଙ୍କ ନିଜ ଶରୀର, ତାହାଙ୍କର ନିଜ ପୁତ୍ର, ମୃତ୍ୟୁରୁ ସେହି ଦଂଶନକୁ ବାହାର କରିନେବା ପାଇଁ, ମୂଲ୍ୟକୁ ପରିଶୋଧ କରିବା ପାଇଁ, ଏବଂ ନିଜଠାରେ ପୁତ୍ର ଓ ପୁତ୍ରୀ ଭାବରେ ଗ୍ରହଣ କରିବା ପାଇଁ, ପାପରେ ଗଢା ହୋଇ ଜନ୍ମ ହୋଇଥିଲେ । କଅଣ ଆପଣ ଏହା ବୁଝିଲେ କି? ତାହା ହିଁ କାରଣ ଥିଲା ଯେ ତାହାଙ୍କର—ତାହାଙ୍କର ଏକ ଆରମ୍ଭ ଥିଲା, ତାହାଙ୍କର ଏକ ସମାପ୍ତି ଥିଲା ।

307 ମାତ୍ର ଏହି ସିଦ୍ଧ ଶରୀର, ସ୍ମୃତିରେ, ଆମର ପୁନରୁତ୍‌ଥାନର ବଇନା ସ୍ୱରୂପ—ସ୍ୱରୂପ ଥିଲା, ଯାହାକି ପରମେଶ୍ୱର ସେହି ପବିତ୍ର ଶରୀରକୁ କ୍ଷୟପ୍ରାପ୍ତ ହେବାକୁ ଦେବେ ନାହିଁ, କାରଣ ସେ ଏହାକୁ ନିଜେ ସୃଷ୍ଟି କରିଛନ୍ତି। ପୁଣି ଏହାକୁ ବାହାର କରି ଆଣିଛନ୍ତି, ଓ ପୁନରୁତ୍‌ଥାନରେ ଉଠାଇ, ତାହାଙ୍କର ଡାହାଣ ପଟେ ବସାଇଛନ୍ତି।

308 ଏବଂ, ଆଜି, ସେହି ପବିତ୍ରଆତ୍ମା ଯିଏକି ସେହି ଶରୀରକୁ ଉଠାଇଥିଲେ ଏଠାରେ ମଣ୍ଡଳୀରେ ଅଛନ୍ତି। ପ୍ରଭୁଙ୍କର ନାମ ଧନ୍ୟ ହେଉ! ଏବଂ ସେହି ସମାନ ଚମତ୍କାର ଏବଂ ଶକ୍ତି ପ୍ରଦର୍ଶନ କରୁଛନ୍ତି। ଏବଂ କୌଣସି ଦିନେ ଏହି ପବିତ୍ରଆତ୍ମା, ଯାହାକି ମଣ୍ଡଳୀରେ ଅଛନ୍ତି, ଚିତ୍କାର କରିବେ ଓ ଉପରକୁ ଉଠିବେ, ଏବଂ ଆପଣାକୁ ଏହି ଶରୀର ରୂପରେ ଗ୍ରହଣ କରିବେ ଯାହାକି ଆମ ପାପୀମାନଙ୍କ ନିମନ୍ତେ ମଧ୍ୟସ୍ଥି କରିବା ପାଇଁ, ମହାମହିମ ପରମେଶ୍ୱରଙ୍କ ଡାହାଣ ପଟରେ ବସିଛନ୍ତି। ଏବଂ ସେହି ହେତୁରୁ ଆମେ ପାପରୁ ସମ୍ପୂର୍ଣ୍ଣରୂପେ ଦୂରେଇ ରଖାଯାଇଛୁ। ଏହା ନୁହେଁ ଯେ ଆମେ ପାପ କରୁନାହୁଁ; ମାତ୍ର ପରମେଶ୍ୱରଙ୍କ ଉପସ୍ଥିତିରେ, ପାପରୁ ଦୂରେଇ ରଖାଯାଇଛୁ। କାରଣ, ମୋର ଏବଂ ପରମେଶ୍ୱରଙ୍କ ମଧ୍ୟରେ, ଆପଣ ଏବଂ ପରମେଶ୍ୱରଙ୍କ ମଧ୍ୟରେ ଏକ ରକ୍ତାକ୍ତ ବଳିଦାନ ଛିଡ଼ା ହୋଇଛନ୍ତି। ସେଇଥି ଯୋଗୁଁ ସେ କହିଲେ, "ଜଣେ ବ୍ୟକ୍ତି ଯିଏ ପରମେଶ୍ୱରଙ୍କଠାରୁ ଜାତ ହୋଇଅଛି, ପାପ କରେ ନାହିଁ, ସେ ପାପ କରିପାରେ ନାହିଁ।" କାରଣ, ଯଦି ଆପଣ ନୂତନ ଜନ୍ମ ପ୍ରାପ୍ତ ହୋଇଛନ୍ତି, ତେବେ ଠିକ ସେହି ପବିତ୍ରଆତ୍ମା ଯିଏକି ସେହି ଶରୀରରେ ବାସ କରୁଥିଲେ ଆପଣଙ୍କଠାରେ ବାସ କରନ୍ତି। ଏବଂ ଏହା ପାପ କରିପାରେ ନାହିଁ; ବଳିଦାନ ତାଙ୍କ ସମ୍ମୁଖରେ ରଖାଯାଇଛି। ତାହାପରେ ଯଦି ଆପଣ ଇଚ୍ଛାକୃତ ଭାବରେ ଏହା କରନ୍ତି, ତାହା ଦର୍ଶାଏ ଯେ ସେହି ଶରୀରରେ ରହିବା ଆପଣଙ୍କ ପକ୍ଷେ ଅସମ୍ଭବ ଅଟେ। ଆମେନ୍। ତାହା ସୁସମାଚାର ଅଟେ। ଏହା ସେଠାରେ ଅଛି।

309 ଅତଏବ, ଆପଣ ଦେଖନ୍ତୁ, ଏହା କୌଣସି ଶାସ୍ତ୍ରକୁ ବିରୋଧ କରେ ନାହିଁ। ଏହା ଶାସ୍ତ୍ରଗୁଡ଼ିକୁ ଏକତ୍ର ବାନ୍ଧି ରଖିଥାଏ। ବୁଝିଲେ? "ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଥିଲେ ସେମାନଙ୍କ ପାଇଁ ଏହା ଅସମ୍ଭବ ହେବ।" ସେହିଠାରେ ହିଁ ଅଟେ ଯେଉଁଠାରେକି ଆମେ ଆମର ପ୍ରଶ୍ନଗୁଡିକୁ ପାଇବା। କାରଣ, ସେଗୁଡିକୁ କେବଳ ପ୍ରାପ୍ତ କରିବା, ସେହିଭଳି ହିଁ ଆମେ ଚାହୁଁ।

310 ତେବେ ଧ୍ୟାନ ଦିଅନ୍ତୁ। "ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଥିଲେ ସେମାନଙ୍କ ପାଇଁ ଏହା ଅସମ୍ଭବ, ଯେ ସେମାନେ ପତିତ ହୋଇ ପୁନର୍ବାର ଆପଣାକୁ ଅନୁତାପ କରି ନୂତନିକୃତ କରନ୍ତି, ଏହା ଦେଖି ଯେ ସେମାନେ ପରମେଶ୍ୱରଙ୍କ ପୁତ୍ରଙ୍କୁ ନୂତନ ଭାବରେ କ୍ରୁଶାର୍ପିତ କରନ୍ତି, ଏବଂ ତାହାଙ୍କୁ କରନ୍ତି…ଏବଂ ତାହାଙ୍କୁ ଲଜ୍ଜାର ପାତ୍ର କରନ୍ତି।" ସେମାନେ ଏହା କରିପାରିବେ ନାହିଁ।

311 ତାହାପରେ ଆପଣ ଏବ୍ରୀ 10 କୁ ଯାଆନ୍ତି, ଯେଉଁଠାରେ ଏହା କୁହେ, "କାରଣ ଯଦି

ଆମେ ସତ୍ୟର ଜ୍ଞାନ ପାଇସାରିବା ପରେ ଇଚ୍ଛାକୃତ ଭାବରେ ପାପ କରୁ।" ପାପ କଅଣ ଅଟେ? ଅବିଶ୍ୱାସ।

312 ଯଦି ଆପଣ ଜାଣିଶୁଣି ପବିତ୍ରଆତ୍ମାଙ୍କୁ ଏପରି କାର୍ଯ୍ୟ କରୁଥିବାର ଦେଖନ୍ତି ଯାହାକି ତାହା ଆଜି ସକାଳେ ଏଠାରେ କରିଥିଲେ, ଏବଂ ଦେଖନ୍ତି ଯେ ଖ୍ରୀଷ୍ଟ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି, ଆଉ ସେ ତାହାଙ୍କର ମଣ୍ଡଳୀରେ ଏବଂ ତାହାଙ୍କର ଲୋକମାନଙ୍କ ଗହଣରେ ବାସ କରୁଛନ୍ତି, ଏବଂ ଆପଣ ଜାଣିଶୁଣି ଏହାକୁ ପ୍ରତ୍ୟାଖ୍ୟାନ କରି ଦିଅନ୍ତି, ଆପଣଙ୍କ ପାଇଁ ପରମେଶ୍ୱରଙ୍କ ନିକଟକୁ ଆସିବା କଦାଚିତ୍ ଅସମ୍ଭବ ଅଟେ, କାରଣ ଆପଣ ପବିତ୍ରଆତ୍ମାଙ୍କୁ ନିନ୍ଦା କରିଛନ୍ତି।

313 ଯୀଶୁ ମଧ୍ୟ ସେହି ସମାନ କଥା କହିଥିଲେ, ଯେତେବେଳେ ସେ ସେହି ଚମତ୍କାରଗୁଡ଼ିକ କରୁଥିଲେ।

314 ସେମାନେ କହିଲେ, "କାହିଁକି, ସେ ତ ବାଆଲଯିବୂଲ୍ ଅଟେ। ସେ ତ ଜଣେ କୁହୁକ ଅଟେ। ସେ ଜଣେ ଶୟତାନ ଅଟେ।"

315 ଯୀଶୁ ବୁଲିପଡି, କହିଲେ, "ମୁଁ ଏଥିପାଇଁ ତୁମକୁ କ୍ଷମା କରିଦେବି। ମାତ୍ର ଯେତେବେଳେ ପବିତ୍ରଆତ୍ମା ଆସିବେ ଓ ତାହା କରିବେ, ତାହାଙ୍କ ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କହିବା କଦାପି କ୍ଷମା ହେବ ନାହିଁ ଇହ ଜଗତରେ ନୁହେଁ କିମ୍ଵା ଭବିଷ୍ୟତରେ ଅସିବାକୁ ଥିବା ଜଗତରେ ନୁହେଁ।" କାରଣ ତୁମେ ତାହାଙ୍କଠାରେ ଥିବା ପରମେଶ୍ୱରଙ୍କ ଆତ୍ମାକୁ, "ଏକ ଅଶୁଦ୍ଧ ଆତ୍ମା" ବୋଲି କହିଅଛ।

316 ତାହାପରେ, ଯଦି ଆମେ ଇଚ୍ଛାକୃତ ଭାବରେ ପାପ କରୁ, ଯଦି ଆମେ ପାପ କରୁ, ଇଚ୍ଛାକୃତ ଭାବରେ ଅବିଶ୍ୱାସ କରୁ। ଆମେ ସତ୍ୟ ଗ୍ରହଣ କରିବା ପରେ ନୁହେଁ, ନୂତନ ଜନ୍ମ ହୋଇସାରିବା ପରେ ନୁହେଁ; ସେତେବେଳେ ତ ଆମେ ପାପ କରିପାରିବା ନାହିଁ। ଜଣେ ପାପୀ ଅକ୍ଷମ-...କରିପାରେ ନାହିଁ। ଜଣେ ଖ୍ରୀଷ୍ଟିୟାନ ଅକ୍ଷମଣୀୟ ପାପ କରିପାରେ ନାହିଁ। ସେ ଏହା କରିପାରେ ନାହିଁ। ଏହା ତ ସେହି ଦୁଷ୍ଟ ଅଟେ ଯିଏକି ତାହା କରିଥାଏ। ଏହା ତ ସେହି କୃତ୍ରିମ-ବିଶ୍ୱାସୀ ଅଟେ, ବିଶ୍ୱାସୀ ନୁହେଁ।

317 ସେହି ଯିହୁଦୀ ରାବ୍ବୀମାନେ, ଓଃ, ସେମାନେ ଭାବିଥିଲେ ଯେ ସେମାନେ ଟାଣୁଆ ଅଟନ୍ତି, ଏବଂ ସେମାନଙ୍କର ଡି.ଡି. ଏବଂ ପିଏଚ୍.ଡି. ଉପାଧିମାନ ରହିଥିଲା। ସେମାନେ ଭାବିଥିଲେ ଯେ ସେମାନେ ତାହା ସବୁକୁ, ଏକ ମୁଣାରେ ସିଲେଇ କରି ରଖିଛନ୍ତି, ମାତ୍ର ସେମାନେ ସବୁଠାରୁ ମନ୍ଦ ପାପୀମାନେ ଥିଲେ। ଓଃ, ହୋଇପାରେ ଯେ ସେମାନେ... ଆପଣ ସେମାନଙ୍କର—ର ଜୀବନରେ ହାତଟିଏ ରଖିପାରିବେ ନାହିଁ। ସେମାନେ ପରିଷ୍କାର, ନୈତିକ, ଏବଂ ସେହି ପ୍ରକାରେ, ଧାର୍ମିକ ଥିଲେ। ମାତ୍ର ସେମାନେ ଅବିଶ୍ୱାସୀ ଥିଲେ।

318 ଏବଂ ଆପଣ ସେହି ଶବ୍ଦ ପାପ ନିଅନ୍ତୁ ଓ ଏହାର ଅର୍ଥ କଅଣ ଖୋଜନ୍ତୁ। *ପାପ* ଶବ୍ଦର ଅର୍ଥ ହେଲା "ଅବିଶ୍ୱାସ।" କେବଳ ଦୁଇଟି ଦଳ ଅଛନ୍ତି, ତାହା ହେଲା, ଜଣେ ବିଶ୍ୱାସୀ କିମ୍ଵା

ଜଣେ ଅବିଶ୍ୱାସୀ । ଅର୍ଥାତ, ଜଣେ ଧାର୍ମିକ ଲୋକ କିମ୍ବା ଜଣେ ପାପୀ । କେବଳ ସେତିକି । ଯଦି ଆପଣ ଜଣେ ଅବିଶ୍ୱାସୀ, ଆପଣ ଜଣେ ପାପୀ ଅଟନ୍ତି; ଆପଣ ଯେତେ ଭଲ ହୁଅନ୍ତୁ ନା କାହିଁକି, ଆପଣ ଯେତେ ମଣ୍ଡଳୀକୁ ଯାଆନ୍ତୁ ନା କାହିଁକି, କିମ୍ବା ଯଦି ଆପଣ ଜଣେ ପ୍ରଚାରକ ହୋଇଥାଆନ୍ତୁ ନା କାହିଁକି । ଆପଣ ତଥାପି ଜଣେ ଅବିଶ୍ୱାସୀ ଅଟନ୍ତି ।

319 ସେହି ଫାରୂଶୀମାନେ ପ୍ରଚାରକ ଥିଲେ, ଏବଂ ସେମାନେ ଅବିଶ୍ୱାସୀ ଥିଲେ, ଏବଂ ତାହା ପାଇଁ ଆଜି ନରକରେ ଅଛନ୍ତି । ସେମାନେ ଯେତେ ଧାର୍ମିକ, ଏବଂ ପବିତ୍ର ହୋଇଥାଆନ୍ତୁ ନା କାହିଁକି, ମାତ୍ର ସେମାନେ ତାହାଙ୍କୁ ବିଶ୍ୱାସ କରି ନ ଥିଲେ । ସେମାନେ ତାହାଙ୍କୁ "ଏକ ଶୟତାନ" ବୋଲି ଡାକିଲେ, ଏବଂ ତାହାଙ୍କର ବାକ୍ୟକୁ ବିବାଦ କରିଥିଲେ । ଏବଂ ସେମାନଙ୍କ ମଧ୍ୟରୁ କେତେକ କହିଲେ, "ଯଦି ତୁମେ ତାହା ଅଟ, ତେବେ ବର୍ତ୍ତମାନ କ୍ରୁଶରୁ ଓହ୍ଲାଇ ଆସ । ଏକ ଆଶ୍ଚର୍ଯ୍ୟ କର୍ମ ସାଧନ କର । ତେବେ ଆମେ ତୁମକୁ ତାହା କରୁଥିବାର ଦେଖିବା ।" ଜଣେ ତାହାଙ୍କୁ ଏକ ବାଡ଼ିରେ, ମୁଣ୍ଡରେ ଆଘାତ କରି, କହିଲା, "ଭବିଷ୍ୟତ୍‌ବାଣୀ କର ଏବଂ ଆମକୁ କୁହ ଯେ କିଏ ତୁମକୁ ମାରିଲା, ତୁମେ ହେ ଭବିଷ୍ୟଦ୍‌ବକ୍ତା, ଏବଂ ଆମେ ତୁମକୁ ବିଶ୍ୱାସ କରିବା ।" ଦେଖନ୍ତୁ, ଅବିଶ୍ୱାସୀମାନଙ୍କୁ! ସେମାନେ କୃତ୍ରିମ-ବିଶ୍ୱାସ କରୁଥିଲେ ଯେ ସେମାନେ ବିଶ୍ୱାସୀ ଥିଲେ, କିନ୍ତୁ ସେମାନେ ଅବିଶ୍ୱାସୀ, ପୁନଃନୂତନୀକୃତ ହୋଇ ନ ଥିବା, ପୃଥକ ଥିଲେ, ଯଦିଓ ସେମାନେ ପବିତ୍ର ଏବଂ ଧର୍ମପରାୟଣ ଥିଲେ ।

320 ଏବେ ସୁଦ୍ଧା, ଆଜି ମଧ୍ୟ ତାହା ସେହି ସମାନ ବିଷୟ ଅଟେ । ପୁରୁଷମାନେ ଏବଂ ମହିଳାମାନେ ମଣ୍ଡଳୀକୁ ଯାଇପାରନ୍ତି ଓ ଭକ୍ତିଭାବର ଲମ୍ବା ଚେହେରା ରଖିପାରନ୍ତି, ଏବଂ— ଏବଂ ଯେତେ ଧାର୍ମିକ ହୋଇପାରନ୍ତି ସେତିକି ରୁହନ୍ତି, ଆଉ କେବେ ବି ମିଛ କୁହନ୍ତି ନାହିଁ, ଚୋରି କରନ୍ତି ନାହିଁ, ଏବଂ ସେମାନଙ୍କର ଧର୍ମକୁ ଯଥାସମ୍ଭବ ଉତ୍ତମ ଭାବେ ଜୀବନ ଯାପନ କରିବାକୁ ଚେଷ୍ଟା କରନ୍ତି । ମାତ୍ର, ଯେପର୍ଯ୍ୟନ୍ତ ସେମାନେ ଜଣେ ବିଶ୍ୱାସୀ ନୁହଁନ୍ତି, ସେମାନେ ବିନଷ୍ଟ ଅଟନ୍ତି । ତେଣୁ ବାଇବଲରେ କୌଣସି ଆଇନ ଅନୁଗତକାରୀଙ୍କ ଚିହ୍ନବର୍ଣ୍ଣ ନାହିଁ । କାଲ୍‌ଭିନିଜିମ୍ ହେଉଛି…ଅନୁଗ୍ରହ ତାହା ଅଟେ ଯାହା ପରମେଶ୍ୱର ଆପଣଙ୍କ ପାଇଁ କରିଛନ୍ତି, ଏବଂ କାର୍ଯ୍ୟ ତାହା ଅଟେ ଯାହା ଆପଣ ପରମେଶ୍ୱରଙ୍କ ପାଇଁ କରନ୍ତି । ଏହା ସଂପୂର୍ଣ୍ଣ ଅଲଗା ଅଟେ ।

321 ଯଦି ଆପଣ ମିଛ କହିବା ଛାଡିଦିଅନ୍ତି, ଧୂମପାନ କରିବା ଛାଡିଦିଅନ୍ତି, ଚୋରି କରିବା ଛାଡିଦିଅନ୍ତି, ବ୍ୟଭିଚାର କରିବା ଛାଡିଦିଅନ୍ତି, ସମସ୍ତ କିଛି ଛାଡିଦିଅନ୍ତି, ସବୁକିଛି କରନ୍ତି, ଆଜ୍ଞାଗୁଡିକୁ ପାଳନ କରନ୍ତି, ଏବଂ ମଣ୍ଡଳୀକୁ ଯାଆନ୍ତି, ପ୍ରତି ରବିବାରରେ ବାପ୍ତିଜିତ ହୁଅନ୍ତି, ପ୍ରଭୁଭୋଜ ଗ୍ରହଣ କରନ୍ତି, ସାଧୁମାନଙ୍କର ପାଦ ଧୁଅନ୍ତି, ସବୁକିଛି କରନ୍ତି, ରୋଗୀମାନଙ୍କୁ ସୁସ୍ଥ କରନ୍ତି, ଏବଂ ଏହି ସମସ୍ତ କାର୍ଯ୍ୟଗୁଡିକୁ କରନ୍ତି, ମାତ୍ର ଯେପର୍ଯ୍ୟନ୍ତ ଆପଣ ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ନ ହୁଅନ୍ତି, ମନୋନୀତ ନୁହଁନ୍ତି, ଆପଣ ବିନଷ୍ଟ ଅଟନ୍ତି । "ଯିଏ ଇଚ୍ଛା କରେ କିମ୍ବା ଯିଏ ଦୌଡ଼େ ସେ ନୁହେଁ, ମାତ୍ର ପରମେଶ୍ୱର ଯିଏକି ଦୟା କରନ୍ତି ।"

322 ଏଷୌ ଜଣେ ଖ୍ରୀଷ୍ଟିୟାନ ହେବାକୁ ତାହାର ଶତ ଚେଷ୍ଟା କରିଥିଲା, ଏବଂ ତାହା ହୋଇପାରିଲା ନାହିଁ। ବାଇବଲ କୁହେ ଯେ ସେ ଅନୁତାପ କରିବାକୁ ଏକ ସ୍ଥାନ ଖୋଜିବା ନିମନ୍ତେ, ଅତିଶୟ କାନ୍ଦିଲା, କିନ୍ତୁ ତାହା ପାଇଲା ନାହିଁ। ଏପରିକି ସେ ଜନ୍ମ ହେବା ପୂର୍ବରୁ ହିଁ, ପରମେଶ୍ୱର ତାଙ୍କୁ ନିନ୍ଦା କରିଥିଲେ, କାରଣ ସେ ଜାଣିଥିଲେ ଯେ ସେ ତାହାର ହୃଦୟରେ ଜଣେ ଭ୍ରଷ୍ଟ ଅବିଶ୍ୱସ୍ତ ବ୍ୟକ୍ତି ଅଟେ। ପରମେଶ୍ୱର ପୂର୍ବଜ୍ଞାନରୁ ତାହା ଜାଣିଥିଲେ। ସେ କହିଥିଲେ, "ମୁଁ ଯାକୁବକୁ ପ୍ରେମ କରେ, ଏବଂ ଏଷୌକୁ ଘୃଣା କରେ।" ଆଉ ଏଷୌ ଭଦ୍ରଲୋକ ପରି ଦେଖାଯାଉଥିଲା। ସେ ଘରେ ରହି, ନିଜର ବୃଦ୍ଧ ଅନ୍ଧ ବାପାଙ୍କ ଯତ୍ନ ନେଇଥିଲା, ପଶୁପଲଙ୍କୁ ପ୍ରତିପୋଷଣ କରିଥିଲା, ଏବଂ ସବୁକିଛି କରିଥିଲା, ଜଣେ ଭଲ ପିଲା ଥିଲା।

323 ଏବଂ ଯାକୁବ ମାଆଙ୍କର ଗେଲ୍‌ହା ପୁଅ ଥିଲେ, ଜଣେ ଛୋଟ ପୁରୁଣା ମାଇଚିଆ କଥା-କାହାଣୀକାର ଥିଲେ। ତାହା ହିଁ ଅଟେ ଯାହାକି ସେ ଥିଲେ। ଆପଣଙ୍କୁ ଏହା ସ୍ୱୀକାର କରିବାକୁ ପଡିବ। ବାଇବଲ ସ୍ୱୀକାର କରେ, ଏହାକୁ ବ୍ୟକ୍ତ କରେ। ଏଆଡେ ସେଆଡେ ଦୌଡିଥାଏ, ସବୁକିଛି କରିଥାଏ। ଏବଂ—ଏବଂ, ମାଆ, ମାଆ ସହିତ ଲାଗି ରହିଥାଏ। ମାତ୍ର, ତଥାପି, ଯାକୁବ, ତାଙ୍କର ସମସ୍ତ ଉତ୍‌ଥାନ ଏବଂ ପତ୍ତନଗୁଡିକ ସହିତରେ, ଏବଂ ତାଙ୍କର ମାଇଚିଆ କାର୍ଯ୍ୟକଳାପଗୁଡିକ ସହିତରେ, ତଥାପି ତାଙ୍କର ସେହି ଜନ୍ମସିଦ୍ଧ ଅଧିକାର ପ୍ରତି ସମ୍ମାନ ରହିଥିଲା। ତାହାହିଁ ହେଉଛି ମୁଖ୍ୟ ବିଷୟ।

324 ଏଷୌ ଯାକୁବ ଅପେକ୍ଷା ଦୁଇଗୁଣ ଭଦ୍ରଲୋକ ଥିଲା। ଯଦି ଆଜି ଆମକୁ ଆମ ମଣ୍ଡଳୀର ଜଣେ ସଦସ୍ୟ ହେବା ପାଇଁ, ତାଙ୍କୁ ବିଚାର କରିବାକୁ ପଡ଼େ, ତାହାହେଲେ ଆପଣ ଏଷୌକୁ, ଯଦି ଆପଣ ତାଙ୍କୁ ଜାଣି ନ ଥିବେ, ଏକ ହଜାରରୁ ଗୋଟିଏରେ ବି ଗ୍ରହଣ କରିବେ। ମାତ୍ର ପରମେଶ୍ୱର ଯାକୁବଙ୍କୁ ଗ୍ରହଣ କଲେ।

325 ଆପଣ ସାଧୁ ପାଉଲଙ୍କ ସହିତ କଅଣ କରିବେ, ଯଦି ସେ ଜଣେ ସେବକ ହେବାକୁ ଚାହାଁନ୍ତି? ଜଣେ ସାନ, ପୁରୁଣା ବକ୍ର-ନାକ ଥିବା ଯିହୁଦୀ, ଏବଂ ତାଙ୍କ ପାଟି ପାର୍ଶ୍ୱଆଡକୁ ରହିଥାଏ, କେବଳ ଝଗଡା କରି ଚାଲିଥାଆନ୍ତି, ଏବଂ ସେ କିପରି ଭାବରେ ମଣ୍ଡଳୀକୁ ଛିନ୍ନ ଭିନ୍ନ କରିବାକୁ ଯାଉଥାଆନ୍ତି, ସେ ସବୁକିଛି କରିବାକୁ ଯାଉଥାଆନ୍ତି। ଆପଣ ଭାବିବେ ଯେ ସେ ଅକ୍ଷମଣୀୟ ପାପ କରିଛନ୍ତି, ମାତ୍ର ପରମେଶ୍ୱର କହିଲେ, "ସେ ମୋହର ସେବକ।"

326 ପରମେଶ୍ୱର ମନୁଷ୍ୟମାନଙ୍କୁ ନିଅନ୍ତି ଏବଂ ସେମାନଙ୍କୁ ଭିନ୍ନ ଭାବରେ ନିର୍ମାଣ କରନ୍ତି, ଏପରି ନୁହେଁ ଯେ ମନୁଷ୍ୟମାନେ ପରମେଶ୍ୱରଙ୍କୁ ନିଅନ୍ତି ଏବଂ ଭିନ୍ନ ଭାବରେ ନିର୍ମାଣ କରନ୍ତି। ପରମେଶ୍ୱର ମନୁଷ୍ୟକୁ ନିଅନ୍ତି ଏବଂ ତାହାକୁ ଭିନ୍ନ ଭାବରେ ନିର୍ମାଣ କରନ୍ତି। ଏହା ତାହା ନୁହେଁ ଯାହା ଆପଣ କରନ୍ତି, ଯାହା ଆପଣଙ୍କର ଇଚ୍ଛା ଥାଏ, ଯାହା ଆପଣ ଚିନ୍ତା କରନ୍ତି। ଏହା ତ ତାହା ଅଟେ ଯାହାକି ପରମେଶ୍ୱର କରନ୍ତି। ଆପଣ ସେଠାରେ ଅଛନ୍ତି। ଏବଂ ତାହାହିଁ ହେଉଛି କାହାଣୀ।

327 ତେବେ, ଏହି ମହାନ ମଲ୍‌କୀଷେଦକ, ଏଠାରେ ତାହାଙ୍କ ଉପରେ କି ଏକ କାହାଣୀ ଅଟେ! ଆମେ ଅଳ୍ପ ଟିକିଏ ପାଠ କରିବାକୁ ଚାହୁଁ, କେବଳ ଏକ ପ୍ରକାର…ଆମକୁ ତାହା ଅତି ଶୀଘ୍ର ପାଠ କରିବାକୁ ପଡିବ । ଆମେ ଏଠାରେ ଶାସ୍ତ୍ରର ଏକ ନିର୍ଦ୍ଦିଷ୍ଟ ଅଂଶରେ ଆରମ୍ଭ କରିବାକୁ ଯାଉଅଛୁ ଏବଂ ଆମେ ପ୍ରାୟଃ 15ଶ ପଦରେ ଆରମ୍ଭ କରିବାକୁ ଯାଉଅଛୁ ।

*ଆଉ ଏହା ଏଥିରେ…ଆହୁରି ଅଧିକ ସୁସ୍ପଷ୍ଟ ହୁଏ: ମଲକୀଷେଦକଙ୍କ ସାଦୃଶ୍ୟରେ ଆଉ…ଯାଜକ ଉତ୍ପନ୍ନ ହୋଇଅଛନ୍ତି ।*

328 ବର୍ତ୍ତମାନ, ମଲ୍‌କୀଷେଦକ ଜଣେ ଯାଜକ ଥିଲେ । କଅଣ ସେ ଥିଲେ କି? ଏଠାରେ ତାହା ଅଟେ ଯାହାକି ସେ ଥିଲେ । ଆମେ ପାଉ ଯେ ପରମେଶ୍ୱର, ଆରମ୍ଭରେ, ଆତ୍ମାଙ୍କର ଏକ ମହାନ ନିର୍ଝର ଥିଲେ । କଅଣ ତାହା ଠିକ୍ ଅଟେ? ତାହାଙ୍କର କୌଣସି ଜନ୍ମସ୍ଥାନ ନ ଥିଲା । ତାହାଙ୍କର କୌଣସି ମରିବା ସ୍ଥାନ ନ ଥିଲା । ତାହାଙ୍କର କୌଣସି ଦିନ ଆରମ୍ଭ ନ ଥିଲା । ତାହାଙ୍କର କୌଣସି ବର୍ଷର ସମାପ୍ତି ନ ଥିଲା । ସେ ତ ସେତିକି ଅନନ୍ତ ଥିଲେ ଯେତିକି ଅନନ୍ତତା ଅନନ୍ତ ଅଟେ । ସେ କେବେ ଜନ୍ମ ହୋଇ ନ ଥିଲେ । ସେ କଦାପି ମଲେ ନାହିଁ ।

329 ଏବଂ ସେଠାରେ, ଆମେ ପାଉ ଯେ, ତାହାଙ୍କଠାରେ ସାତ ପ୍ରକାରର ଆତ୍ମା ଥିଲେ । କଅଣ ଏହା ଠିକ୍ କି? ପ୍ରକାଶିତ ବାକ୍ୟରେ, ବାଇବଲ କୁହେ, ଯେ, "ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ସପ୍ତ ଆତ୍ମାମାନ ।" କଅଣ ଏହା ଠିକ୍ କି? ସେହି ସାତ, ବହୁଗୁଣିତ, ସପ୍ତ ଆତ୍ମା । ଆମେ ପାଉ ଯେ, ସାତୋଟି ରଙ୍ଗ ଅଛି । ସେଠାରେ ସପ୍ତ ମଣ୍ଡଳୀ ଯୁଗମାନ ରହିଛି । ଓଃ, ଏହା କେବଳ ଚାଲିଥାଏ । ସାତ ସମ୍ପୂର୍ଣ୍ଣ ଅଟେ, ଏବଂ ପରମେଶ୍ୱର ସଂପୂର୍ଣ୍ଣ ଥିଲେ । ଏବଂ ସପ୍ତ ଆତ୍ମାମାନ, ଏବଂ ସେହି ଆତ୍ମାମାନେ ସିଦ୍ଧ ଥିଲେ । ପ୍ରଥମଟି ଲାଲ ରଙ୍ଗ ଥିଲା; ସିଦ୍ଧ ପ୍ରେମ, ମୁକ୍ତି ଥିଲା । ଏବଂ କିପରି, ଯଦି ଆମର ସମୟ ଥାଏ, ସେହି ରଙ୍ଗଗୁଡିକୁ ନେବା ଏବଂ ଦେଖାଇବା ଯେ ସେହି ରଙ୍ଗଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ପରମେଶ୍ୱରଙ୍କ ଶୁଦ୍ଧତାକୁ ପ୍ରତିନିଧିତ୍ୱ କରେ । ଆମେନ୍ । ସେହି ରଙ୍ଗଗୁଡିକ, ସାତୋଟି ପ୍ରାକୃତିକ ରଙ୍ଗ ଅଟେ । ସେହି ରଙ୍ଗଗୁଡ଼ିକ ପରମେଶ୍ୱରଙ୍କ ଶୁଦ୍ଧତାକୁ ପ୍ରତିନିଧିତ୍ୱ କରେ । ଏବଂ…ସେହି ରଙ୍ଗଗୁଡ଼ିକ ପରମେଶ୍ୱରଙ୍କ ଉଦ୍ଦେଶ୍ୟକୁ, ପରମେଶ୍ୱରଙ୍କ ମନୋଭାବକୁ ପ୍ରତିନିଧିତ୍ୱ କରେ । ସେହି ସାତୋଟି ରଙ୍ଗ, ସେମାନେ ସପ୍ତ ମଣ୍ଡଳୀ ଯୁଗକୁ, ସପ୍ତ ନକ୍ଷତ୍ର, ସପ୍ତ ଦୂତଙ୍କୁ ପ୍ରତିନିଧିତ୍ୱ କରନ୍ତି । ସମସ୍ତ ଶାସ୍ତ୍ରରେ, ସାତଜଣ ସେବକ, ସାତଜଣ ବାର୍ତ୍ତାବହ, ସାତୋଟି ବାର୍ତ୍ତା, ସମସ୍ତକିଛି ସାତରେ । ସାତ ଦିନ । ଛଅ ଦିନ, ଏବଂ ସପ୍ତମ ହେଉଛି ବିଶ୍ରାମବାର; ସିଦ୍ଧ, ସଂପୂର୍ଣ୍ଣ ଅଟେ । ଓଃ, ଏହା ସୁନ୍ଦର ଅଟେ, ଯଦି ଆମ ପାଖରେ ଏହାର ଭିତରକୁ ଯିବା ପାଇଁ ଏବଂ ଏହାକୁ ଉଲ୍ଲେଖ କରି ଆଣିବାକୁ ସମୟ ଥାଆନ୍ତା, ସେହି ରଙ୍ଗଗୁଡିକ!

330 ଲାଲ ରଙ୍ଗକୁ ନିଅନ୍ତୁ । ଆମେ ପ୍ରଥମ ରଙ୍ଗକୁ ନେଉ, ତାହା ଲାଲ । ଲାଲ କଅଣ ଅଟେ? ଲାଲ ହେଉଛି ବିପଦର ଗୋଟିଏ ଚିହ୍ନ । ଲାଲ ହେଉଛି ମୁକ୍ତିର ଏକ ଚିହ୍ନ । ଏବଂ ଆପଣ ଲାଲ ଦେଇ ଲାଲ ରଙ୍ଗକୁ ଦେଖନ୍ତୁ, ଏହା କେଉଁ ରଙ୍ଗ ଅଟେ? ଧଳା । ତାହା ଠିକ୍ ଅଟେ । ତେଣୁ

ଯେତେବେଳେ ଲାଲ ପାପକୁ ଘୋଡାଇବା ପାଇଁ, ଲାଲ ରକ୍ତ ପାତିତ ହେଲା, ପରମେଶ୍ୱର, ଲାଲ ରକ୍ତ ଦେଇ ଦେଖିଲେ, ଲାଲ ପାପକୁ ଦେଖନ୍ତି, ଏହା ଧଳା ହୋଇଯାଏ। ବିଶ୍ୱାସୀ ପାପ କରିପାରେ ନାହିଁ। ନିଶ୍ଚିତରେ ନୁହେଁ। ପରମେଶ୍ୱରଙ୍କ ବୀଜ ଉପରେ, ପରମେଶ୍ୱରଙ୍କ ଆଶୀର୍ବାଦ, ତାଙ୍କ ଉପରେ ରହିଥାଏ। ପରମେଶ୍ୱର ନିଜ ପୁତ୍ରଙ୍କର ରକ୍ତ ଛଡା ଆଉ କିଛି ଦେଖିପାରନ୍ତି ନାହିଁ। ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହାଙ୍କର ମଣ୍ଡଳୀରେ ଏହା କଅଣ ଅଟେ, ଏହା କଅଣ ଅଟେ, ପରମେଶ୍ୱର ଏହାକୁ ଦେଖନ୍ତି ନାହିଁ, କାରଣ ଯୀଶୁ, ସେହି ମହାଯାଜକ, ନିରନ୍ତର ଭାବରେ ମଧ୍ୟସ୍ଥି କରୁଅଛନ୍ତି। ତାଙ୍କ ପାଇଁ ପାପ କରିବାର କୌଣସି ଉପାୟ ହିଁ ନାହିଁ, ଯେତେବେଳେ ସେଠାରେ ସେପରି ଏକ ବଳିଦାନ, ତାଙ୍କ ପାଇଁ ରହିଅଛି। ନିଶ୍ଚିତରେ ନୁହେଁ।

331 ଏବଂ ବର୍ତ୍ତମାନ ଯଦି ଆପଣ କୁହନ୍ତି, "ତେବେ, ଏହା ମୋତେ ଏକ ଭଲ ସୁଯୋଗ ଦେଇଥାଏ..." ତାହାହେଲେ ତେବେ ଏହା ଦର୍ଶାଏ ଯେ ଆପଣ ଠିକ୍ ନୁହଁନ୍ତି।

332 ଆପଣ ତାହାକୁ ପ୍ରଶଂସା କରିବେ। ଆପଣ ଏହାକୁ ପ୍ରେମ କରିବେ, ଯଦି ଆପଣ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଅଟନ୍ତି, ଏପରି ଏକ ସ୍ଥାନ ପର୍ଯ୍ୟନ୍ତ ପ୍ରେମ କରିବେ ଯେଉଁଠାରେକି ପାପ ଆପଣଙ୍କୁ ଏତେ ଭୟାକ୍ରାନ୍ତ କରି ପକାଇବ ଯେ ଆପଣ ତାହା କରିପାରିବେ ନାହିଁ। "କାରଣ ପରମେଶ୍ୱରଙ୍କ ବୀଜ ତାଙ୍କଠାରେ ରହିଥାଏ, ଓ ସେ ପାପ କରିପାରେ ନାହିଁ।" ବାଇବଲ କୁହେ, "ଥରେ ଯୀଶୁଙ୍କ ରକ୍ତ ଦ୍ୱାରା ଶୁଦ୍ଧ ହୋଇଗଲା ପରେ, ପାପର ଆଉ କୌଣସି ଇଚ୍ଛା ବାକି ରହେ ନାହିଁ।" ଯଦି ଆପଣଙ୍କର ଏକ ଇଚ୍ଛା ହୁଏ, ତାହାହେଲେ ଆପଣଙ୍କର ହୃଦୟ ପରମେଶ୍ୱରଙ୍କ ନିକଟରେ ଠିକ୍ ନୁହେଁ।

333 ବର୍ତ୍ତମାନ, ଆପଣ ଭୁଲ୍ କରିବେ, କିନ୍ତୁ ଆପଣ ଜାଣିଶୁଣି ତାହା କରିବେ ନାହିଁ। ବୁଝିଲେ? ଆପଣ—ଆପଣ ଫାନ୍ଦରେ ଧରା ପଡିଯାଇଥାଆନ୍ତି, ଏବଂ ଆପଣ ଯେକୌଣସି ବିଷୟରେ ଫାନ୍ଦରେ ଧରା ପଡିଥାଆନ୍ତି, କିଅବା ଏପରି କିଛି କରନ୍ତି ଯାହା ଆପଣଙ୍କର କରିବାର ଅଭିପ୍ରାୟ ନୁହେଁ, ଏହା ତଥାପି ପାପ ନୁହେଁ, ଆପଣ ସେହି କ୍ଷଣି ହିଁ ଅନୁତାପ କରିବେ ଯେତେବେଳେ ଆପଣ ଦେଖିବେ ଯେ ଆପଣ ଭୁଲ୍ କରିଛନ୍ତି। ଆପଣ ଶୀଘ୍ର ବୁଲି ପଡିବେ ଏବଂ କହିବେ, "ମୋର ଅଭିପ୍ରାୟ ନ ଥିଲା...ତାହା ଦେଖି ନ ଥିଲି।" ଆପଣ ସମସ୍ତ ଜୀବନସାରା, ତାହା କହିବେ। ଜଣେ ବ୍ୟକ୍ତି ଇଚ୍ଛା କରେ ନାହିଁ, ତାହାହିଁ ସେହି କାରଣ ଯେ ଆମେ ଏତେ ମୂର୍ଖ ଅଟୁ ଏବଂ ଏତେ ଅନ୍ଧକାରରେ, ତଳେ ଏଠାରେ ପୃଥିବୀରେ ରହିଛୁ, ଯେ ଆମକୁ ଘୋଡାଇ ରଖିବା ପାଇଁ, ସବୁବେଳେ, ଆମମାନଙ୍କ ନିମନ୍ତେ ଏକ ରକ୍ତ ପ୍ରାୟଶ୍ଚିତ ରହିଅଛି। କାରଣ, ପ୍ରଥମ ଭୁଲ ଯାହା ଆମେ ସାକ୍ଷାତ କରୁ...

334 ବର୍ତ୍ତମାନ, ସେଠାରେ ଆପଣଙ୍କର ଆଇନ ଅନୁଗତକାରୀ ଧାରଣା ଅଟେ। "ଓଃ, ଆପଣ ଜାଣିଛନ୍ତି ଯେ କଅଣ? ସେହି ସ୍ତ୍ରୀଲୋକ ପବିତ୍ରୀକୃତ କରାଯାଇଥିଲା। ମାତ୍ର, ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ଭୁଲ୍ କରିଛନ୍ତି। ମୁଁ ଜାଣେ ଯେ ସେ ପଶ୍ଚାତଗମନକାରୀ ଅଟେ।" ତାହା

ଭୁଲ ଅଟେ । ସେ ପଶ୍ଚାତଗମନକାରୀ ନୁହଁନ୍ତି । ସେ ଏକ ଭୁଲ କରିଥିଲେ । ଯଦି ସେ ଏହାକୁ ଇଚ୍ଛାକୃତ ଭାବରେ କରିଥିଲେ, ତେବେ ସେ ଆରମ୍ଭରୁ ହିଁ, ଠିକ୍ ନୁହଁନ୍ତି ।

335 ଯଦି ତାହାଙ୍କର ଏହା କରିବାର ଅଭିପ୍ରାୟ ନ ଥିଲା, ଏବଂ ସେ ପରମେଶ୍ୱରଙ୍କ ପବିତ୍ର ମଣ୍ଡଳୀ ସମ୍ମୁଖରେ ଚାଲିକରି ଆସନ୍ତି ଓ ଏହାକୁ ସ୍ୱୀକାର କରନ୍ତି, ଏବଂ କୁହନ୍ତି, "ମୁଁ ଭୁଲ୍ ଅଟେ, ଏବଂ ଆପଣ ମୋତେ କ୍ଷମା କରନ୍ତୁ," ତେବେ ଆପଣ ଏହା କରିବାକୁ କର୍ତ୍ତବ୍ୟବଦ୍ଧ ଅଟନ୍ତି । ଆପଣ ନିଜ ହୃଦୟରେ ତାହା କରନ୍ତି ନାହିଁ, ତାହାହେଲେ ଆପଣଙ୍କୁ ନିଜେ ଯଜ୍ଞବେଦିକୁ ଯିବାର ଉଚିତ୍ ଥିଲା । ସତ ଅଟେ । ମଣ୍ଡଳୀରେ ପ୍ରକୃତ ପବିତ୍ରତା ଅଛି । ସେଠାରେ ବାସ୍ତବ ପବିତ୍ରତା ଅଛି, ଆପଣଙ୍କର ପବିତ୍ରତା ନୁହେଁ, ମାତ୍ର ଖ୍ରୀଷ୍ଟଙ୍କର ।

336 ତାହାଙ୍କ ନିକଟରେ ଉପସ୍ଥାପନ କରିବାକୁ ମୋ ପାଖରେ କୌଣସି ପବିତ୍ରତା ନାହିଁ । ମାତ୍ର ମୁଁ ତାହାଙ୍କ ଉପରେ, ଓଃ, ତାହାଙ୍କର ଅନୁଗ୍ରହ ଉପରେ ଭରସା କରୁଛି, ଏବଂ ଏହାକୁ ମୁଁ ମୋ ହୃଦୟରେ ରଖିଅଛି । ମୁଁ ଏହାକୁ ଅଯୋଗ୍ୟ ଭାବରେ ପ୍ରାପ୍ତ କରିଛି, ଏହାକୁ ପ୍ରାପ୍ତ କରିବାର ଯୋଗ୍ୟତା ନିମନ୍ତେ ମୁଁ କିଛି କରିପାରିବି ନାହିଁ, ମାତ୍ର ଅନୁଗ୍ରହ ଦ୍ୱାରା ସେ ମୋତେ ଡାକିଲେ ଏବଂ ମୋତେ ଆସିବାକୁ ନିମନ୍ତ୍ରଣ ଦେଲେ । ଏବଂ ମୁଁ ତାଙ୍କ ଆଡକୁ ଚାହିଁଲି, ଏବଂ ସେ ମୋ ଠାରୁ ସେହି ଇଚ୍ଛାକୁ ନେଇଗଲେ । ମୁଁ ପ୍ରତ୍ୟେକ ମାସରେ, ପ୍ରତିବର୍ଷ ହଜାରେ ଭୁଲ୍ କରେ । ନିଶ୍ଚିତରେ, ମୁଁ କରେ । ମାତ୍ର ଯେତେବେଳେ ମୁଁ ଦେଖେ ଯେ ମୁଁ ଭୁଲ୍ କରିଛି, ମୁଁ କୁହେ, "ପରମେଶ୍ୱର, ମୋର ତାହା କରିବାର ଅଭିପ୍ରାୟ ନ ଥିଲା, ତୁମେ ମୋର ହୃଦୟକୁ ଜାଣିଛ । ମୋର ତାହା କରିବାର ଅଭିପ୍ରାୟ ନ ଥିଲା । ମୋତେ ସେହି ଫାନ୍ଦରେ ଫସା ଯାଇଥିଲା । ମୋର ତାହା କରିବାର ଅଭିପ୍ରାୟ ନ ଥିଲା । ହେ ପ୍ରଭୁ, ତୁମେ ମୋତେ କ୍ଷମା କର ।"

337 ଯଦି ମୁଁ ମୋ ଭାଇ ସହିତ ଭୁଲ କରିଥାଏ, ମୁଁ କହିଥାଏ, "ଭାଇ, ମୋତେ କ୍ଷମା କର । ମୋର ତାହା କରିବାର ଅଭିପ୍ରାୟ ନ ଥିଲା । ନିଶ୍ଚିତରେ, ପରମେଶ୍ୱର ମୋର ହୃଦୟ ଜାଣନ୍ତି ।"

338 ଓଃ, ଆପଣ ସେଠାରେ ଅଛନ୍ତି । ସେଠାରେ ରକ୍ତ ବଳିଦାନ ଅଛି । ସେଠାରେ ସୁସମାଚାରର ଶକ୍ତି ଅଛି, ସେହି ପବିତ୍ର ମଣ୍ଡଳୀ ଆଗକୁ ବଢୁଛି । ଏଇଥି ପାଇଁ ନୁହଁ ଯେ ଆପଣ କିଛି କରିଛନ୍ତି; ଏହା ତ ଏପରି କିଛି ଅଟେ ଯାହା ସହିତ ଆପଣଙ୍କର କିଛି କରିବାର ନାହିଁ । ସେଠାରେ ପ୍ରାୟଶ୍ଚିତ ଅଛି ।

339 ବର୍ତ୍ତମାନ, ଏହି ମଲ୍‌କୀଷେଦକ, ଯେତେବେଳେ ସେ ଆସିଲେ ।

340 ମୁଁ ଆପଣଙ୍କୁ ଆଉ ଏକ କଥା କହିବାକୁ ଚାହେଁ । କଅଣ ଆପଣ କେବେ ଏକ—ଏକ ତିନି-କୋଣିଆ କାଚ ଖଣ୍ଡ ନେଇଛନ୍ତି କି? ଆପଣ ଏକ କାଚ ଖଣ୍ଡକ ନିଅନ୍ତୁ ଯାହାକି ତିନି କୋଣିଆ ଅଟେ, ଏବଂ ତାହାକୁ ଏପରି ଭାବରେ ରଖନ୍ତୁ ଯେପରି ସୂର୍ଯ୍ୟ ଆଲୋକ ଏହା ଉପରେ ପଡ଼ି ପାରୁଥିବ, ଏହା ସାତୋଟି ସିଦ୍ଧ ରଙ୍ଗ ବାହାର କରିବ । ଏକ ତିନି-କୋଣିଆ କାଚ ଖଣ୍ଡ ଏକ ମେଘଧନୁ ନିର୍ମାଣ କରିବ । ତାହା ଅବିକଳ ଠିକ୍ ଅଟେ । ତେବେ, ଯଦି ଆମ ପାଖରେ ସମୟ ଥିଲେ, ଆମେ ତାହା ଭିତରକୁ ଯାଆନ୍ତୁ । ତିନି ସିଦ୍ଧତାକୁ ନେଇକି ଆସେ:

ପିତା, ପୁତ୍ର, ପବିତ୍ରଆତ୍ମା; ଧାର୍ମିକ ଗଣିତ ହେବା, ପବିତ୍ରୀକୃତ ହେବା, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ । ଆପଣ ସେଠାରେ ଅଛନ୍ତି । ସିଦ୍ଧତା ତିନି ଦ୍ୱାରା ଆସିଥାଏ । ପରମେଶ୍ୱର, ମନୁଷ୍ୟ ଉପରେ; ପରମେଶ୍ୱର, ଯୀଶୁ ନାମକ ମନୁଷ୍ୟରେ; ପରମେଶ୍ୱର, ମଣ୍ଡଳୀରେ । ତେବେ, ସେହି ସିଦ୍ଧତା ।

341 ସେହି ମନୁଷ୍ୟ ପାପ କଲା, ଯେପର୍ଯ୍ୟନ୍ତ ପରମେଶ୍ୱର *ଏଠାରେ* ଉପରେ ଏକ ଅଗ୍ନିସ୍ତମ୍ଭରେ ଥିଲେ । ପରମେଶ୍ୱର...ମନୁଷ୍ୟ ପାପ କଲା, ବରଂ, ପରମେଶ୍ୱରଙ୍କ ସମ୍ମୁଖରେ, ଯେପର୍ଯ୍ୟନ୍ତ ପରମେଶ୍ୱର ଏକ ଅଗ୍ନିସ୍ତମ୍ଭରେ ଥିଲେ, କାରଣ ସେ ଏପର୍ଯ୍ୟନ୍ତ ଏକ ଅଶୁଚି ପ୍ରାଣୀ ଥିଲା, ପଶୁ ରକ୍ତ ତାଙ୍କ ସମ୍ମୁଖରେ ରଖାଯାଇଥିଲା ।

342 ତାହାପରେ ପରମେଶ୍ୱରଙ୍କ ମେଷଶାବକ ଆସିଲେ, ପରମେଶ୍ୱରଙ୍କ ଦ୍ୱିତୀୟ ନିର୍ଦ୍ଦିଷ୍ଟ ପଦକ୍ଷେପ; ସମାନ ପରମେଶ୍ୱର, ଅନ୍ୟ ଏକ କାର୍ଯ୍ୟାଳୟ । ଏବଂ ତାହାପରେ ଏହି ପରମେଶ୍ୱର...ଖ୍ରୀଷ୍ଟଙ୍କଠାରେ ଥିଲେ, ସେହି ସମାନ ପରମେଶ୍ୱର ଯିଏକି ଅଗ୍ନିସ୍ତମ୍ଭରେ ଥିଲେ । ଏବଂ ସେହି ସମାନ ପରମେଶ୍ୱର ଶରୀର ଧାରଣ କଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ । ଆଉ ତାହାପରେ ମଣିଷ ତାହାଙ୍କୁ ପରିହାସ କଲା, ତଥାପି ଏହା ତାହା ପାଇଁ ଉତ୍ତରଦାୟୀ ଥିଲା । ଏପର୍ଯ୍ୟନ୍ତ କୌଣସି ରକ୍ତ ପାତିତ ହୋଇ ନ ଥିଲା । ତାହା ଠିକ୍ ଅଟେ । ଯୀଶୁ କହିଲେ, "ମୁଁ ତୁମକୁ କ୍ଷମା କରିଦେବି ।"

343 ମାତ୍ର ତାହାପରେ ସେହି ସମାନ ଜଣକ ଯିଏକି ଦେହବନ୍ତ ହୋଇଥିଲେ, ପୁଣିଥରେ ଅଗ୍ନିସ୍ତମ୍ଭରେ ପରିଣତ ହେଲେ "ମୁଁ ପରମେଶ୍ୱରଙ୍କଠାରୁ ଆସିଛି । ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ ।" ଏଠାରେ ଆମେ ପାଉଲଙ୍କୁ ଦମ୍ମେସକକୁ ଯିବା ରାସ୍ତାରେ, ତାହାଙ୍କ ସହିତରେ, ସେହି ସମାନ ଅଗ୍ନିସ୍ତମ୍ଭ ସହିତରେ ସାକ୍ଷାତ କରୁଥିବାର ଦେଖୁ । ଆମେ ପିତରଙ୍କୁ କାରାଗାରରେ ତାହାଙ୍କୁ, ସେହି ଅଗ୍ନିସ୍ତମ୍ଭକୁ ଭେଟିବାର ଦେଖୁ । ନିଶ୍ଚିତ ଭାବରେ । ଏବଂ ଆଜି ଆମେ ତାହାଙ୍କୁ, ସେହି ସମାନ ଅଗ୍ନିସ୍ତମ୍ଭକୁ, ଆମମାନଙ୍କ ମଧ୍ୟରେ ଦେଖୁ ।

344 ମାତ୍ର ସିଦ୍ଧତା ସେହି ସ୍ଥାନକୁ ଆସିଯାଇଛି, ଯେଉଁଠାରେ ସେହି ମଧ୍ୟମ ବ୍ୟକ୍ତି...ତେବେ, ଯଦି ଏଠାରେ କେହି ଜଣେ ଯିହୂଦୀ ଥାଏ, କିମ୍ବା ଏପରି କେହି ଜଣେ ଯିଏକି ପୁରୁଣା ନିୟମ ବୁଝନ୍ତି । ଏହାକୁ ପ୍ରମାଣ କରି, ମୋତେ ଦେଖାଇବାକୁ ଦିଅନ୍ତୁ । ମୁଁ ବର୍ତ୍ତମାନ, ମୋ ସହିତରେ ପୁରାତନ ନିୟମ ରଖି ନାହିଁ । ଏହା ହେଉଛି—ହେଉଛି ନୂତନ ନିୟମ । ମାତ୍ର ତମ୍ବୁଗୁଡିକର ପରିଷ୍କାର କରିବା ସମୟରେ ସେହି ଯିହୁଦୀ ବଳିଦାନରେ, ନିସ୍ତାରପର୍ବର ରୋଟି ପାତ୍ରରେ ରଖାଯାଇଥିବା ସେହି ଦର୍ଶନୀୟ ରୋଟିର ନୈବେଦ୍ୟ ଅର୍ପଣ କରିବାରେ; କୌଣସି ଯିହୁଦୀକୁ ପଚାରନ୍ତୁ; ସେହି ତିନି ଖଣ୍ଡ ରୋଟି ଉପରେ, ମଝି ଖଣ୍ଡଟି ଭଙ୍ଗା ଯାଇଥାଏ । ତାହା ଖ୍ରୀଷ୍ଟ ଥିଲେ । ମଝି ଖଣ୍ଡଟି ଭଙ୍ଗା ଯାଇଥାଏ; ଖ୍ରୀଷ୍ଟ, ସେହି ଦୁହିଁ-ମଧ୍ୟରେ । ଦର୍ଶାଉଥିଲା ଯେ ମୁକ୍ତି ପାଇଁ, କୌଣସି ସ୍ଥାନରେ, ଏକ ଭାଙ୍ଗିବା ଆବଶ୍ୟକ ଅଟେ । ଏବଂ ସେହି ଖଣ୍ଡଟି ନିସ୍ତାରପର୍ବର ରୋଟି ଉପରେ, ମୁକ୍ତି ଭାବରେ ବିବେଚନା କରାଯାଉଥିଲା ।

345 ଏବଂ ସେ ଏଠାରେ ଅଛନ୍ତି । ଏବଂ ଆଜି ରାତି, ଯେତେବେଳେ ଆମେ ପ୍ରଭୁଭୋଜ ଗ୍ରହଣ

କରୁ, ଆମେ ନିସ୍ତାରପର୍ବର ରୋଟିକୁ ଭାଙ୍ଗୁ, କାରଣ ଏହା ଖ୍ରୀଷ୍ଟଙ୍କ ଶରୀର ଅଟେ । ଆଉ ସେ ଆମମାନଙ୍କର ପାପଗୁଡିକର ପ୍ରାୟଶ୍ଚିତ ହେବା ନିମନ୍ତେ, କାଲଵରୀରେ ଭଙ୍ଗା ଯାଇଥିଲେ, ଯେପରିକି ତାହାଙ୍କର ଧାର୍ମିକତା ଦ୍ୱାରା ଆମେ ତାହାଙ୍କର ଧାର୍ମିକତା ହୋଇଯାଉ । କାରଣ, ସେ ଆମର ପାପ ହେଲେ, ଯେପରିକି ଆମେ ତାହାଙ୍କର ଧାର୍ମିକତା ହେଉ । ଭାଇ, ତାହା ସମ୍ପୂର୍ଣ୍ଣ ଅନୁଗ୍ରହ ଅଟେ । ଅବିକଳ ଭାବେ । ଅନ୍ୟ କୌଣସି ଉପାୟ ନାହିଁ, ଅନ୍ୟ କୌଣସି ଉପାୟ ହିଁ ନାହିଁ ଯେ ଆପଣ ଯଥାର୍ଥ ହୋଇପାରିବେ ।

346 ବର୍ତ୍ତମାନ, ଏହି ମଲ୍‌କୀଷେଦକ, ଏହି ମହାନ ବ୍ୟକ୍ତି ଯିଏକି ରାସ୍ତାରେ ସାକ୍ଷାତ ହୋଇଥିଲେ, ସେ ଦେୟ ଦେଇଥିଲେ, ଅବ୍ରହାମ ତାଙ୍କୁ ଦଶମାଂଶ ଦେଇଥିଲେ । ନିଶ୍ଚିତରେ ସେ କେତେ ବଡ଼ ଜଣେ ମହାନ ବ୍ୟକ୍ତି ହୋଇଥିବେ! ତେବେ ଧ୍ୟାନ ଦିଅନ୍ତୁ, ଶୀଘ୍ର ।

*ସେ ଶାରୀରିକ,…ବ୍ୟବସ୍ଥାନୁସାରେ ନିଯୁକ୍ତ*…ହୋଇ,

347 ବର୍ତ୍ତମାନ ସେହି ଆଇନ ଅନୁଗତକାରୀ ବ୍ୟବସ୍ଥାକୁ ଦେଖୁଛନ୍ତି କି? ବ୍ୟବସ୍ଥା କୁହେ, "ତୁମ୍ଭେ ହତ୍ୟା କରିବ ନାହିଁ । ତୁମ୍ଭେ ବ୍ୟଭିଚାର କରିବ ନାହିଁ । ତୁମ୍ଭେ ଚୋରି କରିବ ନାହିଁ ।"

348 ଯୀଶୁ ଠିକ ବୁଲି ପଡିଲେ, କହିଲେ, "ପୁରାତନ କାଳରୁ ଏହା ବିଷୟରେ କୁହାଯାଇଅଛି, 'ତୁମ୍ଭେ ହତ୍ୟା କରିବ ନାହିଁ, ' ମାତ୍ର ମୁଁ କହୁଛି ଯିଏ ବିନା କାରଣରେ, ନିଜ ଭାଇ ଉପରେ କ୍ରୋଧ କରେ, ହତ୍ୟା କରି ସାରିଲାଣି । ପୁରାତନ କାଳରୁ, ଏହା ସେମାନଙ୍କ ବିଷୟରେ କୁହାଯାଏ, 'ତୁମ୍ଭେ ବ୍ୟଭିଚାର କରିବ ନାହିଁ,' ମାତ୍ର ମୁଁ ତୁମ୍ଭକୁ କହୁଅଛି ଯେ, ଯେକେହି କୌଣସି ସ୍ତ୍ରୀଲୋକକୁ କାମ ବାସନାରେ ଦେଖିଥାଏ, ତାଙ୍କ ସହିତ ନିଜ ହୃଦୟରେ ବ୍ୟଭିଚାର କରିସାରିଅଛି ।" ଆପଣ ସେଠାରେ ଅଛନ୍ତି । ତାହା ମହିଳାମାନଙ୍କୁ ଶିଖାଇବା ଉଚିତ୍ ଯେ କିପରି ପୋଷାକ ପିନ୍ଧିବା କଥା, ଯାହା ଠିକ୍ ଅଟେ ତାହା କିପରି କରିବା କଥା । ଆପଣ ଭୁଲ୍ ପୋଷାକ ପିନ୍ଧନ୍ତି, ଏବଂ ପୁରୁଷମାନଙ୍କୁ ଆପଣଙ୍କ ଉପରେ ଭୁଲ୍ ଦୃଷ୍ଟିରେ ଦେଖିବା ହେତୁ ପ୍ରବର୍ତ୍ତାଇ ଥାଆନ୍ତି, ଆପଣ ବ୍ୟଭିଚାର କରିବାର ଦୋଷୀ ଅଟନ୍ତି, ତାହା ଠିକ ସେହି ସମାନ ଅଟେ ଯେପରିକି ଆପଣ ସେହି କ୍ରିୟା କରିଥିବାର ଦୋଷୀ ଅଟନ୍ତି । ଯୀଶୁ ଏହା କହିଥିଲେ ।

349 ଏବଂ ଆପଣ ଲୋକମାନେ ଏହି ଧାରୁଆ-ଛୁରୀ ସଦୃଶ କ୍ରୋଧ ସହିତ, ଯେଉଁମାନେକି ସର୍ବଦା ନିଜ ମୁଖରୁ କାହାରି ଉପରେ ପାଟି କରୁଥାଆନ୍ତି, ଚୁପ ରହିପାରନ୍ତି ନାହିଁ, ଏବଂ ସେହିପରି ବିଷୟଗୁଡିକ କରୁଥାଆନ୍ତି । ସଜାଗ ରୁହନ୍ତୁ । ଆପଣ ଦୋଷୀ ଅଟନ୍ତି ଯଦି ଆପଣ ନିଜର ଭାଇ ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କୁହନ୍ତି ଯାହାକି ଠିକ୍ ନୁହେଁ, ଯଥାର୍ଥ ନୁହେଁ, ଚାରିଆଡେ ଯାଆନ୍ତି ଓ ଏହାକୁ ଭାଙ୍ଗି ପକାଇ ଥାଆନ୍ତି । ଆପଣଙ୍କୁ ଜଣେ ବ୍ୟକ୍ତିଙ୍କୁ ମାରିବା ପାଇଁ ତାଙ୍କ ପିଠିରେ ଛୁରୀ ଭୁସିବାକୁ ପଡ଼େ ନାହିଁ । ଆପଣ ତାଙ୍କ ଚରିତ୍ରକୁ ଭାଙ୍ଗି ତାଙ୍କୁ ହତ୍ୟା କରିପାରନ୍ତି, ତାଙ୍କର ପ୍ରଭାବକୁ ମାରି ଦେଇପାରନ୍ତି । ଏଠାରେ ନିଜର ପାଳକଙ୍କ ବିରୁଦ୍ଧରେ କୁହନ୍ତୁ, ତାଙ୍କ ବିଷୟରେ କିଛି ଖରାପ କୁହନ୍ତୁ, ତାହା ତ ଠିକ ସେହିପରି ଅଟେ ଯେପରି ଆପଣ ତାଙ୍କୁ ଗୁଳି କଲେ । ତାଙ୍କ ବିଷୟରେ ଏପରି କିଛି କଥା କହିଲେ ଯାହା ଠିକ୍ ନ ଥିଲା, ତେବେ,

ଏହା ଲୋକମାନଙ୍କ ସହିତରେ ଓ ସେହିପରି ବିଷୟଗୁଡିକ ସହିତରେ ତାହାଙ୍କର ପ୍ରଭାବକୁ ମାରି ପକାଇବ, ଏବଂ ଆପଣ ଏଥିପାଇଁ ଦୋଷୀ ଅଟନ୍ତି । ଯୀଶୁ ଯାହା କହିଥିଲେ ।

350 ତେବେ, ଏଠାରେ ଶୁଣନ୍ତୁ, ଯେ ପାଉଲ ଏଠାରେ କଅଣ—କଅଣ କହିବାକୁ ଚେଷ୍ଟା କରୁଥିଲେ । ମୁଁ ଏହି ପୁରୁଣା ବାଇବଲକୁ ଭଲ ପାଏ । ଏହା ଆପଣଙ୍କୁ ସଳଖ କରିଦିଏ । ଦେଖନ୍ତୁ, ଓଃ, କେବଳ ଏଠାରେ ଦେଖନ୍ତୁ । ବର୍ତ୍ତମାନ, ଯେତେବେଳେ ଆମେ ପାଠ କରୁ ଚାରି-…"ଏହା…କାରଣ ଏହା ସ୍ପଷ୍ଟ ଯେ ଆମର ପ୍ରଭୁ ଯି-…ରୁ ବାହାରି ଆସିଲେ" ଅପେକ୍ଷା କରନ୍ତୁ, ମୁଁ ବିଶ୍ୱାସ କରେ ଯେ ମୋ ପାଖରେ ଏଠାରେ ଆଉ ଏକ ପଦ ଅଛି ଯାହା ମୁଁ ପାଠ କରିବାକୁ ଯାଉଥିଲି । ନା, ତଳେ ଏଠାରେ 16ଶ ରେ ।

*ସେ ଶାରୀରିକ…ବ୍ୟବସ୍ଥାନୁସାରେ, ନିଯୁକ୍ତ…*ହୋଇ,

351 ତାହା ଆଇନଗତ ଅଟେ, ଆପଣ ଦେଖନ୍ତୁ । "ଓଃ, ଭାଇ, ମୁଁ—ମୁଁ କରିବା ଉଚିତ୍ ନୁହେଁ । ମୁଁ କରିବା ଉଚିତ୍ ନୁହେଁ । ମୁଁ ଜାଣେ, ମାତ୍ର ମୁଁ…" ଏହା ତାହା ନୁହେଁ । ଏହା ତ ପ୍ରେମ ଅଟେ ଯାହାକି ତାହା କରେ ।

352 କିପରି ଭାବରେ ଆମେ ଏହା ଦେଇ ଗଲୁ! ମୁଁ କହିଲି, "ଯଦି ମୁଁ ମୋର…ମୋ ସ୍ତ୍ରୀ ବିଷୟରେ କୁହେ, 'ଓଃ, ଭଲ, ମୁଁ—ମୁଁ—ମୁଁ ଦୁଇଟି ପତ୍ନୀ କରିବାକୁ ପସନ୍ଦ କରିବି । ମୁଁ *ଏହି* ଜଣକା ସହିତ ଦୌଡିବାକୁ ଚାହେଁ, ସେଠାରେ *ଏହି* ଜଣକା ସହିତ କରିବାକୁ ଚାହେଁ । ମାତ୍ର, ଯଦି ମୁଁ କରେ, ମୋ ପତ୍ନୀ ମୋତେ ଛାଡପତ୍ର ଦେବେ, ଏବଂ ମୋର ପିଲାମାନେ…ମୋର ସେବାକାର୍ଯ୍ୟ ନଷ୍ଟ ହୋଇଯିବ ।'" ତୁମେ ଅପରିଷ୍କାର, ଭ୍ରଷ୍ଟ କପଟୀ । ତାହା ଠିକ୍ ଅଟେ । ଆପଣ ପ୍ରଥମ ସ୍ଥାନରେ ହିଁ, ତାଙ୍କୁ ପ୍ରେମ କରନ୍ତି ନାହିଁ । ତାହା ଅବିକଳ ଠିକ୍ ଅଟେ ।

353 ଯଦି ଆପଣ ତାଙ୍କୁ ପ୍ରେମ କରୁଥାଆନ୍ତେ, ଏହା ବିଷୟରେ କୌଣସି ନିୟମ ହିଁ ରହିବ ନାହିଁ । ଆପଣ ତାଙ୍କୁ ଯେକୌଣସି ପ୍ରକାରେ, ପ୍ରେମ କରିବେ, ଏବଂ ଆପଣ ତାଙ୍କ ସହିତ ଲାଗି ରହିବେ । ତାହା ଅବିକଳ ଠିକ୍ ଅଟେ । ଏବଂ ଆପଣ ସ୍ତ୍ରୀଲୋକମାନେ ନିଜର ସ୍ୱାମୀଙ୍କ ପ୍ରତି ସେହି ସମାନ କାର୍ଯ୍ୟ କରିବେ । ତାହା ଠିକ୍ ଅଟେ ।

354 ବେଳେବେଳେ ସ୍ତ୍ରୀଲୋକମାନେ ସେହି ସ୍ଥାନ ହୋଇଯାଆନ୍ତି, କିମ୍ବା…

355 ପୁରୁଷ କୌଣସି ସାନ ଯିଜେବଲକୁ ତାହାର ସବୁଆଡେ ରଙ୍ଗ ପ୍ରସାଧନ ଲଗାଇଥିବାର ଦେଖନ୍ତି, ଆପଣ ଜାଣନ୍ତି, ଏବଂ—ଏବଂ ଆପଣ ତାହାର ଚାରି ପାଖରେ ବୁଲିବେ, ତା ପାଇଁ ଲାଳାୟିତ ହେବେ; ହୋଇପାରେ ଆପଣଙ୍କର ଜଣେ ଭଲ ପତ୍ନୀ ଥିବ । ଏବଂ ତାହାପରେ ଆପଣ ନିଜକୁ ଜଣେ ଖ୍ରୀଷ୍ଟିଆନ ବୋଲି କୁହାଉଥାଆନ୍ତି । ଆପଣଙ୍କୁ ଲାଜ ଲାଗିବା କଥା । ଆପଣ ସେହି ଯଜ୍ଞବେଦିର ଆଉ ଏକ ମାତ୍ରା ଆବଶ୍ୟକ କରନ୍ତି । ତାହା ଠିକ୍ ।

356 ଏବଂ ଆପଣମାନଙ୍କ ମଧ୍ୟରୁ କେତେକ—ଏବଂ ଆପଣମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀଲୋକ କୌଣସି ଜଣେ ସାନ ବୟସ୍କ ଲୋକକୁ ଦେଖନ୍ତି ଯିଏକି ନିଜର କେଶକୁ ଏପରି ଚିପି

କୁଣ୍ଡେଇ ହୋଇଥାଏ, ତାହା ଉପରେ ଯଥେଷ୍ଟ ଭେସଲିନ୍ ଥାଏ…ଯେ ତାଙ୍କ ମୁଖ ଖୋଲିଯିବ । ଏବଂ ତାହାପରେ ଆପଣ…

357 କୌଣସି ସାନ ଝିଅ, ଏଠାରେ ଅଳ୍ପ କିଛି ଦିନ ପୂର୍ବରୁ…ଏହା ଏକ ହାସ୍ୟାସ୍ପଦ କଥା ନୁହେଁ, କାରଣ ମୋର ଏହାକୁ ଏକ ହାସ୍ୟାସ୍ପଦ କରି କହିବାର ଅଭିପ୍ରାୟ ନାହିଁ । ମାତ୍ର ଲୋକମାନେ ଜାଣନ୍ତି ଯେ ଏହା ଥଟ୍ଟା ପରିହାସ କରିବାର କୌଣସି ସ୍ଥାନ ନୁହେଁ । କିନ୍ତୁ ଏଠାରେ ଏକ ସାନ ଝିଅ, ସେ…ଏଠାରେ ଭଲ ପୁଅମାନେ ଥିଲେ, ଖ୍ରୀଷ୍ଟିଆନ ବାଳକମାନେ । ବହୁ ସମୟ ପୂର୍ବରୁ, ଯେତେବେଳେ ମୁଁ ଏଠାରେ ପାଳକ କାମ କରୁଥିଲି, ଆମର କେବଳ ଯୁବକମାନଙ୍କର ଶ୍ରେଣୀ ହେଉଥିଲା । ଏବଂ ମୁଁ ରବିବାର ଅପରାହ୍ନରେ ଯୁବତୀମାନଙ୍କ ସହିତ, ଯୌନ ବିଷୟଗୁଡିକରେ ଏବଂ ଅନ୍ୟାନ୍ୟ ବିଷୟଗୁଡିକ ସମ୍ବନ୍ଧରେ କଥାବାର୍ତ୍ତା କରେ । ତାହାପରେ ପରବର୍ତ୍ତୀ ରବିବାର ଅପରାହ୍ନରେ, ଯୁବକମାନଙ୍କ ସହିତ କଥାବାର୍ତ୍ତା କରେ, ଓ ସେହି ବିଷୟଗୁଡ଼ିକୁ ବନ୍ଦ କରିବାକୁ ଚେଷ୍ଟା କରେ ।

358 କୌଣସି ଏକ ସାନ ଝିଅ, ଏଠାରେ ତଳେ ନଗରରେ, କୌଣସି ଏକ ସାନ ବାଳୁଙ୍ଗା ଟୋକା ସହିତ ଯିବା ଆରମ୍ଭ କରିଥିଲା, ସିଗାରେଟ୍ ଟାଣୁଥିଲା ଏବଂ ତାହାର ପକେଟରେ ଏକ ଛୋଟ ମଦ ବୋତଲ ରଖୁଥିଲା । ଆଉ ସେ ନଗର ଚାରିପାଖରେ ଏକ ସାନ ଯାଯାବର କାର୍ ଚଳାଉଥିଲା । ସେ ସେହି ପୁଅଠାରେ କଅଣ ଦେଖିଥିଲା ମୁଁ ବୁଝିପାରି ନ ଥିଲି । ସେହି ପିଲା ଗୀର୍ଜାକୁ ଆସୁ ନ ଥିଲା । ସେ ସେଠାରେ ବାହାରେ ବସି ରହୁଥିଲା । ସେହି ଝିଅକୁ ଏଠାରେ ଗୀର୍ଜାରେ ଛାଡ଼ି ଦିଏ, ଏବଂ ତାହାପରେ ସେ ସେଠାରେ ବାହାରେ, ନିଜ କାରରେ ବସିଥାଏ, ଓ ଅପେକ୍ଷା କରେ, ଗୀର୍ଜାକୁ ଆସେ ନାହିଁ । ମୁଁ ସେହି ଝିଅକୁ ଦିନେ କହିଲି । ସେ ନ୍ୟୁ ଆଲବାନିରେ ରହୁଥିଲା । ମୁଁ କହିଲି, "ଝିଅ, ମୁଁ ତୁମକୁ କିଛି ପଚାରିବାକୁ ଚାହେଁ । ଜଗତରେ ତୁମେ ସେହି ପୁଅ ଭିତରେ କଅଣ ଦେଖୁଛ?" ମୁଁ କହିଲି, "ପ୍ରଥମ ସ୍ଥାନରେ, ସେ ତ ଠିକ ସେହି ଧର୍ମକୁ ଘୃଣା କରେ ଯାହା ତୁମର—ତୁମର ରହିଛି । ସେ ତୁମର ଖ୍ରୀଷ୍ଟଙ୍କୁ ଘୃଣା କରେ । ସେ ତୁମର କେବେ ବି ଏକ ସ୍ୱାମୀ ହେବ ନାହିଁ । ସେ ତୁମକୁ, ତୁମର ସାରା ଜୀବନ ଦୁଃଖୀ କରିବ ।" ଆଉ ମୁଁ କହିଲି, "ଠିକ୍ ଅଛି, ଏଠାରେ ଭଲ ସାନ ସାନ ଖ୍ରୀଷ୍ଟିଆନ ବାଳକମାନେ ଅଛନ୍ତି ଯାହାଙ୍କ ସହିତ ତୁମେ ଯାଇପାର । ଏବଂ ସେଠାରେ ତୁମର ବାପା ଏବଂ ମାଆ ତୁମର ଏହି ବାହାରକୁ ଯିବାର ଚିନ୍ତାଧାରାକୁ ଘୃଣା କରନ୍ତି, ମାତ୍ର ତୁମେ ଯେକୌଣସି ପ୍ରକାରେ ଯାଇଥାଅ, ଏବଂ ତୁମେ ଭାବିଥାଅ, 'ମୁଁ ତ ମଧୁର ଷୋହଳ ବୟସର ।'"

359 ସେ ମେକଅପ୍ ରଙ୍ଗ ପ୍ରସାଧନ ଲଗାଇବା ଆରମ୍ଭ କଲା ଏବଂ ଯିବାର ଆରମ୍ଭ କଲା, ଏବଂ ପ୍ରଥମ ବିଷୟ, ସେ ରାସ୍ତାକଡ଼ ଘରରେ ଥିଲା । ସେ ବର୍ତ୍ତମାନ ଅନନ୍ତତାକୁ ଚାଲିଯାଇଛି । କିନ୍ତୁ, ସେତେବେଳେ, ସେ ଏଠାରେ ଛିଡ଼ା ହୋଇଥିଲା । ଏବଂ କଅଣ ଆପଣ ଜାଣିଛନ୍ତି ଯେ ସେହି ଝିଅ ମୋତେ ସେଠାରେ ପଛରେ କି ବାହାନା ଦେଲା, ଯେ ସେ ସେହି ପିଲାକୁ କଅଣ ପାଇଁ ଭଲ ପାଉଥିଲା? ସେ କହିଲା, "ସେହି ପିଲାର ଏତେ ସୁନ୍ଦର ଛୋଟ ଛୋଟ ପାଦଗୁଡିକ ଅଛି, ଏବଂ ସେ ବହୁତ ଭଲ ସୁଗନ୍ଧ ମହକୁ ଥାଏ ।" କଅଣ ଆପଣ ତାହା କଳ୍ପନା କରିପାରନ୍ତି

କି? ନିଜକୁ ସୁଗନ୍ଧରେ ମହକାଇ ଥାଏ, ତାହା ଏକ ମାଇଚିଆ ଅଟେ, ପୁରୁଷ ନୁହେଁ ।

360 "ଦେଖ," ମୁଁ କହିଲି, "ଭଉଣୀ, ମୁଁ ତ ବରଂ ଏକ ଖ୍ରୀଷ୍ଟିଆନ ବାଳକ ସହିତ ଯିବି ଯାହାରକି ପାଦଗୁଡିକ ବାଲିଗୁଡି କାର ପରି ହୋଇଥାଏ ଏବଂ ଏକ ମେରୁ ବିଲେଇ ପରି ଦୁର୍ଗନ୍ଧ ହେଉଥାଏ, ଯଦି ସେ ସଂପୂର୍ଣ୍ଣ ଭାବେ ଏକ ଖ୍ରୀଷ୍ଟିଆନ ହୋଇଥିବ ।" ତାହା ଠିକ୍ । ସତ । ହଁ ।

361 ଏହା ତ ବାହାନା ଅଟେ, "ଏପରି ସୁନ୍ଦର ଛୋଟ ପାଦ, ଏବଂ ବହୁତ ଭଲ ସୁଗନ୍ଧ ।" ସେହି ଛୋଟ ରାସ୍ତାକଡ ଘର ଦୌଡାଳୀ, ଶେଷରେ ସେହି ଝିଅର ଜୀବନକୁ ନଷ୍ଟ କରିଦେଲା । ଏହା ଏକ ଲଜ୍ଜାଜନକ, ଅପମାନଜନକ ବିଷୟ ଅଟେ ।

362 ବିବାହ ଆଦରଣୀୟ ଅଟେ, ମାତ୍ର ଏହାକୁ ପ୍ରାର୍ଥନା ଓ ସମ୍ମାନର ସହିତ ପ୍ରବେଶ କରିବା ଉଚିତ୍ । ଏବଂ ସେହି ସ୍ତ୍ରୀ ନିମନ୍ତେ ପ୍ରକୃତ ପ୍ରେମ ଆପଣଙ୍କୁ ସବୁଦିନ ପାଇଁ ଏକତ୍ର ବନ୍ଧନରେ ରଖିବ । "ତୁମେ ପୃଥିବୀରେ ଯାହା ବାନ୍ଧିବ, ମୁଁ ସ୍ୱର୍ଗରେ ବାନ୍ଧିବି ।" ଯେତେବେଳେ ଆପଣ ରାସ୍ତାରେ ଚାଲିକରି ଯାଉଥିବେ, ହୁଏତ ସେହି ସ୍ତ୍ରୀଲୋକ ବୃଦ୍ଧ ଏବଂ ଧୂସର ବର୍ଣ୍ଣ ଏବଂ କୁଞ୍ଚିତ ହୋଇପାରେ, ମାତ୍ର ସେହି ସମାନ ପ୍ରେମ ଯାହାକି ଆପଣଙ୍କର ତାହା ପାଇଁ ସେତେବେଳେ ରହିଥିଲା ଯେତେବେଳେ ସେ ଜଣେ ଯୁବା, ସୁନ୍ଦର ନାରୀ ଥିଲେ, ତାହାହେଲେ ଏବେ ମଧ୍ୟ ଆପଣ ତାହା ପାଇବେ ।

363 ଆପଣଙ୍କର ହୁଏତ କାନ୍ଧ-ଝୁଙ୍କି ପଡିଥିବ, ମୁଣ୍ଡ ଚନ୍ଦା ହୋଇଯାଇଥିବ, ଏବଂ କୁଞ୍ଚିତ-ମୁଖମଣ୍ଡଳ ଏବଂ ଅନ୍ୟାନ୍ୟ ସବୁକିଛି ହୋଇଯାଇଥିବ, ମାତ୍ର ସେହି ସ୍ତ୍ରୀ ଆପଣଙ୍କୁ ଠିକ ସେହିପରି ପ୍ରେମ କରିବ ଯେପରିକି ସେ ଆପଣଙ୍କୁ ସେତେବେଳେ କରିଥିଲା ଯେତେବେଳେ ଆପଣ ଚୌଡା କାନ୍ଧ ଏବଂ କୁଞ୍ଚୁ କୁଞ୍ଚିଆ କେଶ ସହିତରେ ଛିଡ଼ା ହୋଇଥିଲେ, ଯଦି ଏହା ପ୍ରକୃତରେ ପରମେଶ୍ୱର ଅଟନ୍ତି । କାରଣ ଆପଣ ସେହି ସମୟକୁ ଦେଖୁଛନ୍ତି ଯେତେବେଳେ ଆପଣ ସେହି ନଦୀକୁ ପାର ହୋଇ ଯାଇଥାଆନ୍ତି, ଯେତେବେଳେ ଆପଣ ଚିରଦିନ ପାଇଁ ଏକାଠି ରହିବା ନିମନ୍ତେ, ପୁନର୍ବାର ଯୁବକ ଏବଂ ଯୁବତୀ, ଅବସ୍ଥାକୁ ଫେରିଯାଆନ୍ତି । ତାହା ପରମେଶ୍ୱରଙ୍କ ଅନନ୍ତକାଳୀନ ପ୍ରତିଜ୍ଞା ଅଟେ । ସେ ଏହା କରିବେ ବୋଲି କହିଛନ୍ତି । ସେ, କେବଳ ସେତିକି ନୁହେଁ, ଆମେ ଏହା ଭିତରକୁ ଗୋଟିଏ ମିନିଟରେ ଯିବା, ସେ ଏହା କରିବେ ବୋଲି ଶପଥ କରିଛନ୍ତି ।

364 ଯେତେବେଳେ ଆମେମାନେ ଆଗକୁ ଯାଉ, ଏହାକୁ ଶୁଣନ୍ତୁ ।

*ସେ ଶାରୀରିକ,...ବ୍ୟବସ୍ଥାନୁସାରେ ନିଯୁକ୍ତ...*ହୋଇ, *ଅକ୍ଷୟ ଜୀବନର ଶକ୍ତି ଅନୁସାରେ...ନିଯୁକ୍ତ ହୋଇଅଛନ୍ତି ।*

365 ବର୍ତ୍ତମାନ ଆମେ ଶୀଘ୍ର ପଢ଼ିବାକୁ ଯାଉଅଛୁ, ଯେପରିକି ଆମେ ଏହାକୁ ପାଇପାରିବା ।

*କାରଣ ତାହାଙ୍କ ସମ୍ବନ୍ଧରେ ଏହା ସାକ୍ଷ୍ୟ ଦିଆଯାଏ, ତୁମ୍ଭେ ମଲ୍‌କୀଷେଦକଙ୍କ ସଦୃଶ ଅନନ୍ତକାଳୀନ ଯାଜକ ଅଟ ।*

ଯେତେ ଦିନ ପର୍ଯ୍ୟନ୍ତ ଜଣେ ଯାଜକଙ୍କର ଆବଶ୍ୟକ ହେବ, ସେ ଜଣେ ଯାଜକ ହେବେ ।

*ଏଥିରେ ଏକ ପକ୍ଷରେ ପୂର୍ବବର୍ତ୍ତୀ...ଆଜ୍ଞା ଦୁର୍ବଳ ଓ ନିଷ୍ଫଳ ହେବାରୁ* ତାହାର ଲୋପ *ହୋଇଅଛି ।*

*କାରଣ ବ୍ୟବସ୍ଥା କୌଣସି ବିଷୟ ସିଦ୍ଧ କରି ନ ଥିଲା,...*

366 ଆପଣ ତାହା କରିପାରନ୍ତି ନାହିଁ, ଏଥିରେ ଯାଏ ଆସେ ନାହିଁ ଯେ ଆପଣ କଅଣ କରନ୍ତି । ଆପଣ ମଦ୍ୟପାନ ଛାଡିଛନ୍ତି, ଧୂମପାନ ଛାଡିଛନ୍ତି, ମିଥ୍ୟା କହିବା ଛାଡିଛନ୍ତି, ମଣ୍ଡଳୀକୁ ଯାଆନ୍ତି ଏବଂ *ଏହା* କରିବାକୁ ଚେଷ୍ଟା କରନ୍ତି ଏବଂ *ତାହା* କରିବାକୁ ଚେଷ୍ଟା କରନ୍ତି, ଆପଣ ତଥାପି ଶାରୀରିକ ଅଟନ୍ତି । ତାହା ତ କେବଳ ବ୍ୟବସ୍ଥା ଅଟେ । ବ୍ୟବସ୍ଥା କୌଣସି ବିଷୟକୁ ସିଦ୍ଧ କରେ ନାହିଁ । ମାତ୍ର କେଉଁ ବିଷୟ ସିଦ୍ଧ କରେ? ଖ୍ରୀଷ୍ଟ । ମହିମା ହେଉ! ମୁଁ ମିଥ୍ୟା କହିବା, ଚୋରି କରିବା, ବ୍ୟଭିଚାର କରିବା, ପାନ ଗୁଟଖା ଚୋବାଇବା, ସବୁ ଜିନିଷ ତ୍ୟାଗ କରିପାରେ, ଏବଂ ତଥାପି ମୁଁ ଶାରୀରିକ ଅଟେ । ପରମେଶ୍ୱର ଏହାକୁ ଗ୍ରହଣ କରନ୍ତି ନାହିଁ, କାରଣ ମୋ ପାଖରେ ତାହାଙ୍କୁ ପ୍ରାୟଶ୍ଚିତରେ ଉତ୍ସର୍ଗ କରିବା ନିମନ୍ତେ କିଛି ବିଷୟ ନାହିଁ ।

367 ମାତ୍ର ଯେଉଁ ମିନିଟରେ ମୁଁ ପ୍ରଭୁ ଯୀଶୁଙ୍କ ଆଶୀଷିତ ମସ୍ତକ ଉପରେ ହାତ ରଖିଦିଏ, ଓ କୁହେ, "ପ୍ରଭୁ, ମୁଁ ଭଲ ନୁହେଁ । କଅଣ ତୁମେ ମୋତେ ତୁମର ସେବକ ରୂପେ ଗ୍ରହଣ କରିବ କି?" ଏବଂ ପରମେଶ୍ୱର ମୋର ପାପକୁ ବିଦାୟ ଚୁମ୍ବନ କରି ଦିଅନ୍ତି, ମୁଁ ପରମେଶ୍ୱରଙ୍କ ଦୃଷ୍ଟିରେ ସିଦ୍ଧ ଭାବେ ଛିଡା ହୋଇଥାଏ । ତାହା ଠିକ୍ ଅଟେ । କାହିଁକି? ମୁଁ ମୋର ନିଜର ଯୋଗ୍ୟତା ଉପରେ ଛିଡ଼ା ହୋଇନାହିଁ । ମୁଁ ତାହାଙ୍କର ଉପରେ ଛିଡ଼ା ହୋଇଛି । ଏବଂ ସେ ତାହାଙ୍କର ଦୁଃଖ ଭୋଗ ଏବଂ ତାହାଙ୍କର ରକ୍ତ ମାଧ୍ୟମରେ, ଆମକୁ ସିଦ୍ଧ କରିଅଛନ୍ତି ।

368 ମୁଁ ଦେଖୁଛି ଯେ ଏହା ସମାପ୍ତ କରିବାର ସମୟ ଅଟେ । ମାତ୍ର ମୁଁ ଯେତେ ଶୀଘ୍ର ପାରେ, ଏହାକୁ ପଢ଼ିବା ଶେଷ କରିବାକୁ ଚାହେଁ ।

*...ପୂର୍ବବର୍ତ୍ତୀ ଆଜ୍ଞା ଦୁର୍ବଳ ଓ ନିଷ୍ଫଳ ହେବାରୁ* ତାହାର ଲୋପ *ହୋଇଅଛି ।*

*କାରଣ ବ୍ୟବସ୍ଥା କୌଣସି ବିଷୟ ସିଦ୍ଧ କରି ନ ଥିଲା, ଅନ୍ୟ ପକ୍ଷରେ ଶ୍ରେଷ୍ଠତର ଭରସା ପ୍ରବେଶ କରିଅଛି;* (ଶ୍ରେଷ୍ଠତର ଭରସା କ'ଣ? ଖ୍ରୀଷ୍ଟ ।) *ତଦ୍ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେଉ ।*

369 କାହିଁକି? ଆମର ସମସ୍ତ ଉତ୍ତମତା, ଏବଂ ଆମର ସମସ୍ତ ଉତ୍ତମତା, ଏବଂ ଆମର ସମସ୍ତ ଉତ୍ତମତା ଦେଇ ମଧ୍ୟ, ଆମେ ତଥାପି ଶାରୀରିକ ଅଟୁ । ମାତ୍ର ଥରେ ପରମେଶ୍ୱରଙ୍କ ଉପସ୍ଥିତିରେ, ଏହା ହୃଦୟଙ୍ଗମ କରି ଯେ ଆମେ ସେଠାରେ କଦାପି ଛିଡ଼ା ହୋଇପାରିବା ନାହିଁ, କେବଳ ଯୀଶୁ ଖ୍ରୀଷ୍ଟଙ୍କର ଯୋଗ୍ୟତାସକଳ ଦ୍ୱାରା, ତେବେ ଆମେ ତାହାଙ୍କର ପୁତ୍ରଙ୍କ ଯୋଗ୍ୟତାସକଳ ଦ୍ୱାରା, ପରମେଶ୍ୱରଙ୍କର ନିକଟବର୍ତ୍ତୀ ହୋଇପାରିବା । "ହେ ପ୍ରଭୁ, ମୁଁ ଏକ ନିରୀହ ହୃଦୟ ସହିତ, ତୁମ ନିକଟକୁ ଆସୁଅଛି । ତୁମର ପୁତ୍ର ଯୀଶୁଙ୍କ ନାମରେ, ଦୟାକରି ମୋତେ ଗ୍ରହଣ କର ।" ହେ, ଭାଇ, ଆପଣ ତେବେ ଏକ ଜୀବନ୍ତ ଉପାୟରେ ଆସୁଛନ୍ତି ।

370 ଏହା ନୁହେଁ ଯେ, "ପ୍ରଭୁ, ତୁମେ ଜାଣିଛ ଯେ ମୁଁ ମଦ୍ୟପାନ ଛାଡି ଦେଇଛି । ତୁମେ ଜାଣିଛ ଯେ ମୁଁ ମୋ ପତ୍ନୀଙ୍କ ସହ ଠିକ୍ ବ୍ୟବହାର କରୁଛି । ତୁମେ ଜାଣିଛ ଯେ ମୁଁ *ଏହା* କରୁଛି । ମୁଁ *ତାହା* କରୁଛି ।" ତୁମ ପାଖରେ ଦେବା ପାଇଁ କିଛି ନାହିଁ ।

371 "କାରଣ ଶାରୀରିକ ବ୍ୟବସ୍ଥା କିଛି କରି ପାରିଲା ନାହିଁ, ମାତ୍ର ଅନ୍ୟ ଏକ ଭରସାର ପ୍ରବେଶ କରାଯିବା କଲା । ସେହି ଭରସା ଯାହାକି ଖ୍ରୀଷ୍ଟ ଅଟନ୍ତି, ଯାହାକି ଆମର ପ୍ରାଣର ଲଙ୍ଗର ସ୍ୱରୂପେ ଅଟେ, ଦୃଢ଼ ଏବଂ ନିଶ୍ଚିତ ।" ଧ୍ୟାନ ଦିଅନ୍ତୁ ।

*ଆଉ ଏହା ଯେପ୍ରକାରେ ବିନା ଶପଥରେ ହେଲା ନାହିଁ...*

ସର୍ବନାମ, ଯଦି ଆପଣ ଏଠାରେ ଧ୍ୟାନ ଦେବେ, ଇଟାଲିକ୍ ଅକ୍ଷରରେ ଅଛି ।

*...ସେ ଯାଜକ ହୋଇଅଛନ୍ତି:*

କେବଳ ଏକ ଯାଜକ ନୁହେଁ, ବରଂ ସେ ଶପଥ ସହକାରେ ଯାଜକ ହୋଇଅଛନ୍ତି । ନୁହେଁ...

372 ତେବେ ଦେଖନ୍ତୁ । ଆସନ୍ତୁ ଅବଶିଷ୍ଟ ଯାଜକତ୍ୱକୁ ଦେଖିବା ।

*(ଯେଣୁ ସେମାନେ,* ସେହି ଲେବୀୟମାନେ, ଧର୍ମୀ, ଧାର୍ମିକ, ସଚ୍ଚୋଟ ବ୍ୟକ୍ତିମାନେ, *ତ ବିନା ଶପଥରେ ଯାଜକ ହୋଇଅଛନ୍ତି;...)*

373 ପରମେଶ୍ୱର କେବଳ କହିଛନ୍ତି, "ହାରୋଣଙ୍କ କ୍ରମାନୁଯାୟୀ—କ୍ରମାନୁଯାୟୀ, ସେ ଏହି ଯାଜକମାନଙ୍କୁ ନିଯୁକ୍ତ କରିଅଛନ୍ତି ।" ସେମାନେ ବଂଶାନୁକ୍ରମେ ପୀଢୀ ପରେ ପୀଢୀ ଆସିଥାଆନ୍ତି । ସେମାନେ ବିଦ୍ୟାଳୟକୁ ଯାଆନ୍ତି ଏବଂ ପ୍ରଚାରକ ଓ ପ୍ରଭୃତି ହେବାର ଶିଖନ୍ତି । ସେମାନେ ବଂଶାନୁକ୍ରମେ ତଳକୁ ଆସନ୍ତି । ତେଣୁ ପରମେଶ୍ୱର ସେମାନଙ୍କୁ ଏହିପରି ଭାବରେ ଯାଜକ କରିଥିଲେ । ସେମାନେ ନିଜର ଶିକ୍ଷା ଦ୍ୱାରା, ସେମାନଙ୍କର ଉତ୍ତରାଧିକାର ଦ୍ୱାରା ଏବଂ ଇତ୍ୟାଦି ଦ୍ୱାରା, ଆପଣାକୁ ଯାଜକ କରିଥିଲେ । "ମାତ୍ର ଏହି ବ୍ୟକ୍ତିଜଣକ ପରମେଶ୍ୱର ନେଇଥିବା ଶପଥ ଦ୍ୱାରା ଏକ ଯାଜକ ହୋଇଥିଲେ ।" ତେବେ ଅତି ଧ୍ୟାନ ସହକାରେ ଶୁଣନ୍ତୁ ।

*(...ବିନା ଶପଥରେ ଯାଜକ ହୋଇଅଛନ୍ତି; କିନ୍ତୁ ଯେ ତାହାଙ୍କ ବିଷୟରେ ଏହା କହିଅଛନ୍ତି, ପ୍ରଭୁ ଶପଥ କରିଅଛନ୍ତି, ଆଉ ସେ ଅନୁତାପ କରିବେ ନାହିଁ,* ଆମେନ୍, *ତୁମ୍ଭେ ମଲ୍କୀଷେଦକଙ୍କ ସଦୃଶ ଅନନ୍ତକାଳୀନ ଯାଜକ ଅଟ:)*

*ସେହି ପ୍ରକାରେ ଯୀଶୁ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇଅଛନ୍ତି ।*

ବର୍ତ୍ତମାନ, ଶୀଘ୍ର କରିବା ।

*ସେହି ଯାଜକମାନେ ତ ବହୁସଂଖ୍ୟାରେ ନିଯୁକ୍ତ ହୋଇଅଛନ୍ତି, କାରଣ ମୃତ୍ୟୁ ସେମାନଙ୍କୁ ଚିରସ୍ଥାୟୀ* ହେବାକୁ *ଦେଇ ନାହିଁ:*

ହଜାର ଗୁଣନ ହଜାର ଥର ହଜାର ହଜାର, ଯାଜକମାନେ, କାରଣ ସେମାନଙ୍କର କେବଳ ମୃତ୍ୟୁ, ଓ ମୃତ୍ୟୁ ଏବଂ ଦୁର୍ବଳତା, ପୁଣି ମୃତ୍ୟୁ, ଆଉ ମୃତ୍ୟୁ ଓ ମୃତ୍ୟୁ ଛଡା ଆଉ କିଛି ହିଁ ନ ଥିଲା ।

374 ମାତ୍ର ତାହାଙ୍କୁ ଦେଖନ୍ତୁ ।

> *କିନ୍ତୁ ଏହି ବ୍ୟକ୍ତି,* (କେଉଁ ବ୍ୟକ୍ତି?) ଯୀଶୁ, *ସେ ନିତ୍ୟସ୍ଥାୟୀ ହେବାରୁ, ଅପରିବର୍ତ୍ତନୀୟ ଯାଜକତ୍ୱ ପ୍ରାପ୍ତ ହୋଇଅଛନ୍ତି ।* ଅତଏବ...

> *ଅତଏବ ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ* ଅଟନ୍ତି; ଏଥିରେ ଯାଏ ଆସେ ନାହିଁ ଯେ କେତେ ଦୂର, କେତେ ତଳ, କେତେ ଦୂର ଥାଏ, ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି; *ତାହାଙ୍କ ଦ୍ୱାରା ଯେଉଁମାନେ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି,...*

ଏହା ସହିତ ନୁହେଁ ଯେ...ଆପଣଙ୍କର ଧାର୍ମିକତା ଉପରେ; ମାତ୍ର ଆପଣଙ୍କର ସ୍ୱୀକାରୋକ୍ତି ଉପରେ । ବୁଝିଲେ?

> ...ତାହାଙ୍କ *ଦ୍ୱାରା* ଯେଉଁମାନେ *ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।*

ସେ ସେଠାରେ ଅଛନ୍ତି, ନିରନ୍ତର ଭାବରେ, ମଧ୍ୟସ୍ଥି ନିବେଦନ କରୁଛନ୍ତି ।

> କାରଣ *ଏହିପ୍ରକାର* ଜଣେ *ମହାଯାଜକ ଆମ୍ଭମାନଙ୍କ ପକ୍ଷରେ ଉପଯୁକ୍ତ, ଯେ କି ପବିତ୍ର, ନିର୍ଦ୍ଦୋଷ, ନିଷ୍କଳଙ୍କ,* ପାପୀମାନଙ୍କଠାରୁ *ପୃଥକୀକୃତ, ପୁଣି ଆକାଶମଣ୍ଡଳ* ଉପରେ ଉଚ୍ଚୀକୃତ;

375 ତାହା ସେଠାରେ ଅଛି । ତେବେ, ଯଦି ମୁଁ ମୋର ନିଜର ମାମଲାକୁ ପ୍ରତିନିଧିତ୍ୱ କରିବାକୁ ଚେଷ୍ଟା କରେ, ମୁଁ ଏହାକୁ ହରାଇ ଦେବି । ଯଦି ମୁଁ ପ୍ରତିନିଧିତ୍ୱ କରିବାକୁ ଚେଷ୍ଟା କରେ, ଧରନ୍ତୁ, "ତେବେ, ମୋ ବାପା ଜଣେ ଭଲ ଲୋକ ଥିଲେ । ମୋ ବାପା ଜଣେ ପ୍ରଚାରକ ଥିଲେ । ତେବେ, ମୁଁ ଗୀର୍ଜାଘରେ ରହୁଛି ।" ତଥାପି ମୁଁ ଏହାକୁ ହରାଇଲି । କିନ୍ତୁ ଏହି ବ୍ୟକ୍ତି ଜଣକ ସିଦ୍ଧ ଅଟନ୍ତି, ଖ୍ରୀଷ୍ଟ । ସେ ସେଠାରେ ବସି ମୋ ପାପ ପାଇଁ ନିରନ୍ତର ତାହାଙ୍କ ରକ୍ତ ପ୍ରଦାନ କରନ୍ତି । ସେଠାରେ ଆପଣ ଅଛନ୍ତି ।

> *ସେହି* ମହା*ଯାଜକମାନଙ୍କ ସଦୃଶ, ପ୍ରତିଦିନ* ପ୍ରଥମରେ *ଆପଣାର ପାପ ପାଇଁ, ଓ ପରେ ଲୋକମାନଙ୍କ ପାପ ପାଇଁ: ବଳି ଉତ୍ସର୍ଗ କରିବା ଦ୍ୱାରା, ସେ ଏକାଥରକେ ଏହା କରିଅଛନ୍ତି ।*

376 ତେବେ ଶେଷ ପଦକୁ ଦେଖନ୍ତୁ ।

> *ଯେଣୁ ବ୍ୟବସ୍ଥା ଦୁର୍ବଳତାବିଶିଷ୍ଟ ମନୁଷ୍ୟକୁ ମହାଯାଜକପଦରେ ନିଯୁକ୍ତ* କରେ;...

377 ତାହାହିଁ ହେଉଛି ଯାହାକି ବ୍ୟବସ୍ଥା, ସେହି ଶାରୀରିକ ବ୍ୟବସ୍ଥା, କରିଥାଏ। ତେବେ, ମୁଁ ଇଚ୍ଛା କରେ ଯେ କାଳେ ମୋ ପାଖରେ ଏଠାରେ ପ୍ରାୟଃ ଦୁଇ ଘଣ୍ଟା ସମୟ ରହିଥାନ୍ତା। ଏହି ପ୍ରକାରେ ହିଁ ତ ବ୍ୟବସ୍ଥା ଏବେ ମଧ୍ୟ ପୁରୁଷମାନଙ୍କୁ ପ୍ରଚାରକ ଭାବେ ନିଯୁକ୍ତ କରିଥାଏ। ତାହା ଠିକ୍ ଅଟେ।

378 କାହିଁକି, ସେମାନେ କୁହନ୍ତି, "ତେବେ, ଏହି ବ୍ୟକ୍ତିଙ୍କର ଏକ ସେମିନାରୀର ଅଭିଜ୍ଞତା ଅଛି।" ମୁଁ ମୋର ସେହି ଛୋଟ ପୁରୁଣା ସ୍ୱର୍ଗୀୟ ଅଭିଜ୍ଞତାକୁ ଜଗତର ସମସ୍ତ ସେମିନାରୀ ପାଇଁ ବିକ୍ରୟ କରିବି ନାହିଁ।

379 "କାହିଁକି, ଆମେ ଏହି ବ୍ୟକ୍ତିଙ୍କୁ ଶିକ୍ଷିତ କରିଅଛୁ। ସେ—ସେ ବଛା-ଯାଇଅଛନ୍ତି। ସେ ଜଣେ ଆତ୍ମ-ନିର୍ଭରଶୀଳ ବ୍ୟକ୍ତି ଅଟନ୍ତି।" ମୁଁ ସେହିପରିକୁ ପସନ୍ଦ କରେ ନାହିଁ। ମୁଁ ଜଣେ ପରମେଶ୍ୱର-କୃତ ମନୁଷ୍ୟକୁ ପସନ୍ଦ କରେ। ବୁଝିଲେ? ବୁଝିଲେ?

380 ମାତ୍ର ବ୍ୟବସ୍ଥା ଏବେ ମଧ୍ୟ ଯାଜକମାନଙ୍କୁ ନିଯୁକ୍ତ କରେ। ବ୍ୟବସ୍ଥା ଏବେ ମଧ୍ୟ ପ୍ରଚାରକମାନଙ୍କୁ ନିଯୁକ୍ତ କରେ। ସେହି—ସେହି ବାପ୍ଟିଷ୍ଟ ମଣ୍ଡଳୀ, ସେମାନେ ପ୍ରଚାରକମାନଙ୍କୁ ଉତ୍ପାଦନ କରନ୍ତି; ସେଗୁଡିକରେ ହାତ ପରିପୂର୍ଣ୍ଣ ଅଛି, ଏକ ଯନ୍ତ୍ର ଅଛି ଯାହାକି ସେମାନଙ୍କୁ ବାହାର କରେ। ମେଥୋଡିଷ୍ଟମାନେ ସେମାନଙ୍କର ପାଇଛନ୍ତି। ବାପ୍ଟିଷ୍ଟମାନେ ସେମାନଙ୍କର ପାଇଛନ୍ତି। ପ୍ରେସ୍‌ବିଟେରିଆନ୍, ନାଜରିନ, ପିଲ୍‌ଗ୍ରିମ୍ ହୋଲିନେସ୍, ପେଣ୍ଟିକଷ୍ଟାଲ୍, ସେମାନେ ଯେତେ ଶୀଘ୍ର ପାରନ୍ତି ସେମାନଙ୍କୁ ଉତ୍ପାଦନ କରି ବାହାର କରନ୍ତି, ଯେପରିକ ଏକ ବଡ ଶାସନତନ୍ତ୍ର ଅଟେ, ବଡ ଯନ୍ତ୍ର ଅଟେ। ସେଠାରେ ଏକ ଏପରି ଭାବରେ ଛିଡ଼ା ଠିଆ ହୋଇଛନ୍ତି...

381 ମୁଁ ସବୁବେଳେ କହିଥାଏ, "ମୁଁ—ମୁଁ ନିଶ୍ଚିତ ଭାବରେ ଏକ ଇନ୍‌କ୍ୟୁବେଟର ଯନ୍ତ୍ରରେ ଫୁଟାଯାଇଥିବା କୁକୁଡା ଚିଆଁ ପାଇଁ ଦୁଃଖିତ।" ଆପଣ ଜାଣନ୍ତି, ଏକ ଛୋଟ ପୁରୁଣା କୁକୁଡା ଚିଆଁ ଯିଏକି ଏକ ଇନ୍‌କ୍ୟୁବେଟର ଯନ୍ତ୍ରରେ ଫୁଟାଯାଇଥାଏ, ସେ ସଠିକ୍ ଭାବରେ ଫୁଟାଯାଇ ନ ଥାଏ। ନା। ସେହି ମାଆ କୁକୁଡ଼ା ସେହି କୁକୁଡା ଚିଆଁକୁ ଫୁଟାଇବା ଉଚିତ୍। କିନ୍ତୁ ଏକ ଇନ୍‌କ୍ୟୁବେଟର କୁକୁଡା ଚିଆଁ, ଯେତେବେଳେ ସେ ଫୁଟି ବାହାରକୁ ବାହାରେ, ସେ "ଚିଇଁ, ଚିଇଁ, ଚିଇଁ," କରେ ଏବଂ ତା ପାଖରେ ଯିବା ପାଇଁ କୌଣସି ମାଆ ନ ଥାଏ। ବୁଝିଲେ? ସେ ଜାଣି ନାହିଁ ଯେ ଏକ ମାଆ କଅଣ ଅଟେ। ତାହା ଠିକ୍। ସେ ଗୋଟିଏ ପାଇଁ ଚିଇଁ ଚିଇଁ ଚିତ୍କାର କରୁଥାଏ, କିନ୍ତୁ ତାହାର କୌଣସି ନ ଥାଏ।

382 କିନ୍ତୁ କୁକୁଡ଼ା ତଳେ ଫୁଟିଥିବା ସେହି ଚିଆଁ, ପ୍ରାକୃତିକ ଉପାୟରେ, ସେ ଚିଇଁ ଚିଇଁ କରି ଚିତ୍କାର କରେ ଏବଂ ମାଆ ଉତ୍ତର ଦେଇଥାଏ। ତାହା ଠିକ୍ ଅଟେ।

383 ଏବଂ ବେଳେବେଳେ ମୁଁ ଏଠାରେ ଏହି ସେମିନାରୀ ଅଭିଜ୍ଞତା ବିଷୟରେ ଚିନ୍ତା କରେ ଯାହାକି ଲୁଇଭିଲେ ଏବଂ ସମଗ୍ର ବିଶ୍ୱରେ ରହିଥିବା ଏହି ବଡ ବଡ ଇନ୍‌କ୍ୟୁବେଟର ଯନ୍ତ୍ରଗୁଡିକରୁ ବାହାରି ଆସିଥାଏ, ହଜାର ହଜାର ସଂଖ୍ୟାରେ ପ୍ରଚାରକମାନଙ୍କୁ ଫୁଟାଇଥାଏ।

ପେଣ୍ଟିକଷ୍ଟାଲ୍ ଇନ୍‌କ୍ୟୁବେଟର, ଏବଂ ପ୍ରେସ୍‌ବିଟେରିଆନ୍ ଇନ୍‌କ୍ୟୁବେଟର, ଓ—ଓ ବାପ୍‌ଟିଷ୍ଟ ଇନ୍‌କ୍ୟୁବେଟର, ସେମାନେ ସମସ୍ତେ ସେମାନଙ୍କର—ସେମାନଙ୍କର—ସେମାନଙ୍କର ଛୋଟ କୁକୁଡା ଚିଆଁମାନଙ୍କୁ ଫୁଟାଇ ବାହାର କରନ୍ତି । ସେମାନେ, "ଚିଇଁ, ଚିଇଁ, ଚିଇଁ," କରନ୍ତି ଏବଂ ଇନ୍‌କ୍ୟୁବେଟର ଯନ୍ତ୍ର ବିଷୟରେ କଥାବାର୍ତ୍ତା କରନ୍ତି ଯେଉଁଠାରୁ ସେମାନେ ଫୁଟି ବାହାରି ଆସିଥିଲେ ।

384 ମାତ୍ର ମୁଁ ତ ଜଣେ ପିତା, ଜଣେ ମାତା ପାଇବାକୁ ପସନ୍ଦ କରେ । ପ୍ରଭୁଙ୍କର ନାମ ଧନ୍ୟ ହେଉ! ମୋ ସହିତ ବହୁତ ଅଧିକ ଜନ୍ମ ହୋଇ ନ ଥିଲେ, ମାତ୍ର ମୋ ସହିତରେ ଯାହା ଥିଲେ ତାହା ହେଲେ ମୋର ଭାଇମାନେ । ଆମେନ୍ । ଆମେ ଏକ ମାତା ପାଇଛୁ ଯିଏକି ଉତ୍ତର ଦିଅନ୍ତି ଯେତେବେଳେ ଆପଣ...ଜଣେ ମାତା ଯିଏକି ସ୍ୱର୍ଗରେ ଅଛନ୍ତି, ଯିଏ ଆମ ସମସ୍ତଙ୍କୁ ପ୍ରତିପୋଷଣ କରନ୍ତି । "ଯେପରି ଗୋଟିଏ ମାଆ କୁକୁଡ଼ା ତାହାର ଛୁଆମାନଙ୍କ ଉପରେ ବସିଥାଏ, ଓ ସେମାନଙ୍କୁ ପ୍ରେମାଳାପ କରେ, ଏବଂ—ଏବଂ ତାହାର ଯତ୍ନ ନିଏ...ତାହାର କୁକୁଡ଼ା ଚିଆଁ ଉପରେ ବସେ, ସେହିପରି ଭାବରେ ମୁଁ ତୁମମାନଙ୍କୁ ଆବୋରି ରଖିବି । ହେ ଯିରୁଶାଲମ, ଯିରୁଶାଲମ, କେତେ ଥର ମୁଁ ଚାହିଁଲି ଯେ ତୁମକୁ ମୋର ଡେଣା ତଳେ ଆବୋରି ରଖିବି ଯେପରିକି ଗୋଟିଏ ମାଆ କୁକୁଡ଼ା ତାହାର ଛୁଆମାନଙ୍କୁ ଆବୋରି ରଖେ! କେତେଥର ମୁଁ ଚାହିଁଲି ଯେ ତୁମକୁ ମୋର କରି ନେଇଥାଆନ୍ତି, ମାତ୍ର ତୁମେ ଚାହିଁଲ ନାହିଁ । ତୁମେ ତୁମର ସେମିନାରୀମାନଙ୍କୁ ରଖିଥିଲ, ତୁମର ଯାଜକମାନଙ୍କୁ ଫୁଟାଇଥିଲ । ସେମାନେ ତୁମକୁ ମୋ ବିରୁଦ୍ଧରେ ଶିକ୍ଷା ଦେଲେ । ବର୍ତ୍ତମାନ ତୁମେ ତୁମର ନିଜ ଅବସ୍ଥାରେ ପରିତ୍ୟକ୍ତ ଅଟ । ତୁମର ବିନାଶ ତୁମ ସମ୍ମୁଖରେ ରହିଛି ।"

385 ତେବେ ମୁଁ ଏହା କହୁଛି: ହେ, ଲୋକମାନେ, ହେ ଲୋକମାନେ, ପବିତ୍ରଆତ୍ମା କେତେଥର ଚାହିଁଲେ ଯେ ତୁମକୁ ଆବୋରି ନେଇଥାଆନ୍ତେ, ଯେପରିକି ଗୋଟିଏ ମାଆ କୁକୁଡ଼ା ତାହାର ଛୁଆମାନଙ୍କୁ ଆବୋରି ରଖେ, ମାତ୍ର ତୁମେ ତୁମର ନିଜର ମାର୍ଗ ଚାହୁଁଥାଅ, ତୁମେ ଏହା ବିଷୟରେ ନିଜସ୍ୱ ପଥ ପାଇବାକୁ ଯାଉଅଛ!

386 ଏହି ରାତିମାନଙ୍କ ମଧ୍ୟରୁ ଗୋଟିଏରେ ମୁଁ ଏହି ବିଷୟ, "ତୁମର ନିଜସ୍ୱ ପଥ" ଉପରେ ପ୍ରଚାର କରିବାକୁ ଚାହିଁବି । ଆପଣ ଜାଣିଛନ୍ତି, କୟିନ ନିଜସ୍ୱ ପଥ ଚାହିଁଥିଲେ । ମଣିଷ ଆଜି, ନିଜର ମାର୍ଗ ଚାହୁଁଥାଏ । "ମାତ୍ର ଏପରି ଏକ ପଥ ଅଛି ଯାହା ଠିକ୍ ମନେହୁଏ, କିନ୍ତୁ ତାହାର ଶେଷ ଦଶା ହେଉଛି ମୃତ୍ୟୁ ।"

387 ତେବେ ଦେଖନ୍ତୁ । "ଏଥିରେ ସେ କହନ୍ତି, 'ଏକ ନୂତନ—ଏକ ନୂତନ ନିୟମ...'" ମୁଁ ବିଶ୍ୱାସ କରେ, ବର୍ତ୍ତମାନ ତାହା...ନା । ମୁଁ ଭୁଲ ସ୍ଥାନରେ ଥିଲି ।

388 ୨୫ତମ ପଦ ।

*ଯେଣୁ ବ୍ୟବସ୍ଥା ଦୁର୍ବଳତାବିଶିଷ୍ଟ ମନୁଷ୍ୟଙ୍କୁ ମହାଯାଜକପଦରେ ନିଯୁକ୍ତ କରେ; କିନ୍ତୁ ଯେଉଁ ଶପଥବାକ୍ୟ ବ୍ୟବସ୍ଥା ପରେ ହୋଇଥିଲା, ତାହା ଅନନ୍ତ କାଳ*

*ପର୍ଯ୍ୟନ୍ତ, ସିଦ୍ଧି ପ୍ରାପ୍ତ ପୁତ୍ରଙ୍କୁ ନିଯୁକ୍ତ କରେ ।*

389 ପରମେଶ୍ୱରଙ୍କ ନାମ ଚିରକାଳ ଧନ୍ୟ ହେଉ, ଏପରି ଏକ ପୁତ୍ରଙ୍କ ପାଇଁ ଯିଏକି ମଲ୍‌କୀଷେଦକଙ୍କ ସାଦୃସଶ୍ୟରେ ଅନନ୍ତ କାଳ ପର୍ଯ୍ୟନ୍ତ ଯାଜକ ହେବେ । ଏବଂ ତାହାଙ୍କର କୌଣସି ଆରମ୍ଭ ନ ଥିଲା । ତାହାଙ୍କର କୌଣସି ଅନ୍ତ ନାହିଁ । ଏବଂ ବ୍ୟବସ୍ଥା ସେପରି କିଛି ଉତ୍ପନ୍ନ କରିପାରିଲା ନାହିଁ, କାରଣ ଏହା ଶାରୀରିକ ଥିଲା । ମଣ୍ଡଳୀ ସେହିପରି କିଛି ଉତ୍ପନ୍ନ କରିପାରେ ନାହିଁ, ସେହି ନାମଧାରୀ ସଂସ୍ଥାଗଣ, କାରଣ ସେମାନେ ଶାରୀରିକ ଅଟନ୍ତି । ସେହି—ସେହି ସେମିନାରୀଗୁଡ଼ିକ ସେପରି କିଛି ଉତ୍ପନ୍ନ କରିପାରନ୍ତି ନାହିଁ । ସେମାନେ ଏଥି ସହିତ ବିଶ୍ୱକୁ ଶିକ୍ଷା ଦେବାକୁ ଚେଷ୍ଟା କରିଥିଲେ । ସେମାନେ ଏହାକୁ ସଂଗଠିତ କରିବାକୁ ଚେଷ୍ଟା କରିଥିଲେ । ସେମାନେ ଜଗତରେ ଥିବା ପ୍ରତ୍ୟେକ ଉପାୟକୁ ଚେଷ୍ଟା କରିଛନ୍ତି, ଯେପରିକି ପ୍ରତ୍ୟେକ ବିଷୟକୁ ଯାହା ସେମାନେ କରିପାରନ୍ତେ କରିବା ପାଇଁ ଚେଷ୍ଟା କରିଛନ୍ତି, ଏବଂ ମୁଖ୍ୟ ଜିନିଷ ଛାଡି ଦେଇଛନ୍ତି: "ଆପଣଙ୍କୁ ତ ଏଥିରେ ଜନ୍ମ ନେବାକୁ ପଡିବ ।" ପରମେଶ୍ୱର ଆପଣଙ୍କୁ ତାହା କରନ୍ତି ଯାହା ଆପଣ ଅଟନ୍ତି, ନିଶ୍ଚିତ ଭାବରେ, ଏଇଥି ପାଇଁ ନୁହେଁ ଯେ ଆପଣ *ଏହା* କରିବା ଛାଡି ଦେଇଛନ୍ତି ।

390 ତେବେ, ନାଜରିନ୍‌ମାନେ, ଆପଣଙ୍କୁ ଏକ ମୁଦ୍ରିକା ପିନ୍ଧିବାର ଆବଶ୍ୟକତା ନାହିଁ, ଆପଣ ଏକ ଘଣ୍ଟା ପିନ୍ଧିପାରନ୍ତି ନାହିଁ, ଏବଂ ଆପଣଙ୍କର କିଛି *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ବିଷୟ ରହିବା ଆବଶ୍ୟକ, ଆପଣଙ୍କର ବାହୁ *ଏତେ* ଲମ୍ବା ହେବା ଆବଶ୍ୟକ, କାମିଜ ହାତ, ଆପଣଙ୍କର ସ୍କର୍ଟଗୁଡିକ *ସେତେ* ଲମ୍ବା ରହିବା ଆବଶ୍ୟକ, ଏବଂ ସେହି—ଏବଂ ସେହି ପୁରୁଷମାନେ ସେହି ଆଶ୍ରୟସ୍ଥଳରେ ସମ୍ପୃକ୍ତ ହୋଇପାରନ୍ତି ନାହିଁ । ଏବଂ ଯଦି ଆପଣ ସେପରି ନ କରନ୍ତି, ସେମାନେ ଆପଣଙ୍କୁ ବାପ୍ତିସ୍ମ ଦେବେ ନାହିଁ । ଠିକ୍ ଅଛି । ଏଠାରେ କ୍ୟାଥୋଲିକ୍ ଆସନ୍ତି, ଏବଂ ସେମାନଙ୍କର ନିଜର ବିଷୟ ରହିଥାଏ । ଏବଂ ଏଠାରେ ମେଥୋଡିଷ୍ଟମାନେ ଆସନ୍ତି, ସେମାନଙ୍କର ନିଜର ବିଶଯ ଥାଏ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମାପିବା ପାଇଁ ଏକ ମାପଦଣ୍ଡ ରହିଛି । ଯଦି ଆପଣ ଏହା ଅନୁସାରେ କରନ୍ତି ନାହିଁ, ଠିକ୍ ଅଛି, ତାହାହିଁ ସବୁକିଛି ଅଟେ । ବୁଝିଲେ?

391 ଏବଂ ତାହାପରେ, ମାତ୍ର ପ୍ରକୃତ ବିଷୟଟି ହେଉଛି, ଏହା ଯେ, "ମୋ ହସ୍ତରେ ମୁଁ କିଛି ଆଣେ ନାହିଁ! କେବଳ ତୁମର କ୍ରୁଶକୁ ମୁଁ ଜାବୁଡ଼ି ଧରେ । ହେ ପରମେଶ୍ୱର, ଉଲଗ୍ନ, କ୍ଷତବିକ୍ଷତ, କ୍ଲେଶ ସମୟରେ ସାହାଯ୍ୟ ଲୋଡା । ଓଃ, ଖ୍ରୀଷ୍ଟ, ମୁଁ ଅତି ନମ୍ର ଭାବରେ ଆସେ, ଏହା ସ୍ୱୀକାର କରି ଯେ ମୁଁ କିଛି ନୁହେଁ ଏବଂ ମୋ ଠାରେ କିଛି ହେଲେ ନାହିଁ । ହେ ପରମେଶ୍ୱର, ମୋତେ ଗ୍ରହଣ କର ।" ତେବେ ଯାଇ ପରମେଶ୍ୱର ଆପଣଙ୍କୁ ଗ୍ରହଣ କରନ୍ତି ।

392 ବର୍ତ୍ତମାନ, ଆପଣ ହୁଏତ ଆପଣଙ୍କର କଖଗ ସୁଦ୍ଧା ଜାଣି ନ ଥିବେ । ଆପଣ ହୁଏତ ବିଭାଜିତ ମଟରରୁ କଫିର ପ୍ରଭେଦ ଜାଣି ନ ଥିବେ । ଆପଣ ହୁଏତ ଜାଣିଥିବେ, ହଅରୁ ଜିର ପ୍ରଭେଦ ଜାଣି ନ ଥିବେ, ବାମ ହାତରୁ ଡାହାଣ ଜାଣି ନ ଥିବେ । ଆପଣ କଅଣ ଜାଣି *ନାହାନ୍ତି*

ଏଥିରେ କୌଣସି ଫରକ୍ ପଡ଼େ ନାହିଁ । ଗୋଟିଏ ବିଷୟ ଯାହା ଆପଣ ଜାଣିବା ଉଚିତ୍, ତାହା ଏହା ଯେ, ଯୀଶୁ ଖ୍ରୀଷ୍ଟ ଜଣେ ପାପୀ ଭାବରେ ଆପଣଙ୍କର ସ୍ଥାନ ଗ୍ରହଣ କରିଥିଲେ । ଏବଂ ଆପଣ ପ୍ରତ୍ୟେକ ଦିନ ଏହା ସ୍ୱୀକାର କରି ଯେ ଆପଣ ଭୁଲ୍ ଅଟନ୍ତି, ତାହାଙ୍କର ଧାର୍ମିକତାରେ ଛିଡ଼ା ହେବା ପାଇଁ, ନିଜର ସ୍ଥାନକୁ ଗ୍ରହଣ କରନ୍ତୁ, ଏବଂ ତାହାଙ୍କୁ ନିଜର ସମସ୍ତ ହୃଦୟରେ ପ୍ରେମ କରନ୍ତୁ, ଏବଂ ଆପଣଙ୍କର ସମସ୍ତ ଉଦ୍ଦେଶ୍ୟମାନ ତାହାଙ୍କ ଆଡକୁ ସ୍ଥିରୀକୃତ ହୋଇଯାଉ, ତାହାହେଲେ ଆପଣ ସ୍ୱର୍ଗକୁ ସୃଷ୍ଟି କରିବେ । ସେଥିରେ ତାହାହିଁ ସବୁକିଛି ଅଟେ, କାରଣ ସେହି ଜୀବନ ଯାହାକି ଖ୍ରୀଷ୍ଟଙ୍କଠାରେ ଥିଲା ଆପଣଙ୍କଠାରେ ରହିବା ଆବଶ୍ୟକ, ଅନ୍ୟଥା ଆପଣ ବିନଷ୍ଟ ଅଟନ୍ତି ।

393 ଶେଷ କରିବାର ଠିକ୍ ପୂର୍ବରୁ, କଅଣ ଆପଣଙ୍କର ସେହି ସର୍ତ୍ତବିହୀନ ନିୟମ ମନେ ଅଛି କି ଯାହା ପରମେଶ୍ୱର ଅବ୍ରହାମଙ୍କ ସହିତରେ କରିଥିଲେ? ସେ ସେହି ସନ୍ଧ୍ୟାରେ କଅଣ କରିଥିଲେ ଯେତେବେଳେ ପରମେଶ୍ୱର କହିଥିଲେ, "ମୋତେ ଦେଖିବାକୁ ଦିଅ..." ଯେତେବେଳେ ଅବ୍ରହାମ କହିଥିଲେ, "ଆପଣ ଏହା କିପରି କରିବାକୁ ଯାଉଛନ୍ତି ମୋତେ ଦେଖିବାକୁ ଦିଅନ୍ତୁ ।" 15ଶ ପର୍ବ, ମୁଁ ଭାବୁଛି ଏହା ହେଉଛି, ଆଦିପୁସ୍ତକର । "ଆପଣ ଏହା କିପରି କରିବାକୁ ଯାଉଛନ୍ତି ମୋତେ ଦେଖିବାକୁ ଦିଅନ୍ତୁ ।"

394 କହିଲେ, "ଅବ୍ରହାମ, ଏଠାକୁ ଆସ ।" ଏବଂ ସେ ଅବ୍ରହାମଙ୍କୁ ନେଇଗଲେ, କହିଲେ, "ମୋ ନିମନ୍ତେ ଏକ—ଏକ ମେଷ ଆଣ, ଏବଂ ଯାଅ ମୋ ନିମନ୍ତେ ଏକ—ଏକ—ଏକ ଛେଳି ଆଣ, ଏବଂ ମୋତେ ପାଇଁ ଗୋଟିଏ ବାଛୁରୀ ଆଣ । ଏବଂ ମୁଁ ଚାହେଁ ଯେ ତୁମେ ସେଗୁଡିକୁ ଏଠାରେ ଉପରକୁ ନେଇକି ଯାଅ ଏବଂ ବଳିଦାନ କର ।"

395 ଅବ୍ରହାମ ଯାଇ ମେଣ୍ଢା ଆଣିଲେ, ଏବଂ ସେହି—ସେହି ଛେଳି ଓ ସେହି—ସେହି—ସେହି ମେଷଶାବକ ବା ସେହି ବାଛୁରୀ ଆଣିଲେ । ଆଉ ସେ ସେମାନଙ୍କୁ ହତ୍ୟା କଲେ । ସେମାନେ ସବୁ ଶୁଦ୍ଧ ବଳିଦାନ ଥିଲେ । ଏବଂ ସେମାନଙ୍କୁ ଅଧା ଅଧା କରି ଦୁଇ ଭାଗରେ ବିଭକ୍ତ କଲେ, ଓ ସେମାନଙ୍କୁ ସମ୍ମୁଖରେ ପଦାରେ ରଖିଲେ । ତାହାପରେ ସେ ଯାଇ ଦୁଇଟି ଘୁଘୁ କାପ୍ତା ଆଣିଲେ, ଓ ସେଗୁଡିକୁ ଏଥିରେ ରଖିଲେ । ତାହାପରେ ଅବ୍ରହାମ ସେହି ପକ୍ଷୀମାନଙ୍କୁ ସେମାନଙ୍କଠାରୁ ଉଡି ଚାଲିଯାଉଥିବାର ଦେଖିଲେ, ଓ ପରମେଶ୍ୱରଙ୍କ ପାଇଁ ଆସିବା ନିମନ୍ତେ ଅପେକ୍ଷା କଲେ । "ବର୍ତ୍ତମାନ, ପ୍ରଭୁ, ସେଠାରେ ବଳିଦାନ ଅଛି, ଆପଣ ଏହା କିପରି କରିବାକୁ ଯାଉଛନ୍ତି? ମୁଁ ଜାଣେ ନାହିଁ ଯେ ଆପଣ କିପରି ଜଣେ ମନୁଷ୍ୟକୁ ତାହାର ନିଜ ଇଚ୍ଛା ବିରୁଦ୍ଧରେ ରକ୍ଷା କରିବାକୁ ଯାଉଛନ୍ତି । ମୁଁ ଜାଣେ ନାହିଁ ଆପଣ ଏହା କିପରି କରିବାକୁ ଯାଉଛନ୍ତି । ହେ ପ୍ରଭୁ, ଆପଣ ଏହା କିପରି କରିପାରିବେ?"

396 ପ୍ରଭୁ କହିଲେ, "ଅବ୍ରହାମ, ତେବେ ଦେଖ । ତୁମେ ଜଣେ ଭବିଷ୍ୟଦ୍‌ବକ୍ତା । ତୁମେ ଆତ୍ମିକ, ଏବଂ ତୁମେ ତାହା ବୁଝିବ ଯାହା ବିଷୟରେ ମୁଁ କହୁଅଛି ।"

397 "ଠିକ ଅଛି, ପ୍ରଭୁ, ମୁଁ ଦେଖିବାକୁ ଚାହେଁ ।" ତେବେ ମୁଁ କେବଳ ନାଟକ ଭାବରେ

ଉପସ୍ଥାପିତ କରୁଛି ।

398 "ତେଣୁ, ଅବ୍ରହାମ, ତୁମେ ବର୍ତ୍ତମାନ ଏଠାକୁ ଆସ, ଏବଂ ଏଠାରେ ବସି ସେହି ପକ୍ଷୀମାନଙ୍କୁ ଘଉଡାଉଥିବାର ଦେଖ ।" ତେଣୁ ସେ ସମସ୍ତ ପକ୍ଷୀମାନଙ୍କୁ ଘଉଡାଇଲେ, ଯେପର୍ଯ୍ୟନ୍ତକି ସୂର୍ଯ୍ୟ ଅସ୍ତ ନ ହୋଇଗଲା ।

399 ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ପରମେଶ୍ୱର ତଳକୁ ଓହ୍ଲାଇ ଆସିଲେ । ଯେତେବେଳେ ସେ ଓହ୍ଲାଇ ଆସିଲେ, ଅବ୍ରହାମ ଶୋଇ ପଡ଼ିବାକୁ ଲାଗିଲେ । ପରମେଶ୍ୱର କହିଲେ, "ଅବ୍ରହାମ, ମୁଁ ତୁମକୁ ନିଦ୍ରାରେ ପକାଇବାକୁ ଯାଉଅଛି ।"

400 ବର୍ତ୍ତମାନ ଶୁଣନ୍ତୁ, ହେ ଆଇନ ଅନୁଗତକାରୀ ବନ୍ଧୁ । ଦେଖନ୍ତୁ, ପରମେଶ୍ୱର ଅବ୍ରହାମଙ୍କୁ ସମ୍ପୂର୍ଣ୍ଣ ରୂପେ ଛବିରୁ ବାହାର କରିଦେଲେ, ସେଥିରେ ତାହାଙ୍କର କିଛି ହେଲେ କରିବାକୁ ନ ଥିଲା । ଏବଂ ସେହିପରି ଭାବରେ ହିଁ ସେ ଆପଣଙ୍କୁ ଗ୍ରହଣ କଲେ । ଆପଣ କୁହନ୍ତି, "ଓଃ, ମୁଁ ପରମେଶ୍ୱରଙ୍କୁ ଖୋଜିଲି ।" ଆପଣ ଖୋଜି ନାହାଁନ୍ତି ।

401 ପରମେଶ୍ୱର ଆପଣଙ୍କୁ ଖୋଜିଲେ, "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରେ ନାହିଁ ଯେପର୍ଯ୍ୟନ୍ତକି ମୋହର ପିତା ତାକୁ ପ୍ରଥମେ ଆକର୍ଷିତ କରନ୍ତି ନାହିଁ ।" ବୁଝିଲେ?

402 ଏହା ତ ପରମେଶ୍ୱର ଆପଣଙ୍କୁ ଖୋଜୁଛନ୍ତି, ଆପଣ ପରମେଶ୍ୱରଙ୍କୁ ଖୋଜନ୍ତି ନାହଁ । ଆପଣ ତାହା କଦାପି କରିନାହାଁନ୍ତି । ଆପଣଙ୍କର ସ୍ୱଭାବ ତ ଭୁଲ ଅଟେ । ଆପଣ ତ ଏକ ଘୁଷୁରୀ ଅଟନ୍ତି । ଆପଣ କୌଣସି ଭିନ୍ନ ବିଷୟ ଜାଣି ନାହାଁନ୍ତି । ଆପଣ ତ କେବଳ ଏକ ଘୁଷୁରୀଶାଳାରେ ରୁହନ୍ତି । ତାହା ତ ସବୁ ଆପଣ ଜାଣିଛନ୍ତି । ଆପଣ ଏହାକୁ ଭଲ ପାଆନ୍ତି । ବିୟର ପିଅନ୍ତି, ଏଆଡେ ସେଆଡେ ପଡ଼ି ରହିଥାଆନ୍ତି, ପର ପୁରୁଷଙ୍କ ପତ୍ନୀ ସହିତ ଦୌଡୁଥାଆନ୍ତି, ଏବଂ ଆପଣ ଯାହା କିଛି କରିପାରନ୍ତି ସବୁ ମନ୍ଦ ଅଟେ, କେବଳ ଭଲ ଦିଶୁଥାଏ । "ହେ, ଭାଇ, ଆମର ଏକ ବଡ ସମୟ ଚାଲିଛି!" ଆପଣ ଭାବୁଥାଆନ୍ତି ଯେ ଏହା ଭଲ ଅଟେ ।

403 ମାତ୍ର ପରମେଶ୍ୱର ଆପଣଙ୍କ ହୃଦୟରେ ଆଘାତ କରନ୍ତି । [ଭାଇ ବ୍ରାନହାମ୍ ପ୍ରଚ୍ଛାର ମଞ୍ଚ ଉପରେ ଠକ୍ ଠକ୍ କରନ୍ତି—ସମ୍ପା ।] ତାହା ହିଁ ଅଟେ ଯାହାକି ପରିବର୍ତ୍ତନ କରିଥାଏ । ଆପଣ ପରମେଶ୍ୱରଙ୍କୁ ଠକ୍ ଠକ୍ କରୁ ନାହାଁନ୍ତି; ପରମେଶ୍ୱର ଆପଣଙ୍କୁ ଠକ୍ ଠକ୍ କରନ୍ତି । ଆଦମ କେବେ ବି ପରମେଶ୍ୱରଙ୍କ ହୃଦୟରେ ଠକ୍ ଠକ୍ କରି ନ ଥିଲେ; ପରମେଶ୍ୱର ଆଦମଙ୍କ ହୃଦୟରେ ଠକ୍ ଠକ୍ କଲେ । ଏବଂ ଆପଣ ଆଦମଙ୍କର ଜଣେ ପୁତ୍ର ଅଟନ୍ତି । ତାହା ଠିକ୍ । ଏହା ପୂର୍ବରୁକି ଆଦମ ପୁନର୍ବାର, ପରମେଶ୍ୱରଙ୍କ ପୁତ୍ର ହୋଇପାରନ୍ତେ, ପରମେଶ୍ୱରଙ୍କୁ ତାହାର ହୃଦୟରେ ଠକ୍ ଠକ୍ କରିବାକୁ ପଡିଥିଲା । ଏହା ପୂର୍ବରୁକି ଆପଣ ପରମେଶ୍ୱରଙ୍କ ପୁତ୍ର ହୋଇପାରନ୍ତେ, ପରମେଶ୍ୱରଙ୍କୁ ଆପଣଙ୍କ ହୃଦୟରେ ଠକ୍ ଠକ୍ କରିବାକୁ ପଡିବ ।

404 ତେବେ, ଅବ୍ରହାମ ଶୋଇପଡ଼ିଲେ । ଏବଂ ଯେତେବେଳେ ସେ ଶୋଇପଡ଼ିଲେ, ପ୍ରଥମେ ବିଷୟ ସେ କଅଣ ଦେଖିଲେ? ଏକ ପ୍ରକୃତ ଭୟାନକ, ନିନ୍ଦନୀୟ, ଭୟ, ଅନ୍ଧକାର । ତାହା

ହେଉଛି ମୃତ୍ୟୁ, ଯାହାକି ସମଗ୍ର ମାନବ ଜାତି ଉପରେ ଆସିଥାଏ। ତାହାପରେ ସେ ଏଠାରୁ ଆଉ ଟିକିଏ ଦୂରକୁ ଦେଖିଲେ, ଏବଂ ସେ ଧୂମ ବାହାରୁଥିବା ନିଆଁଭାଟି ଦେଖିଲେ। ଏହା ପୂର୍ବରୁକି ଆପଣଙ୍କର ଧୂମ ବାହାରନ୍ତା, ଆପଣଙ୍କ ପାଖରେ ନିଆଁ ରହିବା କଥା। ସେହି କାରଣରୁ ହିଁ ମୁଁ ବିଶ୍ୱାସ କରେ ଯେ ନର୍କ ଏକ ଦଗ୍ଧ ହେଉଥିବା ସ୍ଥାନ ଅଟେ। ଠିକ୍ ଅଛି।

405 ସେ ଦର୍ଶାଇଲେ, ଯେ ଆମେ ସମସ୍ତେ ମୃତ୍ୟୁ ମୁଖକୁ ଯାଉଅଛୁ, ଏବଂ ଆମେ ପ୍ରତ୍ୟେକେ ନର୍କକୁ ଯିବା ଉଚିତ, କାରଣ ଆମେ ପାପୀ ଅଟୁ।

406 ମାତ୍ର, ତେବେ, ତାହାର ଟିକିଏ ପରେ, ସେ ଏକ ସାନ, ଧଳା ପ୍ରକାଶ ଦେଖିଲେ।

407 ଏବଂ ଏହି ସାନ, ଧଳା ପ୍ରକାଶ, ସେହି ପ୍ରକାଶ କଅଣ ଅଟେ? ସେହି ଧଳା ପ୍ରକାଶ କଅଣ ଥିଲା? ସେହି ଅଗ୍ନିସ୍ତମ୍ଭ ଯାହା ଇସ୍ରାଏଲର ସନ୍ତାନମାନଙ୍କ ଆଗରେ ଆଗରେ ଯାଇଥିଲା। ସେହି ଅଗ୍ନିସ୍ତମ୍ଭ ଯାହାକି ଦମ୍ମେସକ ରାସ୍ତାରେ ପାଉଲଙ୍କୁ ଭେଟିଥିଲା। ସେହି ଅଗ୍ନିସ୍ତମ୍ଭ ଯାହାକି ପିତରଙ୍କୁ କାରାଗାରରୁ ବାହାର କରିଥିଲା। ସେହି ଅଗ୍ନିସ୍ତମ୍ଭ ଯାହାକି ଆଜି ରାତିରେ ଏଠାରେ ଅଛି।

408 ସେହି ଅନନ୍ତ, ଚିରନ୍ତନ ପରମେଶ୍ୱର, ସେ ନିଜେ ସ୍ୱୟଂ ଏହି ବିଭାଜିତ ବଳିଦାନ ମଧ୍ୟ ଦେଇ ଚାଲିକରି ଗଲେ, (ଓଃ, ମୋର ପ୍ରଭୁ), ପ୍ରତ୍ୟେକ ବଳିଦାନ ଉପର ଦେଇ ଆଗକୁ ଏବଂ ପଛକୁ। "ଅବ୍ରହାମ, ମୁଁ ଏହିପରି ଭାବରେ କରିବାକୁ ଯାଉଅଛି। ମୋତେ ଦେଖ, ଯେ ମୁଁ କଅଣ କରିବାକୁ ଯାଉଛି। ମୁଁ ଏଠାରେ ଏକ ନିୟମ କରୁଛି। ଏବଂ ମୁଁ ଏକ ଶପଥ କରିବି, ଯେ, ସେହି ବଂଶ ଅନୁସାରେ, ମୁଁ ଏକ ମଧ୍ୟସ୍ଥିକୁ ଛିଡ଼ା କରିବି। ମୁଁ ମୃତ୍ୟୁ ସହିତ ଏକ ନିୟମ କରିବି। ଏବଂ ମୁଁ ଶରୀରରେ, ମୃତ୍ୟୁକୁ ନିନ୍ଦା କରିବି, କାରଣ ମୁଁ ନିଜେ ଆସି ଏହାକୁ ଗ୍ରହଣ କରିବି। ଅବ୍ରହାମ," କହିଲେ, "ଅବ୍ରହାମ, ତୁମର ବଂଶ ଦ୍ୱାରା, ଆସିବ, ତୁମର ବଂଶ ଦେଇ, ତୁମେ ଜଗତର ପିତା ହେବ। ଆଉ କେବଳ ତୁମ ସହିତ ନୁହଁ, ଯେ ମୁଁ ତୁମ ସହିତ ଏହି ପ୍ରତିଜ୍ଞା କରୁଛି, ମାତ୍ର ତୁମ ପରେ ତୁମର ବଂଶ ସହିତ ମଧ୍ୟ କରୁଅଛି।" ସେ ଜାଣିଥିଲେ ଯେ ସମସ୍ତେ ହେବେ। "*ସେମାନେ* ଯାହା କରନ୍ତି ତାହା ନୁହେଁ; ମାତ୍ର ମୁଁ ଯାହା କରେ। ମୁଁ ଏହା କରିବାକୁ ଯାଉଛି, ଅବ୍ରହାମ। ମୁଁ ଆଦମଙ୍କୁ ବିଶ୍ୱାସ କରିଥିଲି, ଆଉ ସେ ତାଙ୍କର ଭାଙ୍ଗି ଦେଲେ। ଏବଂ ସମସ୍ତେ ସେମାନଙ୍କର ଭାଙ୍ଗି ଦିଅନ୍ତି। ମାତ୍ର ମୁଁ ଏହାକୁ ମୋ ନିଜ ସହିତ ନିୟମ କରିବି, ଏବଂ ନିଜଠାରେ ଶପଥ କରିବି, 'ମୁଁ ଏହାକୁ ରକ୍ଷା କରିବି।'" ଆମେନ୍। ଆମେନ୍। ଆମେନ୍।

409 ଆମେ କଅଣ କରୁ, ଏକ ନିୟମ କରିବାବେଳେ? ମୁଁ କୁହେ, "ଭାଇ ନେଭିଲ୍..." ତେବେ ଏହାକୁ, ଗୋଟିଏ ମିନିଟ୍ ଦେଖନ୍ତୁ। ମୁଁ କୁହେ, "ଭାଇ ନେଭିଲ୍, ମୁଁ ଆପଣଙ୍କୁ କହିବି ଯେ ମୁଁ କଅଣ କରିବି। ଯଦି ଆପଣ ସେପର୍ଯ୍ୟନ୍ତ ପ୍ରଚାର କରିବେ...ଆସନ୍ତାକାଲି ରାତି, ଏବଂ ପରଦିନ ରାତି, ବୁଧବାର ପର୍ଯ୍ୟନ୍ତ, ବୁଧବାର ଠାରୁ, ରବିବାର ପର୍ଯ୍ୟନ୍ତ, ମୁଁ ପ୍ରଚାର କରିବି।" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] "ଆପଣ ସେହି ଚୁକ୍ତି କରନ୍ତି କି?"

410 "ହଁ, ଆଜ୍ଞା।"

411 ଏହିପରି ଭାବରେ ଆମେ ଏଠାରେ ତାହା କରୁ । "ହାତ ମିଶାଅ, ବାଳକ ।" ଏହାହିଁ ତାହା ଅଟେ । ତାହା ଆମେରିକାରେ ଏକ ନିୟମ ଅଟେ । ଏହିପରି ଭାବରେ ହିଁ ଆମେ ଏକ ନିୟମ କରିଥାଉ ।

412 ତେବେ, ଜାପାନରେ ସେମାନେ କିପରି ଭାବରେ ନିୟମ କରନ୍ତି? ଆମେ କରୁ, କହିଥାଉ, "ଆପଣ *ଏପରି-ଓ-ଏପରି* କରନ୍ତୁ, ଏବଂ ମୁଁ *ଏପରି-ଓ-ଏପରି* କରିବି ।" ଆମେ ଅଳ୍ପ ଟିକେ ଲୁଣ ନେଇଥାଉ, କାରଣ ଲୁଣ ଏକ ସ୍ୱାଦ ଅଟେ । ଏବଂ ଆମେ ଲୁଣ ନେଉ, ଏବଂ ମୁଁ ଏହାକୁ ଭାଇ ନେୱିଲ ଉପରେ ପକାଇଥାଏ, ଏବଂ ଭାଇ ନେୱିଲ ଲୁଣ—ଲୁଣ ନିଅନ୍ତି ଓ ମୋ ଉପରେ ପକାନ୍ତି । ତାହା ଏକ ବାଧ୍ୟତାମୂଳକ ନିୟମ ଅଟେ ।

413 ଡେଭିଡ ଲିଭିଙ୍ଗଷ୍ଟୋନ ଆଫ୍ରିକୀୟ ନିଗ୍ରୋ ସହିତ ତାଙ୍କ ଦେଶକୁ ଯିବା ପାଇଁ, କିପରି ନିୟମ କରିଥିଲେ? ସେ ଗଲେ ଓ ଯାଇ ପ୍ରଧାନଙ୍କୁ ସାକ୍ଷାତ କଲେ, ଯେ ସେ ସେଠାରେ ସୁସମାଚାର ପ୍ରଚାର କରିବା ପାଇଁ ଏବଂ କାର୍ଯ୍ୟ କରିବା ପାଇଁ, ସେହି ବାଟ ଦେଇ ଯାଇପାରନ୍ତି । ଏବଂ ସେମାନେ ଗୋଟିଏ ଗ୍ଲାସ୍ ମଦ ନେଇଥିଲେ । ଏଠାରେ ଆଫ୍ରିକାର ସେହି ନିଗ୍ରୋ ସହିତ ନିୟମ ଅଟେ । ସେମାନଙ୍କର ଗୋଟିଏ ଗ୍ଲାସ୍ ମଦ ଥିଲା । ଏବଂ ସେହି ନିଗ୍ରୋ ପ୍ରଧାନ ନିଜର ଶିରା କାଟି, ଏହି ଗ୍ଲାସ୍ ମଦରେ ତାଙ୍କର ରକ୍ତ ଢାଳି ଦେଲେ । ଏବଂ ଡେଭିଡ ଲିଭିଙ୍ଗଷ୍ଟୋନ୍ ନିଜର ଶିରା କାଟି, ତାଙ୍କ ରକ୍ତକୁ ସେହି ଗ୍ଲାସ୍ ମଦରେ ଢାଳି ଦେଲେ । ସେମାନେ ଏହାକୁ ମିଶାଇ ଦେଲେ । ଲିଭିଙ୍ଗଷ୍ଟୋନ୍ ଏହାର ଅଧା ପିଇଲେ, ଏବଂ ନିଗ୍ରୋ ପ୍ରଧାନ ଏହାର ଅଧା ପିଇଲେ । ତାହାପରେ ସେମାନେ ପରସ୍ପର ଜଣେ ଅନ୍ୟକୁ, ଗୋଟିଏ ଉପହାର ଦେଲେ । ସେହି ନିଗ୍ରୋ ପ୍ରଧାନ, ଡେଭିଡ ଲିଭିଙ୍ଗଷ୍ଟୋନ କହିଲେ, "ଆପଣ ମୋ ଠାରୁ କଅଣ ଚାହୁଁଛନ୍ତି?"

414 ସେ କହିଲେ, "ତୁମେ ପିନ୍ଧିଥିବା ସେହି ଧଳା କୋଟ ।" ତେଣୁ ଲିଭିଙ୍ଗଷ୍ଟୋନ୍ ତାଙ୍କ କୋଟ୍ କାଢିଲେ ଓ ସେହି ନିଗ୍ରୋ ପ୍ରଧାନଙ୍କୁ ଦେଲେ । ସେ ପଚାରିଲେ, "ଆପଣ କଅଣ ଚାହୁଁଛନ୍ତି?"

415 ସେ କହିଲେ, "ଆପଣଙ୍କ ହାତରେ ଥିବା ସେହି ପବିତ୍ର ବର୍ଚ୍ଛା ।" କାରଣ, ସେ ଜାଣିଥିଲେ ଯେ ସେ ଏହା ସହିତ ଭିତରକୁ ଯାଇପାରିବେ, ତେଣୁ ସେ ସେହି ବର୍ଚ୍ଛା ନେଲେ । ଏବଂ ସେମାନେ ଭାଇ ଥିଲେ, କାରଣ ସେମାନେ ଏକ ନିୟମ କରିଥିଲେ ।

416 ଏବଂ ଯେତେବେଳେ ସେ ବାହାରକୁ ଗଲେ, ଆଉ ଆଦିବାସୀମାନେ ତାଙ୍କୁ ମାରିବାକୁ ଗୋଡାଇଲେ, ସେ ସେହି ପବିତ୍ର ବର୍ଚ୍ଛାକୁ ଉପରକୁ ଉଠାଇଲେ । ଆଉ ଯେତେବେଳେ ସେ ତାହା କଲେ, ସେମାନେ ଦେଖିଲେ ଏବଂ ସେମାନେ କହିଲେ, "ଓଃ, ଓଃ, ଆମେ ସେହି ବ୍ୟକ୍ତିଙ୍କୁ ଛୁଇଁ ପାରିବା ନାହିଁ ।" କାହିଁକି? "ସେ ଜଣେ ନିୟମ ବନ୍ଧିତ ଭାଇ, ଯଦିଓ ସେ ଧଳା, ଆମେ ତାଙ୍କୁ କେବେ ବି ଆଗରୁ ଦେଖି ନ ଥିଲୁ ।" ସେମାନେ କଳା ଅଟନ୍ତି ବୋଲି ସେମାନେ କଦାପି ଜାଣି ନ ଥିଲେ ଯେପର୍ଯ୍ୟନ୍ତ କି ସେମାନେ ତାଙ୍କୁ ଦେଖି ନ ଥିଲେ । ସେମାନେ ଏହା ପୂର୍ବରୁ କେବେ ବି ତାହା ଦେଖି ନ ଥିଲେ । "କିନ୍ତୁ ସେ ଜଣେ ନିୟମ ବନ୍ଧିତ ଭାଇ । ସେ ତାଙ୍କ ହାତରେ ପ୍ରଧାନଙ୍କର

ବର୍ଚ୍ଛା ଧରିଛନ୍ତି ।"

417 ଆଜି, ଆମ ଉପରେ ପବିତ୍ରଆତ୍ମାଙ୍କ ଶକ୍ତି ସହିତ, ପ୍ରଭୁ ଯୀଶୁଙ୍କ ରକ୍ତର ନିୟମ ପିଇବାର, କେତେ ସୁନ୍ଦର ଚିତ୍ରଣ ଅଟେ! ଆମେ ଯୀଶୁଙ୍କ ନାମରେ ଆଗକୁ ବଢୁ, ଏବଂ ଏହି ଚିହ୍ନଗୁଡିକ ସେମାନଙ୍କୁ ଅନୁସରଣ କରିବ ଯେଉଁମାନେକି ସମ୍ପୃକ୍ତ ଅଟନ୍ତି । ଏହା ତ ସେହି ପ୍ରଧାନଙ୍କର ପବିତ୍ର ବର୍ଚ୍ଛା ଅଟେ । ଦେଖନ୍ତୁ ଯେ ସେହି ନିୟମ, ତାହା କିପରି ଅଟେ?

418 ପୂର୍ବଦେଶୀୟ ସମୟରେ ସେମାନେ ଏହା କିପରି କରୁଥିଲେ? ସେମାନେ ପରସ୍ପର ଜଣେ ଅନ୍ୟକୁ, ଏକ ଶପଥ କରୁଥିଲେ । ସେମାନେ ଗୋଟିଏ ପଶୁକୁ ହତ୍ୟା କରୁଥିଲେ, ଏହାକୁ ଦୁଇ ଖଣ୍ଡ କରୁଥିଲେ, ଓ ତାହାର ମଝିରେ ଛିଡ଼ା ହେଉଥିଲେ । ସେହି—ସେହି ଦୁଇ ଜଣ ବ୍ୟକ୍ତି, ଏହି ବିଭାଜିତ ପଶୁର ମଧ୍ୟ ଭାଗରେ ଛିଡ଼ା ହେଉଥିଲେ । ଏବଂ ସେମାନେ ଏକ ନିୟମକୁ ଚିତ୍ରଣ କରୁଥିଲେ । "ଯଦି ମୁଁ *ଏହାକୁ* ରକ୍ଷା କରିବାରେ ବିଫଳ ହୁଏ, ଯଦି ମୁଁ *ଏହାକୁ* କରିବାରେ ବିଫଳ ହୁଏ, କାହିଁକି, *ଏହାକୁ* ଏବଂ *ଅମୁକ-ଓ-ଅମୁକ*, ତେବେ ମୋ ଶରୀର ଏହି ମୃତ ପଶୁ ପରି ହୋଇଯାଉ । ମୋ ଶରୀର ଏହି ମୃତ ପଶୁ ପରି ହୋଇଯାଉ ।" ଏବଂ ଯେତେବେଳେ ସେମାନେ ତାହା କରନ୍ତି, ସେମାନେ ଏହି ନିୟମକୁ ନିଅନ୍ତି ଏବଂ *ଏହା* ମଧ୍ୟରେ ଛିଡ଼ା ହୁଅନ୍ତି; ଏକ ଶପଥ କରନ୍ତି, ଶପଥପାଠ କରନ୍ତି ଯେ ସେମାନେ ତାହା କରିବେ । ଏବଂ ସେମାନେ ସେହି କାଗଜକୁ ଚିରି ଦିଅନ୍ତି, ଏକତ୍ର, ଅଲଗା କରି ଦିଅନ୍ତି, ଆଉ ଗୋଟିଏ ଭାଗକୁ ଜଣେ ବ୍ୟକ୍ତିଙ୍କୁ, ଅନ୍ୟ ଭାଗକୁ ଆର ଜଣକାଙ୍କୁ ଦେଇ ଦିଅନ୍ତି । ଏକ ନିର୍ଦ୍ଦିଷ୍ଟ ସମୟରେ ସେମାନେ ସାକ୍ଷାତ କରିବେ । ଆଉ ଯଦି ସେମାନେ ସେହି ଶପଥକୁ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ସେହି ମୃତ୍ୟୁରେ ମରନ୍ତୁ; ଏବଂ ସେହି ମୃତ ପଶୁମାନଙ୍କ ପରି ହୁଅନ୍ତୁ । ଠିକ୍ ଅଛି ।

419 କଅଣ ଆପଣ ସେହି ତିନୋଟି ପଶୁଙ୍କୁ ଲକ୍ଷ୍ୟ କଲେ? ସିଦ୍ଧ ଭାବରେ; ସେହି ମେଷଶାବକ, ଛେଳି, ଏବଂ ସେହି ତିନି ସିଦ୍ଧ ବଳିଦାନ । ମେଷଶାବକ କଅଣ ଥିଲା… ଘୁଘୁ କାପ୍ତା କଅଣ ଥିଲା? ଏବଂ ସେହି ଦୁଇଟି ଘୁଘୁ କାପ୍ତାର ଅର୍ଥ କଅଣ ଥିଲା? ସେହି ଦୁଇଟି ଘୁଘୁ କାପ୍ତାକୁ ଉଭୟ ପରିତ୍ରାଣ ଏବଂ ଆରୋଗ୍ୟତା ପାଇଁ ବଳିଦାନ କରାଯାଇଥିଲା, ଏଥିରେ—ଏଥିରେ…ଯାହାକି ଏହା ସହିତରେ ଗଲା । ବୁଝିଲେ? ପ୍ରାୟଶ୍ଚିତଗୁଡିକ ଭିନ୍ନ ଭାବେ କରାଯାଇଥିଲା, ମାତ୍ର ଆରୋଗ୍ୟତା ସମାନ ଭାବରେ ଜାରି ରହିଲା, ଏବଂ ସେହିପରି ପରିତ୍ରାଣ ମଧ୍ୟ ସମାନ ଭାବରେ ଜାରି ରହିଲା । ସେହି ଦୁଇଟି ଘୁଘୁ କାପ୍ତା, ଅବିଭାଜିତ ଭାବରେ, ଏହାର ଅର୍ଥ ହେଉଛି ସେମାନେ ଉଭୟ, ପ୍ରତିନିଧିତ୍ୱ କରାଯାଇଛନ୍ତି । ପରିତ୍ରାଣ…"ତାହାଙ୍କ କୋରଡା ଆଘାତ ଦ୍ୱାରା ଆମେ ସୁସ୍ଥ ହୋଇଅଛୁ । ସେ ଆମମାନଙ୍କ ଅପରାଧଗୁଡିକ ପାଇଁ ଆହତ ହୋଇଥିଲେ । ତାହାଙ୍କ କୋରଡା ଆଘାତ ଦ୍ୱାରା ଆମେ ସୁସ୍ଥ ହୋଇଅଛୁ ।" ସେଗୁଡ଼ିକୁ ପାର୍ଶ୍ୱରେ ରଖାଯାଇଥିଲା, ଅଲଗା କରାଯାଇ ନ ଥିଲା । ମାତ୍ର ସେହି ନିୟମ, ସେହି ପଶୁଟିର ଅଂଶ (ସେହି ତିନୋଟି) କଟା ଯାଇଥିଲା । କଅଣ ଆପଣ ଦେଖୁଛନ୍ତି କି? ଏହା ପରେ ଯେତେବେଳେ ସେମାନେ ତାହା କଲେ, ସେମାନେ ଚିରିଲେ ଓ ସେମାନଙ୍କର

ନିୟମ କଲେ ।

420 ଦେଖନ୍ତୁ ଯେ ପରମେଶ୍ୱର ଅବ୍ରହାମଙ୍କୁ କଅଣ କହୁଥିଲେ: "କାଲବରୀରେ, କାଲବରୀରେ, ତୁମର ବଂଶ ଅନୁସାରେ । ତୁମଠାରୁ ଇସ୍‌ହାକ ଆସିଲେ, ଇସ୍‌ହାକଠାରୁ *ଅମୁକ-ଓ-ଅମୁକ* ଆସିଲେ, ଯାକୁବ, ଯାକୁବଠାରୁ ଯୋଷେଫ ଆସିଲେ, ଯୋଷେଫଙ୍କଠାରୁ, ତଳକୁ, ତଳକୁ, ତଳକୁ, ଉତ୍ତରାଧିକାରୀ, ଏପର୍ଯ୍ୟନ୍ତକି, ଶେଷରେ, ସେହି ଧାର୍ମିକ ବୀଜ ଦେଇ!" ତାହାଙ୍କର…

421 ସେ ଠିକ୍ ଏଠାରେ, ଏହା କହି ସାରିଲେ, ଯେ ଆମର ପ୍ରଭୁ ଏପରି ଏକ ରାଷ୍ଟ୍ରରୁ ବାହାରିଛନ୍ତି ଯାହାକି ଜାଣି ନ ଥିଲା । ମୋଶା ତ ଏହା ବିଷୟରେ କଦାପି କହିଲେ ସୁଦ୍ଧା ନାହିଁ, ଏକ ଯାଜକତ୍ୱରୁ ବାହାରି ଆସିଥିଲେ । "ଆମର ପ୍ରଭୁ ଯିହୁଦା ଗୋତ୍ରରୁ ବାହାରି ଆସିଥିଲେ ।" ଲେବୀରୁ ନୁହେଁ, କାରଣ ସେମାନେ ଶାରୀରିକ ଭାବରେ ଆଇନ ଅନୁଗତକାରୀ ଥିଲେ । ମାତ୍ର ଆମର ପ୍ରଭୁ ଯିହୁଦାରୁ ବାହାରି ଆସିଥିଲେ । ମହିମା ହେଉ! ଆପଣ ସେଠାରେ ଅଛନ୍ତି । ଯେଉଁଠାରେ ସେହି ପ୍ରତିଜ୍ଞା କରାଯାଇଥିଲା!

422 ଯେତେବେଳେ ଆମେ ବନ୍ଦ କରୁ, ତେବେ ଧ୍ୟାନ ସହକାରେ ଶୁଣନ୍ତୁ । ଏବଂ କାଲବରୀରେ, ପରମେଶ୍ୱର ତଳକୁ ଓହ୍ଲାଇ ଆସିଲେ ଓ ତାହାଙ୍କର ନିଜ ପୁତ୍ରଙ୍କର ଶରୀରକୁ ନେଲେ, ଯେଉଁଥିରେ ସେ ବସବାସ କରିଥିଲେ, ଆଉ ସେ ଏହାକୁ କାଲବରୀରେ ଚିରି ଦେଇଥିଲେ । ତାହାଙ୍କର ରକ୍ତାକ୍ତ, ଆହତ, କଟା ଏବଂ ବର୍ଚ୍ଛା ସେଠାରେ ଭୁସି ହୋଇ ତାହାଙ୍କୁ ଚିରି ଦେଇଥିଲା, ଏବଂ ତାହାଙ୍କର ରକ୍ତ ବାହାରି ଆସିଥିଲା । ଆଉ ସେ କହିଥିଲେ, "ପିତା, ମୁଁ ତୁମ୍ଭ ହସ୍ତରେ ଆପଣା ଆତ୍ମାକୁ ଦେଉଅଛି ।" ସେ ନିଜର ମସ୍ତକ ନତ କଲେ । ଆଉ ପୃଥିବୀ କମ୍ପିତ ହେଲା, ଓ ବଜ୍ରପାତ ହେଲା, ଏବଂ ମେଘ ଗର୍ଜନ ହେଲା । ପରମେଶ୍ୱର ତାହାଙ୍କର ଚିରନ୍ତନ ନିୟମକୁ ଲେଖୁଥିଲେ ।

423 ଆଉ ସେ ସପ୍ତାହର ପ୍ରଥମ ଦିନରେ, ତାହାଙ୍କର ମୃତ ଶରୀରକୁ କବରରୁ ନେଇ, ସ୍ୱର୍ଗକୁ ଆଣିଲେ, ଏବଂ ସେଠାରେ ମହାଯାଜକ ଭାବରେ, ଏକ ସ୍ମାରକ ରୂପେ ଉପବେଶନ କଲେ; ସେଠାରେ, ସିଦ୍ଧ ଭାବରେ, ସବୁଦିନ ପାଇଁ ବସି ରହିଛନ୍ତି । ଏବଂ ସେ ସେହି ଆତ୍ମାଙ୍କୁ ପୁଣିଥରେ ଠିକ୍ ସେହି ମଣ୍ଡଳୀ ପାଖକୁ ପ୍ରେରଣ କଲେ, ଯାହାକି ସେ ସେହି ଶରୀରରୁ ଚିରି ବାହାର କରିଥିଲେ । ଏବଂ ସେହି ମଣ୍ଡଳୀକୁ ଠିକ ସେହି ସମାନ ଆତ୍ମାଙ୍କୁ ରଖିବାକୁ ହେବ ଯାହାକି ସେହି ଶରୀରରେ ଥିଲା, ନତୁବା ଏହା ପୁନରୁତ୍‌ଥାନରେ ତାହା ସହିତ ସମ୍ପୂର୍ଣ୍ଣରୂପେ ମିଶିବ ନାହିଁ । ସେହି ଦୁଇଟି ଖଣ୍ଡକୁ ନିଶ୍ଚିତ ଭାବରେ ସିଦ୍ଧ ରୂପେ ଏକତ୍ର ମିଶିବାକୁ ଅଛି । ଏବଂ ଯଦି ଏହି ମଣ୍ଡଳୀ ସମ୍ପୂର୍ଣ୍ଣ ରୂପେ, ଠିକ୍ ସେହି ପ୍ରକାର ସିଦ୍ଧ ନୁହେଁ ଯେପରିକି ସେହି ସମାନ ଆତ୍ମା ଥିଲେ ଯାହାକି ଖ୍ରୀଷ୍ଟଙ୍କଠାରେ ଥିଲା, ତାହାହେଲେ ଆପଣ କଦାପି ସ୍ୱର୍ଗାରୋହଣରେ ଯିବେ ନାହିଁ ।

424 ଭାଇ, ସେଠାରେ ସେହି ଚିରନ୍ତନ ନିୟମ ଅଛି । ତାହାକୁ, ନିଜେ ଖୋଜନ୍ତୁ, ଯାହା ଆପଣଙ୍କର ନିଜ ହୃଦୟରେ ଅଛି । ପ୍ରଭୁଙ୍କୁ ପ୍ରେମ କରନ୍ତୁ । ପ୍ରକୃତରେ ସୁନିଶ୍ଚିତ ହୋଇଯାଆନ୍ତୁ

ଯେ ଆପଣ ରକ୍ଷାପ୍ରାପ୍ତ ଅଟନ୍ତି । ଏଥିରେ କୌଣସି ସୁଯୋଗ ନିଅନ୍ତୁ ନାହିଁ । ଆପଣ ଜୁଆ ଖେଳୁଛନ୍ତି । ଓଃ, ଆପଣ, ଆମେ ଆମେରିକୀୟ ଲୋକମାନେ, ଜୁଆ ଖେଳିବାକୁ ଭଲ ପାଉ, କିନ୍ତୁ ଆପଣ ସେଥିରେ ଜୁଆ ଖେଳନ୍ତୁ ନାହିଁ । ଆପଣ ସୁନିଶ୍ଚିତ ହୋଇଯାଆନ୍ତୁ ଯେ ଆପଣ ଠିକ୍ ଅଟନ୍ତି । ଏଇଥି ପାଇଁ ନୁହଁ ଯେ ଆପଣ ମଣ୍ଡଳୀରେ ଯୋଗ ଦେଇଛନ୍ତି, ବରଂ ଏଇଥି ପାଇଁ ଯେ ଆପଣ ପ୍ରକୃତରେ ନୂତନ ଭାବେ ଜନ୍ମ ହୋଇଛନ୍ତି, ଖ୍ରୀଷ୍ଟ ଆପଣଙ୍କ ନିକଟକୁ, ପବିତ୍ରଆତ୍ମାଙ୍କ ବ୍ୟକ୍ତିତ୍ୱରେ ଆସିଛନ୍ତି ।

425 ତେବେ, କେବଳ ପ୍ରଶଂସନୀୟ ଭାବରେ, ମଧ୍ୟ, ଯେତେବେଳେକି ମୁଁ ସମାପ୍ତ କରୁଅଛି । ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ସେହି ସମାନ ଆତ୍ମାଙ୍କୁ, ଠିକ୍ ଆମମାନଙ୍କ ମଧ୍ୟରେ ରହିଥିବାର ଦେଖି, ଆମେ କେତେ ଖୁସି ହେବା ଉଚିତ୍, ପୁଣି ସେହି ସମାନ କାର୍ଯ୍ୟଗୁଡିକୁ କରୁଥିବାର ଦେଖିବା ଯାହାକି ସେ ପୃଥିବୀରେ ଥିବା ସମୟରେ କରିଥିଲେ! ଆମେ କେତେ ଖୁସି ହେବା ଉଚିତ୍!

ଆସନ୍ତୁ ଆମେମାନେ ବର୍ତ୍ତମାନ ପ୍ରାର୍ଥନା କରିବା, ଯେତେବେଳେକି ଆମେ ଆମର ମସ୍ତକଗୁଡିକୁ ନତ କରିଥାଉ ।

426 ପ୍ରଭୁ, ଏହା ଏକ ମହାନ ଦିନ ରହିଅଛି । ଯଦିଓ, ମୁଁ ସେହିପରି କରୁଅଛି ବୋଲି ସର୍ବଦା ଅନୁଭବ କରିଥାଏ, ମୁଁ ବିଫଳ ରହିଥାଏ । ପ୍ରଭୁ, ମୁଁ ଏହାକୁ ଠିକ୍ ଭାବରେ ପ୍ରତିନିଧିତ୍ୱ କରିପାରେ ନାହିଁ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ମୋର ମୂର୍ଖ ଉପାୟଗୁଡିକରୁ ମୋତେ କ୍ଷମା କରିବ । ଓଃ, ମୁଁ ତୁମ ସମ୍ମୁଖରେ ମୋର ପାପଗୁଡିକୁ ସ୍ୱୀକାର କରୁଛି, ଏବଂ ଦୟା ମାଗୁଛି, ଏହା ଜାଣି ଯେ ସେଠାରେ ଜଣେ ମହାନ ମହାଯାଜକ ପରମେଶ୍ୱରଙ୍କ ଡାହାଣ ପଟେ, ସ୍ୱର୍ଗରେ ଛିଡ଼ା ହୋଇଛନ୍ତି, ଯିଏକି ହାରୋଣଙ୍କ ସାଦୃଶ୍ୟରେ, ବ୍ୟବସ୍ଥା ଏବଂ ଆଇନ ଓ ବିଭିନ୍ନ ବିଷୟଗୁଡିକର ଅନୁସାରେ ନିଯୁକ୍ତ କରାଯାଇ ନାହାଁନ୍ତି । ମାତ୍ର ସେ ସେଠାରେ ପରମେଶ୍ୱରଙ୍କ ଅନୁଗ୍ରହ ହେତୁରୁ, ଯାହାକି ଜଗତର ପତ୍ତନ ପୂର୍ବରୁ ଆଗକୁ ଅପେକ୍ଷା କରିଥିଲା ବିରାଜିତ ହୋଇଥିଲେ, ଏବଂ ଏଠାରେ ତଳେ ଜଗତରେ ମୋତେ ଦେଖିଥିଲେ, ଆଉ ମୋର ପାପଗୁଡିକ ପାଇଁ ମୃତ୍ୟୁବରଣ କରିଥିଲେ, ଯେପରିକି ମୋତେ ପରମେଶ୍ୱରଙ୍କ ରାଜ୍ୟକୁ ଫେରାଇ ଆଣନ୍ତି । ପିତା, ମୁଁ ଏଥିପାଇଁ, ତୁମକୁ ଧନ୍ୟବାଦ ଦେଉଅଛି ।

427 କାରଣ, ଏହି ଆତ୍ମା ଯାହାକି ବର୍ତ୍ତମାନ ତୁମର ଲୋକମାନଙ୍କ ମଧ୍ୟରେ ରାଜତ୍ୱ କରେ ସେତିକି ଅନନ୍ତ ଅଟେ ଯେତିକି ପରମେଶ୍ୱର ଅନନ୍ତ ଅଟନ୍ତି । "ମୁଁ ସେମାନଙ୍କୁ ଅନନ୍ତ ଜୀବନ, ଚିର ଜୀବନ, ଚିରକାଳର ଜୀବନ ଦିଏ, ଏବଂ ସେମାନେ କଦାପି ବିନଷ୍ଟ ହେବେ ନାହିଁ ।" ଏବଂ ବିଚାର ସମୟରେ, ସେମାନେ ସେଠାରେ କଦାପି ରହିବେ ନାହିଁ । ସେମାନେ ବିଚାରକୁ ଅତିକ୍ରମ କରି ଯାଇଛନ୍ତି । ସେମାନେ ମହିମାକୁ ଚାଲି ଯାଇଛନ୍ତି । "ଏବଂ ଯଦି ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଆମ୍ଭମାନଙ୍କର ନିମନ୍ତେ ଆଉ ଏକ ଗୃହ ଆମକୁ ଗ୍ରହଣ କରିବା ହେତୁ ଅପେକ୍ଷାରେ ଅଛି ।" ହେ ପ୍ରଭୁ, ସେଥିପାଇଁ ତୁମକୁ ଧନ୍ୟବାଦ ।

428 ମୁଁ ବର୍ତ୍ତମାନ ପ୍ରାର୍ଥନା କରୁଛି, ଯଦି ଆଜି ରାତି ଏଠାରେ କେହି ଜଣେ ଅଛନ୍ତି, ଯିଏକି ଏଯାଏଁ ନିୟମର ପ୍ରକୃତ ରକ୍ତ ପାନ କରି ନାହାଁନ୍ତି, ଯିଏକି ଏହା ଜାଣି ନାହାଁନ୍ତି ଯେ ଏହାର ଅର୍ଥ କଅଣ, ଏହା ଜାଣି ନାହାଁନ୍ତି ଯେ ନୂତନ ଭାବେ ଜନ୍ମ ହେବାର ଅର୍ଥ କଅଣ, ଏହା ଜାଣି ନାହାଁନ୍ତି ଯେ ସେମାନଙ୍କ ହୃଦୟରେ, କିମ୍ବା ନିଜର ହୃଦୟରେ ଖ୍ରୀଷ୍ଟଙ୍କ ସହିତ ଏକ ପ୍ରକୃତ ସହଭାଗୀତା ପାଇବା କଅଣ ବିଷୟ ଅଟେ, ଏହା ହେଉ ଯେ ସେମାନେ ବର୍ତ୍ତମାନ ତାହାଙ୍କୁ ଗ୍ରହଣ କରନ୍ତୁ, ଯେତେବେଳେକି ଆମେ ଅପେକ୍ଷା କରୁ ଓ ଏହି ସୁଯୋଗ ଦେଉ । ଏବଂ ସେହି ଦିନରେ, ଆମେ ପ୍ରାର୍ଥନା କରୁ ଯେ ଆମେ ସୁସମାଚାରକୁ ସଠିକ୍ ଆଲୋକରେ ଉପସ୍ଥାପନ କରିଛୁ । ଖ୍ରୀଷ୍ଟଙ୍କ ନାମରେ, ଆମେ ପ୍ରାର୍ଥନା କରୁଛୁ ।

429 ଯେତେବେଳେକି ଆମ୍ଭେମାନେ ନିଜର ମୁଣ୍ଡ ନୁଆଁଇଅଛୁ, କଅଣ ସେଠାରେ ଜଣେ ବ୍ୟକ୍ତି ଅଛନ୍ତି ଯିଏକି ଖ୍ରୀଷ୍ଟଙ୍କ ନିକଟରେ ଆପଣା ହାତ ଉଠାଇବେ, ଏବଂ କହିବେ, "ପରମେଶ୍ୱରଙ୍କ ଖ୍ରୀଷ୍ଟ, ମୋ ପ୍ରତି ଦୟା କର । ହେବାକୁ ଦିଅ ଯେ ମୁଁ, ତୁମର ଅଯୋଗ୍ୟ ସେବକ ଭାବରେ, ବର୍ତ୍ତମାନ ମୋ ହୃଦୟରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରେ । ଏବଂ ପ୍ରକୃତରେ ମୋହର ପ୍ରୟୋଜନ ଥିବା ସେହି ଆଶ୍ୱାସନା ଏବଂ ପ୍ରେମକୁ ମୋତେ ଦେବ କି"? ଯଦି ଆପଣ ତାହା ପାଇ ନାହାଁନ୍ତି, ତାହାହେଲେ କଅଣ ଆପଣ କେବଳ ନିଜର ହାତକୁ ତାହାଙ୍କ ଆଡେ ଉଠାଇ, କହିବେ କି, "ପ୍ରଭୁ, ଏହା ଏକ ଚିହ୍ନ ଯାହା ମୁଁ ଇଚ୍ଛା କରେ ।"? କଅଣ ଆପଣ ନିଜର ହାତକୁ ଉପରକୁ ଉଠାଇବେ କି? ମହିଳା, ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଏଠାରେ ଆଶୀର୍ବାଦ କରନ୍ତୁ, ମହାଶୟ । ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ । ତାହା ଉତ୍ତମ ଅଟେ । ଏଠାରେ ଏହି ବ୍ୟକ୍ତି ଶେଷରେ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ଏବଂ ଅନ୍ୟ କେହି, ଠିକ୍ ବର୍ତ୍ତମାନ ଆମେ ସମାପ୍ତ କରିବା ପୂର୍ବରୁ, କେବଳ କିଛି କ୍ଷଣ ପାଇଁ ଅପେକ୍ଷା କରୁଅଛୁ । ହେ ପୁତ୍ର, ପରମେଶ୍ୱର ଆପଣଙ୍କୁ ପଛରେ ଆଶୀର୍ବାଦ କରନ୍ତୁ । ଅନ୍ୟ କେହି ଅଛନ୍ତି କି?

430 "ମୁଁ ବର୍ତ୍ତମାନ ଇଚ୍ଛା କରେ । ପ୍ରଭୁ ପରମେଶ୍ୱର, ମୁଁ ଇଚ୍ଛା କରେ । ତୁମେ ମୋର ହୃଦୟକୁ ଜାଣ । ତୁମେ ଜାଣ ଯେ ମୋ ମନରେ କଅଣ ଅଛି । ତୁମେ, 'ପରମେଶ୍ୱରଙ୍କ ଆତ୍ମା ଦ୍ୱି-ଧାର ଖଡ୍ଗଠାରୁ ଜୀବନ୍ତ ଏବଂ ତୀକ୍ଷ୍ଣତର, ଆଉ ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ, ଏବଂ ହୃଦୟର ଚିନ୍ତାର ସୂକ୍ଷ୍ମ ବିଚାରକ ଅଟେ ।'" ସେ ବିଷୟରେ ଚିନ୍ତା କରନ୍ତୁ । ସେ ଆପଣଙ୍କର ସମସ୍ତ ଚିନ୍ତା, ଆପଣଙ୍କର ଭାବ ଠିକ୍ ଜାଣନ୍ତି ।

431 କଅଣ ଆପଣ ନିଜର ହାତ ଉଠାଇବେ କି? କୁହନ୍ତୁ, "ହେ ପରମେଶ୍ୱର, ଠିକ୍ ବର୍ତ୍ତମାନ, ମୋ ପ୍ରତି ଦୟା କର । ମୁଁ—ମୁଁ ଚାହେଁ ଯେ ଆପଣ ଏହା ଜାଣନ୍ତୁ ଯେ ମୁଁ ଜାଣେ ଯେ ମୁଁ ଭୁଲ୍ ଅଟେ, ଏବଂ ମୁଁ ତାହା ହୃଦୟଙ୍ଗମ କରେ, ମାତ୍ର ମୁଁ ଠିକ୍ ହେବାକୁ ଚାହେଁ ।" ଠିକ୍ ଅଛି, ଯେତେବେଳେ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିଥାଉ, ବର୍ତ୍ତମାନ ପ୍ରାର୍ଥନା

କରୁଥାଉ, କେବଳ କିଛି କ୍ଷଣ ଚିନ୍ତା କରନ୍ତୁ। ଆମେ ସେ ବିଷୟରେ ତରତର ହେବାକୁ ଚାହୁଁନାହୁଁ।

ଯୁଗମାନର ଶୈଳ, ମୋ ପାଇଁ ଆଶ୍ରୟ,
ମୋତେ ତୁମଠାରେ ଲୁଚିବାକୁ ଦିଅ;
ଏହା ହେଉ ଯେ ଜଳ ଓ ରକ୍ତ,
ଯାହା ତୁମ ପାର୍ଶ୍ୱରୁ ପ୍ରବାହିତ ହୁଏ...
ପାପ ପାଇଁ ଦୁଇଗୁଣ ହେଉ...(ଦୁଇଗୁଣ ଆରୋଗ୍ୟତା, ସେ ଏଥିରେ ଶପଥ କରିଥିଲେ, ଦୁଇଟି ଅକ୍ଷୟ ବିଷୟ।)
କ୍ରୋଧରୁ ରକ୍ଷା କରୁ ଏବଂ ମୋତେ ଶୁଦ୍ଧ କରୁ।
ଯେତେବେଳେକି ମୁଁ ଟାଣେ...

432 ହେ ପ୍ରଭୁ, ଠିକ୍ ବର୍ତ୍ତମାନ ହିଁ ଏହା ପ୍ରଦାନ କର ଯେ ଆମେ ସମସ୍ତେ ଏହା ହୃଦୟଙ୍ଗମ କରିବୁ ଯେ ଏହି ନିଶ୍ୱାସଗୁଡ଼ିକୁ ଯାହା ଆମେମାନେ ନେଉଅଛୁ ତାହା କ୍ଷୀଣ ଅଟେ। ଆମେ ଜାଣିନାହୁଁ ଯେ ଆମ ଆଗରେ ଆଉ କେତେ ଅଧିକ ବାକି ଅଛି। ତାହା ତୁମର ମହାନ ପରାମର୍ଶ ଦ୍ୱାରା ସମ୍ପାଦିତ ହୁଏ। ତାହା ତୁମ ଦ୍ୱାରା ନିର୍ଦ୍ଧାରିତ ହୁଏ। ଓଃ, ଆମ ପ୍ରତି ଦୟା କର। ଏବଂ ସେମାନଙ୍କ ପାଇଁ ଯେଉଁମାନେକି ହାତ ଉଠାଇଥିଲେ, ପ୍ରଭୁ, ସେମାନଙ୍କୁ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଜାଣିଛ। ମାତ୍ର ମୁଁ କେବଳ ସେମାନଙ୍କ ପାଇଁ ମଧ୍ୟସ୍ଥିର ପ୍ରାର୍ଥନା ଅର୍ପଣ କରୁଛି। ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କ ହୃଦୟରୁ ନିନ୍ଦା ଦୂର କରି ଦେବ, ଏବଂ ବର୍ତ୍ତମାନ କେବଳ, ସେମାନେ ସାହସର ସହିତ, ସିଂହାସନ ନିକଟକୁ ଆସନ୍ତୁ; ସାହସର ସହିତ ପରମେଶ୍ୱରଙ୍କ ସିଂହାସନ ନିକଟକୁ ଚାଲିକରି ଆସନ୍ତୁ, ସେମାନଙ୍କର ପରମେଶ୍ୱର-ଦତ୍ତ ଅଧିକାରକୁ ଦାବି କରନ୍ତୁ। ତୁମେ ସେମାନଙ୍କୁ ହାତ ଉଠାଇବାକୁ ବାଧ୍ୟ କଲ। ସେମାନେ ତାହା ନିଜେ କରିପାରି ନ ଥାଆନ୍ତେ। ଏବଂ ମୁଁ ପ୍ରାର୍ଥନା କରେ ଯେ, ପରମେଶ୍ୱର, ତୁମେ ଏହାକୁ ଯୀଶୁଙ୍କ ନାମରେ ପ୍ରଦାନ କରିବ। ଆମେନ୍।

...ତୁମଠାରେ ନିଜକୁ;

ବର୍ତ୍ତମାନ, କେବଳ ତାହାଙ୍କୁ ଉପାସନା କରନ୍ତୁ।

ଏହା ହେଉ ଯେ ଜଳ ଏବଂ...(ଓଃ, ମୋର ପ୍ରଭୁ!)
ଯାହା ତୁମର କ୍ଷତବିକ୍ଷତ ପାର୍ଶ୍ୱରୁ ପ୍ରବାହିତ ହୁଏ
ପାପ ପାଇଁ ଦୁଇଗୁଣ ଆରୋଗ୍ୟତା,
କ୍ରୋଧରୁ ରକ୍ଷା କରୁ ଏବଂ ମୋତେ ଶୁଦ୍ଧ କରୁ।

433 କେତେ ଲୋକ ବର୍ତ୍ତମାନ ପ୍ରକୃତରେ ଭଲ ଅନୁଭବ କରୁଛନ୍ତି? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ପ୍ରଭୁଙ୍କର ପ୍ରଶଂସା ହେଉ!" [ମଣ୍ଡଳୀ କୁହନ୍ତି, "ପ୍ରଭୁଙ୍କର ପ୍ରଶଂସା ହେଉ!"—ସମ୍ପା।] ଓଃ, ସେ ଅଦ୍ଭୁତ ଅଟନ୍ତି! ଓଃ!

*ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।* ଭଉଣୀ ଗର୍ଟି, କଅଣ ଆପଣ ଏହା ଜାଣିଛନ୍ତି କି? ଆସନ୍ତୁ । କେତେ ଜଣ ସେହି ଗୀତକୁ ଭଲ ପାଆନ୍ତି? ବର୍ତ୍ତମାନ ଆମର ଗୋଟିଏ ମୁହୂର୍ତ୍ତରେ, ବାପ୍ତିସ୍ମ ସେବା ହେବାକୁ ଯାଉଅଛି । (କଅଣ ଆପଣ ସେମାନଙ୍କୁ ବାପ୍ତିସ୍ମ ଦେବାକୁ ଯାଉଛନ୍ତି?) ଠିକ ଅଛି ।

...ସ୍ଥାନ, ହଁ, ସେଠାରେ ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ସ୍ଥାନ, ସ୍ଥାନ...

434 ଠିକ୍ ଅଛି । ବାପ୍ତିସ୍ମ ପାଇଁ ସେହି ପ୍ରାର୍ଥୀମାନେ, ପୁରୁଷମାନେ *ଏହି* କୋଠରୀକୁ ଯିବେ, ମହିଳାମାନେ *ଏହି* କୋଠରୀକୁ ଯିବେ, ଠିକ୍ ଅଛି, ଯେଉଁମାନଙ୍କରକି ଆମ ପ୍ରଭୁଙ୍କ ଆଶୀଷିତ ନାମରେ ବାପ୍ତିସ୍ମ ହେବାକୁ ଅଛି ।

...ତୁମ ପ୍ରତି ଭଲ,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ପରମେଶ୍ୱର ମୋ ପ୍ରତି ଏତେ ଭଲ ରହିଛନ୍ତି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।

435 ବର୍ତ୍ତମାନ ସମସ୍ତେ:

ସ୍ଥାନ, ସ୍ଥାନ, ହଁ, ସେଠାରେ ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ଓଃ, ସ୍ଥାନ, ସ୍ଥାନ, ହଁ, ସେଠାରେ ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।

436 ଓଃ, ମୁଁ ସେହି ପୁରୁଣା ଗୀତକୁ ଭଲ ପାଏ । କଅଣ ଆପଣ ପାଆନ୍ତି ନାହିଁ କି?

ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ଓଃ, ସ୍ଥାନ, ସ୍ଥାନ, ସେଠାରେ ପ୍ରଚୁର ସ୍ଥାନ ଅଛି,
ନିର୍ଝର ପାଖରେ ସ୍ଥାନ ଅଛି ।

437 ବର୍ତ୍ତମାନ, ଯେତେବେଳେ ସେହି ପ୍ରାଚୀନ, ବାପ୍ତିସ୍ମ ନିମନ୍ତେ ପ୍ରସ୍ତୁତିକରଣ କରିବା ପାଇଁ ଭିତରକୁ ଯାଇଛନ୍ତି, ମୁଁ ଦର୍ଶକବୃନ୍ଦଙ୍କୁ ବୁଝାଇବାକୁ ଚାହେଁ । ଏବଂ ମୁଁ କେତେକ ଦୀକନମାନଙ୍କୁ ପଚାରିବି, ଯଦି ସେମାନେ ମୋତେ କୋଠରୀରେ ଶୁଣିପାରନ୍ତି, ଯେତେବେଳେ ସେମାନେ ପ୍ରସ୍ତୁତ ହୋଇଯାଆନ୍ତି, ଆସନ୍ତୁ ଏବଂ—ଏବଂ ମୋତେ କୁହନ୍ତୁ, ଆଉ ଯେଣୁ ଆମେ ମାଇକ୍ରୋଫୋନ୍‌ଗୁଡ଼ିକୁ ଘୁଞ୍ଚାଇ ଦେଇପାରୁ । ଆମେ ଚାହୁଁ ଯେ ଆପଣ ସମସ୍ତେ ଏହା ଦେଖନ୍ତୁ । ଆଉ ପ୍ରାୟଃ ଦଶ ମିନିଟ୍ ଅଧିକ ରୁହନ୍ତୁ, ଆଉ ମଣ୍ଡଳୀ ବରଖାସ୍ତ ହୋଇଯିବ ।

438 ବର୍ତ୍ତମାନ ମୁଁ ଆପଣଙ୍କ ପାଇଁ କେତୋଟି ପବିତ୍ରଶାସ୍ତ୍ରର ଅଂଶ ପଢ଼ିବାକୁ ଚାହୁଁଛି । ମୁଁ ତାହା ପ୍ରେରିତ କ୍ରିୟା ପୁସ୍ତକରୁ ପାଠ କରିବାକୁ ଚାହେଁ । ଏବଂ ମୁଁ ପ୍ରେରିତ କ୍ରିୟା ପୁସ୍ତକର 2ୟ ପର୍ବର 12ଶ ପଦରୁ ଆରମ୍ଭ କରିବାକୁ ଚାହେଁ ।

439 ତେବେ, ମୁଁ ଚାହେଁ ଯେ ଆପଣ ସାଧୁ ଲୂକଙ୍କର 16ଶ ପର୍ବରେ ଧ୍ୟାନ ଦିଅନ୍ତୁ, କିମ୍ବା ସାଧୁ ମାଥିଉଙ୍କର, ମୁଁ ବିଶ୍ୱାସ କରେ ଯେ ଏହା ଅଟେ, ଯେ ଯୀଶୁ ପର୍ବତରୁ ଓହ୍ଲାଉଥିଲେ । ସେମାନେ…ତାହାଙ୍କର ଶିଷ୍ୟମାନଙ୍କୁ କହିଲେ, "ମନୁଷ୍ୟପୁତ୍ର କିଏ ବୋଲି ଲୋକମାନେ କଅଣ କୁହନ୍ତି?"

440 "ଏବଂ ସେମାନଙ୍କ ମଧ୍ୟରୁ କେତେକ କହିଲେ, କାହିଁକି, ଆପଣ 'ଏଲିୟ ।' ଆଉ କେହି କେହି କୁହନ୍ତି ଯେ ଆପଣ—ଆପଣ ହେଉଛନ୍ତି 'ସେହି ଭବିଷ୍ୟଦ୍‌ବକ୍ତା । ' ଏବଂ କେତେକ କୁହନ୍ତି ଯେ ଆପଣ ହେଉଛନ୍ତି *ଏହା* ବା *ଅନ୍ୟ* ।"

441 ସେ କହିଲେ, "ମାତ୍ର ମୁଁ କିଏ ବୋଲି ତୁମେମାନେ କଅଣ କହୁଛ?"

442 ଏବଂ ପିତର କହିଲେ, "ତୁମ୍ଭେ ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ ଅଟ ।" କଅଣ ତାହା ଠିକ୍?

443 ଯୀଶୁ କହିଲେ, "ହେ ଯୁନସର-ପୁତ୍ର ଶିମୋନ, ତୁମେ ଧନ୍ୟ, କାରଣ ମାଂସ ଓ ରକ୍ତ ଏହା ପ୍ରକାଶ କରି ନାହିଁ । ତୁମେ ଏହାକୁ କଦାପି କୌଣସି ସେମିନାରୀରେ ଶିଖି ନାହଁ । ତୁମେ ଏହାକୁ ମନୁଷ୍ୟ ଦ୍ୱାରା କେବେ ଶିଖି ନାହଁ ।" କହିଲେ, "କିନ୍ତୁ ମୋହର ସ୍ୱର୍ଗସ୍ଥ ପିତା ଏହାକୁ ତୁମ ନିକଟରେ ପ୍ରକାଶ କରିଛନ୍ତି । ଆଉ ମୁଁ କହୁଛି ଯେ ତୁମେ ପିତର ଅଟ । ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି । ନରକର ବଳ ତାହାକୁ ପରାଜୟ କରିବ ନାହିଁ । ଏବଂ ମୁଁ ତୁମକୁ ସ୍ୱର୍ଗରାଜ୍ୟର କଞ୍ଚି ଦେଉଛି ।" କଅଣ ଏହା ଠିକ୍ ଅଟେ? "ଆଉ ତୁମେ ପୃଥିବୀରେ ଯାହା ବି ମୁକ୍ତ କରିବ, ମୁଁ ଏହାକୁ ସ୍ୱର୍ଗରେ ମୁକ୍ତ କରିବି । ତୁମେ ପୃଥିବୀରେ ଯାହା ବନ୍ଦ କରିବ, ମୁଁ ଏହାକୁ ସ୍ୱର୍ଗରେ ବନ୍ଦ କରିବି ।" କଅଣ ତାହାଙ୍କର ଏହା ଅଭିପ୍ରାୟ ଥିଲା କି? ନଚେତ୍ ସେ ଏହା କହି ନ ଥାଆନ୍ତେ । ତେବେ, ଯେପରି ସମୟ ଗଡି ଚାଲିଲା, ବର୍ତ୍ତମାନ, ପିତରଙ୍କ ପାଖରେ ରାଜ୍ୟର କଞ୍ଚି ଥିଲା ।

444 ତେବେ, ଆପଣ କ୍ୟାଥୋଲିକ୍ ଲୋକମାନେ, ଆପଣ ଏହା ଭାବିପାରନ୍ତି, ଯେ ଆପଣ କୁହନ୍ତି, "କ୍ୟାଥୋଲିକ୍ ମଣ୍ଡଳୀ ପିତରଙ୍କ ଉପରେ ନିର୍ମିତ ଅଟେ ।" ଠିକ ଅଛି, ଆମେ ଦେଖିବା । "ସେମାନଙ୍କ ପାଖରେ କଞ୍ଚି ଥିଲା । କ୍ୟାଥୋଲିକ୍ ମଣ୍ଡଳୀ ପାଖରେ ଏବେ ସୁଦ୍ଧା କଞ୍ଚି ଅଛି ।"

445 ଆସନ୍ତୁ ତେବେ ଦେଖିବା ଯେ *ପିତର* ସେହି କଞ୍ଚିଗୁଡ଼ିକ ବିଷୟରେ କଅଣ କଲେ, ଦେଖନ୍ତୁ, ତାହାପରେ ଆମେ ଖୋଜିବା । ବାଇବଲ, ପିତର ଏବଂ ଅନ୍ୟ ପ୍ରେରିତମାନଙ୍କୁ କୁହେ, "ତୁମେ ସମସ୍ତ ଜଗତକୁ ଯାଅ । ଯାହାର ପାପ ତୁମେ କ୍ଷମା କର, ସେମାନଙ୍କ ପ୍ରତି ତାହା କ୍ଷମା କରାଯିବ । ଯାହାର ପାପ ତୁମେ ରଖ, ସେମାନଙ୍କ ପ୍ରତି ତାହା ରଖାଯିବ ।" ତାହା ଯେ, ମୁଁ ଏହା କହିପାରେ ଯେପରିକି…ମୋର କହିବାର ଅର୍ଥ କଅଣ କେହିଜଣେ ତାହା ବୁଝିପାରି ନ

ଥିବେ । ଯୀଶୁ ପ୍ରେରିତମାନଙ୍କୁ କହିଲେ, "ଯାହାର ପାପ ତୁମେ କ୍ଷମା କର, ମୁଁ ମଧ୍ୟ ସେମାନଙ୍କୁ କ୍ଷମା କରିବି । ଏବଂ ଯାହାର ପାପ ତୁମେ କ୍ଷମା ନ କର, ଏବଂ ସେମାନଙ୍କ ବିରୁଦ୍ଧରେ ତାହା ଧରି ରଖ, ମୁଁ ମଧ୍ୟ ସେମାନଙ୍କ ବିରୁଦ୍ଧରେ ତାହା ଧରି ରଖିବି ।" ତାହାହିଁ ଅଟେ ଯାହାକି ଯୀଶୁ କହିଥିଲେ ।

446 ତେବେ କ୍ୟାଥୋଲିକ୍ ମଣ୍ଡଳୀକୁ ତାହା ଆଡକୁ ସବଳେ ଯାଉଥିବାର ଦେଖନ୍ତୁ ।

447 ମାତ୍ର ଆସନ୍ତୁ ଜାଣିବା ଯେ ସେମାନେ ତାହା କିପରି କଲେ । ତେବେ ଯଦି ଆମେମାନେ ତାହା ଜାଣିଯିବା ଯେ ସେମାନେ ତାହା କିପରି କଲେ, ତାହାପରେ ଆମେମାନେ ମଧ୍ୟ ସେହିପରି କରିବା ଉଚିତ୍ । ତେବେ ଆସନ୍ତୁ ଆମେମାନେ ଜାଣିବା ।

448 ଏହା ହେଉଛି ପେଣ୍ଟିକଷ୍ଟର ଦିନ । ଏହି ମଣ୍ଡଳୀର ଉଦଘାଟନ କରାଯାଉଛି । ସେମାନେ ସମସ୍ତେ ଏକ ଉପର କୋଠରୀରେ ଥିଲେ । ପୁରୁଷମାନେ ବିଭିନ୍ନ ବିଭିନ୍ନ ଭାଷାରେ କଥା କହି, ସେଠାରୁ ବାହାରି ଆସିଥିଲେ । କାହିଁକି? ଆକାଶ ତଳେ ଥିବା ପ୍ରତ୍ୟେକ ଭାଷାର ସେଠାରେ ପ୍ରତିନିଧିତ୍ୱ କରା ଯାଇଥିଲା । ଇଂରାଜୀ ମଧ୍ୟ, ସେଠାରେ ଥିଲା । ଆକାଶ ତଳେ ଥିବା ପ୍ରତ୍ୟେକ ଭାଷାକୁ ସେଠାରେ ରହିବା ଆବଶ୍ୟକ ଥିଲା, ଯାହାକିଛି ଭାଷା ସେହି ଦିନରେ କଥାବାର୍ତ୍ତା ହେଉଥିଲା । ଏଠାରେ ଆଗକୁ ଯାଏ ଓ ଅନେକ ଭାଷାଗୁଡିକୁ ଉଲ୍ଲେଖ କରେ, ଏବଂ କିପରି ଯେ କ୍ରେତେର ଲୋକମାନେ ଓ ଅପରିଚିତମାନେ, ପୁଣି ରୋମ୍‌ର ଧର୍ମାନ୍ତରିତ ବ୍ୟକ୍ତିମାନେ, ଏବଂ—ଏବଂ—ଏବଂ ଆରବୀୟମାନେ, ଆଉ ସମସ୍ତେ କଥା କହୁଥିଲେ ଓ ଉଚ୍ଚୀ-...ବର୍ତ୍ତମାନ, ସେମାନେ ଅଜ୍ଞାତ ଭାଷାରେ କଥାବାର୍ତ୍ତା କରୁ ନ ଥିଲେ । ସେମାନେ ଜଣାଶୁଣା ଭାଷାରେ, ଲୋକମାନଙ୍କୁ କଥା କହୁଥିଲେ । ଅଜ୍ଞାତ ଭାଷା ନୁହେଁ, ବରଂ ସେହି ଭାଷାଗୁଡିକ ଯାହାକି ପ୍ରତ୍ୟେକ ଜଣ ବୁଝୁଥିଲେ । ପାପୀ, ଅବିଶ୍ୱାସୀ, ତାହା ଶୁଣି ପାରିଥିଲେ ଯାହା ସେ କହୁଥିଲେ । "ଆମେ କିପରି ନିଜ ଭାଷାରେ ତାହା ଶୁଣୁଅଛୁ ଯେଉଁଥିରେ କି—କି ଆମେ ଜନ୍ମ ହୋଇଛୁ?"

449 ତେବେ ଦେଖନ୍ତୁ । ତେବେ ପ୍ରଶ୍ନଟି ଆସୁଛି । ବର୍ତ୍ତମାନ, "ଅନ୍ୟମାନେ ବିଦ୍ରୂପ କଲେ ।" ସେହି 12ଶ ପଦ, ଠିକ୍ ଅଛି ।

> *ଆଉ ସମସ୍ତେ ଆଚମ୍ବିତ ଓ...ହତବୁଦ୍ଧି ହୋଇ, ପରସ୍ପରକୁ କହିବାକୁ ଲାଗିଲେ, ଏହାର ଅର୍ଥ କଅଣ?*

> *କିନ୍ତୁ ଅନ୍ୟମାନେ ବିଦ୍ରୂପ କରି କହିଲେ, ଏମାନେ ମିଷ୍ଟ ଦ୍ରାକ୍ଷାରସ...ମତ୍ତ ହୋଇଅଛନ୍ତି ।*

450 ସେମାନେ ଏହି ଲୋକମାଙ୍କର ଥଟ୍ଟା ପରିହାସ କରୁଥିଲେ । କାରଣ, ସେମାନେ କିପରି କରୁଥିଲେ? ସେମାନେ ମଦ୍ୟପମାନଙ୍କ ପରି, ମାତାଲ୍‌ମାନଙ୍କ ପରି ଟଳମଳ ହେଉଥିଲେ । କଥାବାର୍ତ୍ତା କରୁଥିଲେ, ଅବଶ୍ୟ ଏହା ନ ଜାଣି ଯେ ସେମାନେ କଅଣ କହୁଥିଲେ, ମାତ୍ର ଏପରି

ଭାଷାରେ ମଣ୍ଡଳୀକୁ ପ୍ରଚାର କରୁଥିଲେ ଯାହାକି ସେମାନେ ଜାଣି ନ ଥିଲେ, ମାତ୍ର ମଣ୍ଡଳୀ ଜାଣିଥିଲେ। ବୁଝିଲେ? ଠିକ୍ ଅଛି।

*କିନ୍ତୁ ଅନ୍ୟମାନେ…କହିଲେ, ଏମାନେ ମିଷ୍ଟ ଦ୍ରାକ୍ଷାରସରେ ମତ୍ତ ହୋଇଅଛନ୍ତି,* ଦେଖନ୍ତୁ ଯେ ସେମାନେ କିପରି ଆଚରଣ କରୁଛନ୍ତି।

*ଅନ୍ୟମାନେ* ବିଦ୍ରୂପ କରି କହିଲେ, *ଏମାନେ…ମତ୍ତ…*

"କିନ୍ତୁ ପିତର…" ସାବଧାନ, ବାଳକ! ତୁମ ପାଖରେ କଞ୍ଚିଗୁଡିକ ଅଛି।

*କିନ୍ତୁ ପିତର, ଏକାଦଶ ସହିତ ଠିଆ ହୋଇ, ଉଚ୍ଚସ୍ୱରରେ ସେମାନଙ୍କ ନିକଟରେ, ବକ୍ତୃତା କରି କହିଲେ,…*

ବର୍ତ୍ତମାନ, ମନେରଖନ୍ତୁ, ଏହା ହେଉଛି ମଣ୍ଡଳୀର ପ୍ରଥମ ଉଦ୍ଘାଟନୀ।

*…ହେ ଯିହୁଦୀ ଲୋକେ, ଓ…ହେ ଯିରୂଶାଲମ* ନିବାସୀ*ସମସ୍ତେ, ଆପଣମାନେ ଏହା ଜ୍ଞାତ ହେଉନ୍ତୁ ଓ ମୋହର କଥାରେ କର୍ଣ୍ଣପାତ କରନ୍ତୁ:*

*କାରଣ* ଆପଣମାନେ *ଯେପରି ମନେ କରୁଅଛନ୍ତି, ଏମାନେ* ସେପରି ମାତାଲ୍ *ନୁହଁନ୍ତି, ଯେଣୁ* ବର୍ତ୍ତମାନ *ସମୟ ସକାଳ ନଅ ଘଣ୍ଟା ମାତ୍ର।*

ମଦଶାଳାଗୁଡିକ ସେତେବେଳେ ଖୋଲା ମଧ୍ୟ ହୋଇ ନ ଥିଲା। ବୁଝିଲେ?

*କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି ଏ ସେହି ଘଟଣା;*

*…ଶେଷକାଳରେ ଏପରି ଘଟିବ ଯେ, ପରମେଶ୍ୱର କୁହନ୍ତି,* ଆମ୍ଭେ *ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା:* ସେଥିରେ *ତୁମ୍ଭର ପୁତ୍ର… କନ୍ୟାମାନେ, ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ:*

*ହଁ ସେହି କାଳରେ ଆମ୍ଭେ ନିଜ ଦାସ…ଦାସୀମାନଙ୍କ* ଉପରେ ଆପଣା *ଆତ୍ମା ବୃଷ୍ଟି କରିବା;…ସେମାନେ ଭାବବାଣୀ କହିବେ:*

*ଆମ୍ଭେ ଊର୍ଦ୍ଧ୍ୱସ୍ଥ* ଆକାଶରେ *ନାନା ଅଦ୍ଭୁତ କର୍ମ, ପୁଣି ଅଧଃସ୍ଥ ପୃଥିବୀରେ ନାନା ଲକ୍ଷଣ;…*

ତେବେ, ଏହା ବର୍ତ୍ତମାନ ପିତର ପ୍ରଚାର କରୁଛନ୍ତି, ଯାହା ପାଖରେ କଞ୍ଚିଗୁଡିକ ରହିଥିଲା।

*…ରକ୍ତ,…ଅଗ୍ନି,…ନିବିଡ଼ ଧୂମ ଦେଖାଇବା:*

*ପ୍ରଭୁଙ୍କର ମହତ୍,…ପ୍ରସିଦ୍ଧ ଦିନର ଆଗମନ ପୂର୍ବରେ, ସୂର୍ଯ୍ୟ ଅନ୍ଧକାରମୟ ଓ ଚନ୍ଦ୍ର ରକ୍ତମୟ ହୋଇଯିବ:*

*ଆଉ ଏପରି ଘଟିବ ଯେ, ଯେକେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ ସେ ପରିତ୍ରାଣ ପାଇବ।*

*ହେ ଇସ୍ରାଏଲୀୟ ଲୋକମାନେ, ଏହିସମସ୍ତ କଥା ଶୁଣନ୍ତୁ; ନାଜରିତୀୟ ଯୀଶୁ, ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ପରମେଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଛନ୍ତି, ତାହା ଦ୍ୱାରା ପରମେଶ୍ୱର...ଆପଣମାନଙ୍କ ମଧ୍ୟରେ ଏହିସମସ୍ତ କର୍ମ କରିଅଛନ୍ତି,... ଆପଣମାନେ...ନିଜେ ଜାଣନ୍ତି:*

ଏକ ଭର୍ତ୍ସନା ବିଷୟରେ କୁହନ୍ତି କି? ତାଙ୍କ ପାଖରେ କଞ୍ଚିଗୁଡିକ ଥିଲା, ଆପଣ ଜାଣନ୍ତି । ହୁଅନ୍ତୁ...

*ସେହି ବ୍ୟକ୍ତି, ପରମେଶ୍ୱରଙ୍କ ନିରୂପିତ ସଂକଳ୍ପ ଓ ପୂର୍ବାଜ୍ଞାନୁସାରେ ସମର୍ପିତ ହୁଅନ୍ତେ,...*

ଆପଣ ସେଠାରେ ଅଛନ୍ତି । ସେ କିପରି ସମର୍ପିତ ହୋଇ ପାରିଥାଆନ୍ତେ? କାରଣ ପରମେଶ୍ୱର ଏହାକୁ ସେହିପରି ଭାବରେ ହେବା ନିମନ୍ତେ ପୂର୍ବରୁ ନିରୂପଣ କରିଥିଲେ । ବୁଝିଲେ? ପରମେଶ୍ୱରଙ୍କ ପୂର୍ବଜ୍ଞାନ!

451 [ଜଣେ ଭାଇ କୁହନ୍ତି, "ପ୍ରସ୍ତୁତ କି?"—ସମ୍ପା ।] କେବଳ ଅଳ୍ପ କିଛି କ୍ଷଣରେ । ସେମାନଙ୍କୁ କୁହନ୍ତୁ, କେବଳ ମାତ୍ର ଗୋଟିଏ ମିନିଟ୍ ରୁହନ୍ତୁ, ଯେପର୍ଯ୍ୟନ୍ତକି ମୁଁ ଶାସ୍ତ୍ର ପଢ଼ିବା ସାରିଦିଏ ।

*...ଆପଣମାନେ ତାହାଙ୍କୁ ଅଧାର୍ମିକମାନଙ୍କ ହସ୍ତ ଦ୍ୱାରା କ୍ରୁଶାରୋପଣ କରି ବଧ କରିଥିଲେ:*

*କିନ୍ତୁ ପରମେଶ୍ୱର ମୃତ୍ୟୁର ବନ୍ଧନ ମୁକ୍ତ, କରି ତାହାଙ୍କୁ ଉଠାଇଅଛନ୍ତି: କାରଣ ସେ ଯେ ମୃତ୍ୟୁ ଦ୍ୱାରା ଆବଦ୍ଧ ରହିବେ...ତାହା ଅସମ୍ଭବ ।*

*ଦାଉଦ ତ ତାହାଙ୍କ ବିଷୟରେ କହନ୍ତି, ମୁଁ ସର୍ବଦା ମୋହର ସମ୍ମୁଖରେ ପ୍ରଭୁଙ୍କୁ ଦର୍ଶନ କରୁଥିଲି...କାରଣ ମୁଁ ଯେପରି ବିଚଳିତ ନ ହୁଏ, ସେଥିପାଇଁ ସେ ମୋହର ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି:*

*ତେଣୁ ମୋହର ହୃଦୟ ପ୍ରଫୁଲ୍ଲ ଓ ମୋହର ଜିହ୍ୱା ଉଲ୍ଲସିତ ହେଲା; ଆହୁରି... ଶରୀର ମଧ୍ୟ ଭରସାରେ ବାସ କରିବ:*

*କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ ।*

*ତୁମ୍ଭେ ମୋତେ—ମୋତେ ଜୀବନର ପଥ, ମୋତେ ଜୀବନର ପଥ ଜ୍ଞାତ... କରାଇଅଛ; ତୁମ୍ଭେ ଆପଣା ଛାମୁରେ ମୋତେ ଆନନ୍ଦରେ ପୂର୍ଣ୍ଣ କରିବ ।*

*ହେ ଭାଇମାନେ, ପିତୃକୁଳପତି ଦାଉଦଙ୍କ ବିଷୟରେ ମୁଁ ଆପଣମାନଙ୍କୁ ମୁକ୍ତ କଣ୍ଠରେ କହିପାରେ ଯେ,...ସେ ମଲେ ପୁଣି ସମାଧିପ୍ରାପ୍ତ ହେଲେ, ଆଉ ତାଙ୍କର ସମାଧି ଆଜି...ଆମ୍ଭମାନଙ୍କ ମଧ୍ୟରେ ଅଛି ।*

*ତଥାପି ସେ ଭାବବାଦୀ ହେବାରୁ, ଏବଂ ତାଙ୍କ ଔରସଜାତ ଜଣେ ବ୍ୟକ୍ତିଙ୍କି ପରମେଶ୍ୱର...*

ମୁଁ ଏହାକୁ ଠିକ ପ୍ରଚାର କରି ସାରିଛି ।

*...ଯେ ତାଙ୍କ—ତାଙ୍କ ସିଂହାସନରେ ବସାଇ,ବାକୁ...ତାଙ୍କ ନିକଟରେ, ଶପଥ କରି ପ୍ରତିଜ୍ଞା କରିଥିଲେ;*

ଠିକ ତାହାହିଁ ଯାହାକି ମୁଁ ପ୍ରଚାର କରିଅଛି । ପିତର ସେହି ସମାନ ବିଷୟକୁ ପ୍ରଚାର କରୁଛନ୍ତି ।

ଏହା *ଜାଣିବାରୁ ସେ ଭବିଷ୍ୟଦ୍‌ଦର୍ଶନ ଦ୍ୱାରା* (ଭବିଷ୍ୟଦ୍‌ବକ୍ତା ଏହାକୁ ପୂର୍ବରୁ ଦେଖିଥିଲେ ।) *ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ବିଷୟରେ କହିଥିଲେ, କାରଣ ସେ ପାତାଳରେ ପରିତ୍ୟକ୍ତ ହେଲେ ନାହିଁ, କିଅବା* ତାହାଙ୍କ ଶରୀର *କ୍ଷୟ ପାଇଲା ନାହିଁ ।*

*ଏହି ଯୀଶୁଙ୍କୁ ପରମେଶ୍ୱର ଉଠାଇଅଛନ୍ତି, ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ ।*

*ଅତଏବ, ସେ* ପରମେଶ୍ୱରଙ୍କ *ଦକ୍ଷିଣ ହସ୍ତ ଦ୍ୱାରା ଉନ୍ନତ, ଓ...*ପରମେଶ୍ୱରଙ୍କ *ଦକ୍ଷିଣ ହସ୍ତ* ଦ୍ୱାରା ଉନ୍ନତ, *ପିତାଙ୍କଠାରୁ ପ୍ରତିଜ୍ଞାତ...*ପବିତ୍ରଆତ୍ମା ପ୍ରାପ୍ତ ହୋଇ, *ଏହି ଯାହା ଆପଣମାନେ ଦେଖୁଅଛନ୍ତି ଓ ଶୁଣୁଅଛନ୍ତି,* ତାହା *ସେ...ବୃଷ୍ଟି କରିଅଛନ୍ତି ।*

*କାରଣ ଦାଉଦ ସ୍ୱର୍ଗାରୋହଣ କରି ନ ଥିଲେ,* (ସେହି ଭବିଷ୍ୟଦ୍‌ବକ୍ତା): *କିନ୍ତୁ ସେ ନିଜେ କହନ୍ତି, ପ୍ରଭୁ ମୋହର ପ୍ରଭୁଙ୍କୁ କହିଲେ, ଆମ୍ଭେ ଯେପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦପୀଠ କରି ନାହୁଁ,*

*ସେପର୍ଯ୍ୟନ୍ତ ଆମ୍ଭର ଦକ୍ଷିଣରେ ବସି ଥାଅ ।*

*ଅତଏବ* (ଏହି କଥା ଶୁଣନ୍ତୁ) *ସମସ୍ତ ଇସ୍ରାଏଲକୁଳ ନିଶ୍ଚୟ ଜାଣନ୍ତୁ ଯେ,* ଯେଉଁ *ଯୀଶୁଙ୍କୁ ଆପଣମାନେ କୃଶରେ,* ତାହାଙ୍କୁ ପରମେଶ୍ୱର...*ପ୍ରଭୁ ଓ ଖ୍ରୀଷ୍ଟ, ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ।*

ତାହା ସମାଧାନ କରିଦେବା ଉଚିତ୍, କଅଣ ନୁହେଁ କି?

*ଏହି କଥା ଶୁଣି ସେମାନଙ୍କ,* ସେହି ପାପୀମାନଙ୍କର, *ହୃଦୟ ବିଦୀର୍ଣ୍ଣ* ହୋଇଗଲା, *ପୁଣି ସେମାନେ ପିତରଙ୍କୁ କହିଲେ...ପୁରୁଷ...*ଏବଂ *ପିତର ଓ...ଅବଶିଷ୍ଟ...*ପ୍ରେରିତମାନଙ୍କୁ *କହିଲେ, ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରିବା?*

452 ଠିକ୍ ଅଛି । ଏଇଠି ଆପଣ ଅଛନ୍ତି । ତାଙ୍କ ପାଖରେ କଅଣ ଅଛି? କଞ୍ଚି, ସେହି ରାଜ୍ୟର କଞ୍ଚି । ରାଜ୍ୟ କେଉଁଠାରେ ଅଛି? ଏହା ଆପଣଙ୍କ ଭିତରେ ଅଛି । କଅଣ ତାହା ଠିକ୍? ପବିତ୍ରଆତ୍ମା ହେଉଛନ୍ତି ପରମେଶ୍ୱରଙ୍କ ରାଜ୍ୟ । ଆମେ ତାହା ଜାଣୁ । ଆମେ ସେହି ରାଜ୍ୟରେ ପ୍ରଜା ଏବଂ ପ୍ରତିନିଧୀ ଭାବରେ, ଜନ୍ମଗ୍ରହଣ କରିଥାଉ । ଦେଖନ୍ତୁ । ସେ ତାଙ୍କ ପାର୍ଶ୍ୱରେ ଚାବି ରଖିଛନ୍ତି । "ଆପଣ ଏହା ସହିତ କଅଣ କରିବାକୁ ଯାଉଛନ୍ତି?" ଏହା ପ୍ରଥମ ଥର ପାଇଁ ଅଟେ ଯେ ଦ୍ୱାର କେବେ ଖୋଲା ଯାଇଥିଲା ।

453 ତେବେ, ସେହି ପ୍ରଶ୍ନଟି, ସେହି ପ୍ରଚାରକଙ୍କୁ ପ୍ରଥମ ଥର ପାଇଁ ପଚରାଗଲା, ସେହି ଜଣକାକୁ ଯାହାଙ୍କ ପାଖରେ କଞ୍ଚି ଥିଲା । ମୁଁ ବିଶ୍ୱାସ କରେ ଯଦି ସେ କହିଥାଆନ୍ତେ, "ନିଜ ମୁଣ୍ଡରେ ଛିଡ଼ା ହୁଅ," ତାହା ଆଧିକାରିକ ହୋଇଥାଆନ୍ତା ।

454 "ତୁମେ ପୃଥିବୀରେ ଯାହା ବି ବାନ୍ଧିବ, ମୁଁ ସ୍ୱର୍ଗରେ ତାହା ବାନ୍ଧିବି ।" ଠିକ୍ ଅଛି । "ତୁମେ ଯାହା କହିବ, ମୁଁ ସେହି ସମାନ କଥା କହିବାକୁ ଯାଉଅଛି । ତୁମ ପାଖରେ କଞ୍ଚି ଅଛି ।" ଠିକ୍ ଅଛି । ସେ ସେହି କଞ୍ଚିଟିକୁ ଦ୍ୱାର ଭିତରକୁ ଖଞ୍ଜିଲେ ।

> ...ତୁମେମାନେ କଅଣ କରିବ? *ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରିବା?*
>
> *ଏହି କଥା ଶୁଣି,* ସେମାନଙ୍କର *ହୃଦୟ ବିଦୀର୍ଣ୍ଣ ହୋଇଗଲା, ଏବଂ କହିଲେ... ପୁରୁଷ ଓ ଭାଇମାନେ,...*
>
> *...ପିତର ସେମାନଙ୍କୁ କହିଲେ, ଆପଣମାନେ ମନଃପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ* ଆପଣମାନେ *ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।*
>
> *କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ, ପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଆପଣା ନିକଟକୁ ଡାକିବେ ।*

ତାହା ସବୁଦିନ ପାଇଁ ସମାଧାନ କରିଦେଲା । କୌଣସି ବ୍ୟକ୍ତି କେବେ, କୌଣସି ସମୟରେ ହେଲେ, କେବେ ତାହାକୁ ବିରୋଧ କରିପାରନ୍ତି ନାହିଁ ।

455 କ୍ୟାଥୋଲିକ୍ ମଣ୍ଡଳୀ ଆସିଲା, ବୁଡ ପକାଇବା ପରିବର୍ତ୍ତେ, ସେମାନେ ଛିଞ୍ଚଣ କଲେ । ଯୀଶୁଙ୍କ ନାମ ବ୍ୟବହାର କରିବା ପରିବର୍ତ୍ତେ, ସେମାନେ ଗ୍ରହଣ କଲେ, "ପିତା, ପୁତ୍ର, ଏବଂ ପବିତ୍ରଆତ୍ମା ।" ବାଇବଲରେ ତାହା କଦାପି ଶିକ୍ଷା ଦିଆଯାଇ ନ ଥିଲା ।

456 ସେହି ଦିନଠାରୁ, ପ୍ରତ୍ୟେକ ବ୍ୟକ୍ତି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଡୁବିତ ହୋଇ ବାପ୍ତିଜିତ ହୋଇଥିଲେ । ଆଉ କେତେକ ଲୋକେ ବାପ୍ତିଜକ ଯୋହନଙ୍କ ଦ୍ୱାରା ଡୁବନ ପାଇଥିଲେ, ଯିଏକି ଯୀଶୁଙ୍କୁ ବାପ୍ତିସ୍ମ ଦେଇଥିଲେ, ଏବଂ ପାଉଲ ସେମାନଙ୍କୁ କହିଲେ ଯେ ସେମାନେ

ସେହିପରି ଭାବରେ ପବିତ୍ରଆତ୍ମା ଗ୍ରହଣ କରିପାରିବେ ନାହିଁ । ଏହା ପୂର୍ବେକି ସେମାନେ ପବିତ୍ରଆତ୍ମା ଗ୍ରହଣ କରିପାରନ୍ତେ, ସେମାନଙ୍କୁ ଫେରି ଆସି ପୁନର୍ବାର, ଯୀଶୁଙ୍କ ନାମରେ, ପୁନଃବାପ୍ତିଜିତ ହେବାକୁ ପଡିଥିଲା । କେତେ ଜଣ ଜାଣନ୍ତି ଯେ ତାହା ଶାସ୍ତ୍ର ଅଟେ? ପ୍ରେରିତ କ୍ରିୟା, ତାହାର ୧୨ଶ ପର୍ବ । ଆପଣ ସେଠାରେ ଅଛନ୍ତି । କାରଣ, ସ୍ୱର୍ଗରାଜ୍ୟ ଅନ୍ୟ କୌଣସି ଉପାୟରେ, ଯୀଶୁ ଖ୍ରୀଷ୍ଟଙ୍କ ଶପଥ ଦ୍ୱାରା ମୁଦ୍ରାଙ୍କିତ କରାଯାଇଥିଲା, ଯେପରିକି ତାହା ସ୍ୱର୍ଗରେ ଆଧିକାରିକ ହୁଏ ।

> ...*ଆପଣମାନେ ମନଃପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ,*... ତାହାହେଲେ *ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।*
>
> କାରଣ, *ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ,... ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ, ପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଆପଣା ନିକଟକୁ ଡାକିବେ ।*

ଆମେନ୍ । ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

457 ପିତା ପରମେଶ୍ୱର, ଆଜି ରାତି, ଉଣେଇଶ ଶହ ଏବଂ କେତେକ ବର୍ଷ ଅତିବାହିତ ହୋଇଯାଇଅଛି, ତଥାପି ମାନବ ହୃଦୟର ବିଶ୍ୱସ୍ତତା ଏବଂ ଅଖଣ୍ଡତା ଏବେ ମଧ୍ୟ ପରମେଶ୍ୱରଙ୍କ ନିମନ୍ତେ କ୍ରନ୍ଦନ କରୁଅଛି, ଯେପରିକି ଛୁଆମାନେ ସେମାନଙ୍କର ମାତାର ସ୍ତନକ୍ଷୀର ପାଇଁ କ୍ରନ୍ଦନ କରନ୍ତି । ହେ ପ୍ରଭୁ, ଆମେ ତୁମକୁ ପ୍ରେମ କରୁ । ଆମେ ତୁମ ବିନା ବଞ୍ଚି ରହିପାରିବୁ ନାହିଁ । ଯେପରି ଦାଉଦ କହିଥିଲେ, "ହରିଣୀ ଯେମିତି ଜଳଧାରା ପାଇଁ ଧକାଏ, ମୋ ପ୍ରାଣ ସେପରି ତୁମ ପାଇଁ ଧକାଏ ।" ତାହାକୁ ନିଶ୍ଚୟ ତାହା ପାଇବାକୁ ଅଛି, ଅନ୍ୟଥା ମରିଯିବ ।

458 ଏବଂ, ପିତା, ଆମେ ଶାସ୍ତ୍ରକୁ ତନ୍ନ ତନ୍ନ କରି, ଆଗ ପଛ ଖୋଜିଅଛୁ । ଅଲଗା ହେବା ଉଦ୍ଦେଶ୍ୟରେ ନୁହେଁ, ମାତ୍ର ଆମେ ଆଜି ଏହି ସେମିନାରୀଗୁଡିକୁ, ଏହି ଧର୍ମଶାସ୍ତ୍ର ଶିକ୍ଷା କରିଥିବା ଛାତ୍ରମାନଙ୍କୁ ଦେଖୁଅଛୁ, ଯେଉଁମାନେକି ପରେମଶ୍ୱରଙ୍କ ଆଜ୍ଞାସକଳ ଅନୁସାରେ ନୁହେଁ, ବରଂ ମନୁଷ୍ୟମାନଙ୍କର ଆଜ୍ଞାଗୁଡିକ ଅନୁସାରେ ପ୍ରଚାର କରନ୍ତି । ଅତଏବ, ପ୍ରଭୁ, ଆମେ ସେହି ଲୋକମାନଙ୍କୁ ଘୃଣା କରୁ ନାହୁଁ, ମାତ୍ର ଆମେ ସେହି ବିଷୟଗୁଡିକୁ ଘୃଣା କରୁ ଯାହା ସେମାନେ ଶିକ୍ଷା ଦିଅନ୍ତି । ତେଣୁକରି, ହେ ପ୍ରଭୁ, ଆମେ ପ୍ରାର୍ଥନା କରୁଛୁ ଯେ ସେମାନେ ଆମର ଭାଇ ହୋଇଯାଆନ୍ତୁ । ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ସେମାନଙ୍କୁ ସେମାନଙ୍କର ତ୍ରୁଟି କ୍ଷମା କରିଦେବ । ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ସେମାନେ ଶାସ୍ତ୍ରକୁ ଆସିବେ, ଏହାକୁ ପାଠ କରିବେ, କୌଣସି ସେମିନାରୀ ଯେପରି ଶିକ୍ଷା ଦିଏ ସେହି ପ୍ରକାରେ ନୁହେଁ, ମାତ୍ର ସେହି ଅନୁସାରେ ଯେପରିକି ପରମେଶ୍ୱର ଏହାକୁ ଲେଖି ଅଛନ୍ତି ।

459 ବର୍ତ୍ତମାନ, ଆମେ ପ୍ରାର୍ଥନା କରୁଛୁ ଯେ, ହେ ପରେମଶ୍ୱର, ଏହି ପ୍ରାର୍ଥୀମାନେ

ଯେଉଁମାନେକି ଆଜି ରାତିରେ ଜଳର ବାପ୍ତିସ୍ମ ପାଇଁ ଆସୁଛନ୍ତି, ଯେପରିକି ଆମର ମହାନ ପାଳକ ସୁସମାଚାର ପ୍ରଚାର କରିବା ନିମନ୍ତେ, ଏଠାରୁ ଏହି ପ୍ରଚାର ମଞ୍ଚକୁ ଯାଆନ୍ତି, ଏହି ସମାନ ସୁସମାଚାର, ଏବଂ ତାହାପରେ ବାପ୍ତିସ୍ମ ଜଳକୁଣ୍ଡକୁ ଯାଆନ୍ତି, କବର ଦେବା ନିମନ୍ତେ, ପ୍ରଭୁ, ଏହା ପ୍ରଦାନ କର, ଯେ ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ପବିତ୍ରଆତ୍ମା ପ୍ରାପ୍ତ ହେବେ, କାରଣ ତୁମେ ସେହି ପ୍ରତିଜ୍ଞା ଦେଇଅଛ, "ତୁମେ ପବିତ୍ରଆତ୍ମା ପ୍ରାପ୍ତ ହେବ।" ଏହା ହେଉ ଯେ ଆଜି ରାତି ପରେମଶ୍ୱରଙ୍କ ଆତ୍ମା ଜଳର ଶୀର୍ଷରେ, ସେହି ପ୍ରାର୍ଥୀକୁ ଗ୍ରହଣ କରିବା ନିମନ୍ତେ ଅପେକ୍ଷା କରନ୍ତୁ, ଯେହେତୁ ଆମେ ସେମାନଙ୍କୁ ତୁମ ହସ୍ତରେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସମର୍ପଣ କରୁଅଛୁ। ଆମେନ୍।

57-0922E ଏବ୍ରୀ, ସପ୍ତମ ଅଧ୍ୟାୟ ଭାଗ #2
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2022 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।
ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org